# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, May 30/2023 | Page 16 | ₹ 7.00

୪୯ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 184 | ମୂଲ୍ୟ₹୭/-



सेवा, सुशासन और गरीब कल्याण
९ साल




# ୯ ବର୍ଷ ନବନିର୍ମାଣର , ଗରିବ କଲ୍ୟାଣର

## ଗରିବଙ୍କ ସେବା, ବଞ୍ଚିତଙ୍କୁ ସମ୍ମାନ

- ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାଶନ
- ଗରିବଙ୍କ ସମ୍ମାନ ବୃଦ୍ଧି, ୩ କୋଟି ପରିବାରକୁ ପକ୍କା ଘର ପ୍ରଦାନ
- ୧୧.୭୨ କୋଟି ଶୌଚାଳୟ ନିର୍ମାଣ, ବଢ଼ିଛି ସୁରକ୍ଷା ଓ ସ୍ୱାଭିମାନ
- ୧୨ କୋଟି ଘରେ ପହଞ୍ଚିଛି ସ୍ୱଚ୍ଛ ଜଳ



## ନାରୀ ଶକ୍ତି, ଦେଶର ଉନ୍ନତି



- ମହିଳାଙ୍କୁ ମିଳିଛି ଧୂଆଁରୁ ମୁକ୍ତି, ୯.୬ କୋଟିରୁ ଅଧିକ ଉଜ୍ଜ୍ୱଳା କନେକ୍ସନ୍
- ମହିଳାଙ୍କୁ ମିଳିଛି ସମ୍ମାନ, ସଶସ୍ତ୍ର ବଳରେ ମିଳିଛି ସ୍ଥାନ
- ୨୭ କୋଟିରୁ ଅଧିକ ମହିଳାଙ୍କୁ ମିଳିଛି ମୁଦ୍ରାର ଶକ୍ତି
- ସବୈତନିକ ମାତୃତ୍ୱ ଛୁଟି ୧୨ରୁ ୨୬ ସପ୍ତାହକୁ ବୃଦ୍ଧି

## ଯୁବଶକ୍ତିଙ୍କ ଆକାଂକ୍ଷା ପୂର୍ତ୍ତି

- ଆଜି ଭାରତରେ ପ୍ରତିଦିନ ଦୁଇଟି କଲେଜ ଓ ପ୍ରତି ସପ୍ତାହରେ ଗୋଟିଏ ୟୁନିଭର୍ସିଟି ସ୍ଥାପିତ
- ବିଗତ ୯ ବର୍ଷରେ ଦେଶରେ ମେଡିକାଲ କଲେଜଗୁଡ଼ିକର ସଂଖ୍ୟା ୩୮୭ରୁ ୬୯୩କୁ ବୃଦ୍ଧି ପାଇଛି
- ବିଗତ ୯ ବର୍ଷରେ ଦେଶରେ ୭ଟି ନୂଆ ଆଇଆଇଏମ୍ ଏବଂ ୭ଟି ନୂଆ ଆଇଆଇଟି ସ୍ଥାପିତ
- ପିଏମ୍ କୌଶଳ ବିକାଶ ଯୋଜନାରୁ ୧.୩୭ କୋଟିରୁ ଅଧିକ ଯୁବବର୍ଗଙ୍କୁ ପ୍ରଶିକ୍ଷଣ
- ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି, ଦେଶରେ ବର୍ତ୍ତମାନ ୯୭ ହଜାରରରୁ ଅଧିକ ଷ୍ଟାର୍ଟଅପ୍, ୧୦୦ରୁ ଅଧିକ ୟୁନିକର୍ନ



## ସୁନିଶ୍ଚିତ ହେଉଛି ଚାଷୀଙ୍କ କଲ୍ୟାଣ



- ପିଏମ୍ କିଷାନ ଦ୍ୱାରା ୧୧ କୋଟିରୁ ଅଧିକ ଚାଷୀଙ୍କୁ ବାର୍ଷିକ ₹୬ ହଜାର
- ନଅ ବର୍ଷରେ କୃଷି ବଜେଟରେ ପାଖାପାଖି ୬ ଗୁଣା ବୃଦ୍ଧି
- ପିଏମ୍ ଫସଲ ବୀମା ଯୋଜନା ଦ୍ୱାରା କୃଷକ ସାଥୀଙ୍କୁ ₹୧.୩୩ ଲକ୍ଷ କୋଟି ପରିଶୋଧ କରାଯାଇଛି
- ନିମ କୋଟେଡ୍ ୟୁରିଆ, ସଏଲ୍ ହେଲ୍ଥ କାର୍ଡ, ସେଚନ ଯୋଜନା, ଇ-ନାମ୍ ଭଳି ଅନେକ ପଦକ୍ଷେପ ଚାଷୀଙ୍କ ଜୀବନକୁ ସହଜ କରୁଛି

## ସମସ୍ତଙ୍କ ପାଇଁ ସହଜ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା

- ବିଗତ ୯ ବର୍ଷରେ ଏମ୍ସର ସଂଖ୍ୟା ୮ରୁ ୨୩କୁ ବୃଦ୍ଧି ପାଇଛି
- ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୫୦ କୋଟି ଲୋକଙ୍କୁ ବାର୍ଷିକ ₹୫ ଲକ୍ଷର ମାଗଣା ଚିକିତ୍ସାର ଆଶ୍ୱସ୍ତି
- ଜନ-ଔଷଧୀ କେନ୍ଦ୍ରଗୁଡ଼ିକରେ ୫୦%ରୁ ୯୦% ପର୍ଯ୍ୟନ୍ତ ଶସ୍ତା ମୂଲ୍ୟରେ ଉତ୍ତମ ଗୁଣମାନର ଔଷଧ ଉପଲବ୍ଧ, ଏବେ ସୁଦ୍ଧା ଉପଭୋକ୍ତାଙ୍କ ₹୨୦ ହଜାର କୋଟି ସଞ୍ଚୟ



## ଆଧୁନିକ ଭିତ୍ତିଭୂମି, ହେଉଅଛି ଆହୁରି ଉତ୍ତମ



- ସାରା ଦେଶରେ ୧୮ଟି ସେମି ହାଇ-ସ୍ପିଡ୍ ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ
- ବିଗତ ୯ ବର୍ଷରେ ବିମାନବନ୍ଦରର ସଂଖ୍ୟା ଦ୍ୱିଗୁଣିତ, ୭୪ରୁ ୧୪୮କୁ ବୃଦ୍ଧି
- ମେଟ୍ରୋ ରେଳ ନେଟ୍‌ୱର୍କ ୫ ସହରରୁ ବୃଦ୍ଧି ପାଇ ୨୦ ସହରରେ ପହଞ୍ଚିଛି
- ଦୁଇଗୁଣା ବେଗରେ ୫୩ ହଜାର କିଲୋମିଟରରୁ ଅଧିକ ହାଇୱେର ନିର୍ମାଣ
- ବିଗତ ୯ ବର୍ଷରେ ଗ୍ରାମଗୁଡ଼ିକର ସଂଯୋଗୀକରଣ ପାଇଁ ୩ ଲକ୍ଷ ୫୩ ହଜାର କିଲୋମିଟରରୁ ଅଧିକ ସଡ଼କ ନିର୍ମାଣ

## ବିଶ୍ୱରେ ନିରନ୍ତର ବଢ଼ୁଛି ଦେଶର ନାମ

- ଭାରତର ମୋଟ ରପ୍ତାନି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି
- ଭାରତର ଜି-୨୦ ଅଧକ୍ଷତା ବୈଶ୍ୱିକ ସମସ୍ୟାଗୁଡ଼ିକର ସମାଧାନକୁ ଦେଉଛି ନୂଆ ଦିଗନ୍ତ
- ଶତାବ୍ଦୀର ସବୁଠାରୁ ବଡ଼ ମହାମାରୀ ସମୟରେ ଭ୍ୟାକ୍ସିନ୍ ମୈତ୍ରୀରୁ ୧୦୦ରୁ ଅଧିକ ଦେଶକୁ ଭ୍ୟାକ୍ସିନ୍ ଯୋଗାଣ
- ଅନ୍ତର୍ଜାତୀୟ ଯୋଗ ଦିବସର, ଅନ୍ତର୍ଜାତୀୟ ସୋଲାର୍ ଏଲାଏନ୍ସ, ମିଶନ୍ ଲାଇଫ୍, ଅନ୍ତର୍ଜାତୀୟ ମିଲେଟ୍‌ସ ବର୍ଷ ଭଳି ପଦକ୍ଷେପ ବିଶ୍ୱ ପଟଳରେ ଭାରତର ଅଗ୍ରଣୀ ଭୂମିକାକୁ ରେଖାଙ୍କିତ କରୁଛି



## ଐତିହ୍ୟ ଏବଂ ବିକାଶ



- ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିରର ନିର୍ମାଣ ପ୍ରଗତି ପଥରେ
- ସାଂସ୍କୃତିକ-ଆଧ୍ୟାତ୍ମିକ ଐତିହ୍ୟଗୁଡ଼ିକର ପୁନଃନିର୍ମାଣରୁ ଦେଶବାସୀଙ୍କୁ ମିଳିଛି ଆସ୍ଥାର ବଳ
- ଚୋରି ହୋଇଯାଇଥିବା ୨୩୦ରୁ ଅଧିକ ଅମୂଲ୍ୟ କଳାକୃତିକୁ ଭାରତକୁ ଫେରାଇ ଅଣାଯାଇଛି
- ଆଜି ଦେଶ ଗୋଲାମୀର ପ୍ରତୀକଗୁଡ଼ିକରୁ ମୁକ୍ତି ପାଇ ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି

"ଆଜି ନୂଆ ଭାରତ, ନୂଆ ଲକ୍ଷ୍ୟ ହାସଲ କରୁଛି, ନୂଆ ରାସ୍ତା ଗଢ଼ୁଛି । ନୂଆ ସ୍ଫୂର୍ତ୍ତି ଅଛି, ନୂଆ ଉଲ୍ଲାସ ଅଛି । ନୂଆ ଯାତ୍ରା ଅଛି, ନୂଆ ଚିନ୍ତାଧାରା ଅଛି । ନୂଆ ଦିଗନ୍ତ ଅଛି, ନୂଆ ଦୃଷ୍ଟି ଅଛି । ନୂଆ ସଂକଳ୍ପ ଅଛି, ନୂଆ ବିଶ୍ୱାସ ଅଛି ।" ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଅଧିକ ସୂଚନା ପାଇଁ NaMo Appକୁ ଯାଆନ୍ତୁ କିମ୍ବା QR Code ସ୍କାନ୍ କରନ୍ତୁ

cbc 22201/13/0026/2324

## ସଂକ୍ଷେପରେ

### କାର୍-ବସ୍ ମୁହାଁମୁହିଁ ଧକ୍କା: ୧୦ ମୃତ

**ବେଙ୍ଗାଲୁରୁ, ୨୯।୫:** କର୍ନାଟକର ମହୀଶୂରରେ ଏକ କାର୍ ଏବଂ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଶିଶୁଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ଇନୋଭା କାରର ଜଣେ ଯାତ୍ରୀ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ମୃତଦେହଗୁଡ଼ିକ ଏହା ଭିତରେ ଚାପିହୋଇ ରହିଯାଇଥିଲା। ଇନୋଭାରେ ଯାଉଥିବା ଲୋକମାନେ ବେଲାରୀ ଅଞ୍ଚଳର। ସେମାନେ ମାଲେ ମାଦେଶ୍ୱର ମନ୍ଦିର ଦର୍ଶନ ସାରି ମହୀଶୂର ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ୮ ଶ୍ରମିକଙ୍କ ମୃତ୍ୟୁ

**ଧାନବାଦ, ୨୯।୫(ଆଇଏଏନ୍ଏସ୍):** ଝାଡ଼ଖଣ୍ଡ ଧାନବାଦ ଜିଲାର ନିଚିତପୁର ରେଲୱେ ଗେଟ୍ ନିକଟରେ ସୋମବାର ଖୁଣ୍ଟ ପୋତୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ୮ ଶ୍ରମିକ ପ୍ରାଣ ହରାଇଛନ୍ତି। ଶ୍ରମିକମାନେ ଖୁଣ୍ଟକୁ ପୋତିବା ପାଇଁ ଉଦ୍ୟମ କରୁଥିବାବେଳ ତାହା ୨୫,୦୦୦ ଭୋଲ୍ଟ ହାଇଟେନ୍ସନ ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ହାୱଡ଼ା-ନୂଆଦିଲ୍ଲୀ ରେଲଲାଇନର ଧାନବାଦ ଏବଂ ଗୋମୋହ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ବିଦ୍ୟୁତ୍ ଦୁର୍ଘଟଣା ଘଟିଛି। ଏଥିରେ ଅନ୍ୟ କେତେଜଣ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହି ରୁଟ୍ ଦେଇ ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେଶନରେ ଅଟକା ଯାଇଥିଲା।

### ପୁଟିନ୍‌ଙ୍କ ସହ ବୈଠକ ପରେ ହସ୍ପିଟାଲରେ ବେଲାରୁଷ୍ ରାଷ୍ଟ୍ରପତି


ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ

**ମସ୍କୋ, ୨୯।୫:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ରୁଦ୍ଧଦ୍ୱାର ବୈଠକ ପରେ ତାଙ୍କ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବେଲାରୁଷର ବିରୋଧୀ ଦଳ ନେତା ଏହି ସୂଚନା ଦେଇଛନ୍ତି। ମସ୍କୋର ସେଣ୍ଟ୍ରାଲ କ୍ଲିନିକାଲ ହସ୍ପିଟାଲରେ ଲୁକାଶେଙ୍କୋଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ୨୦୨୦ର ରାଷ୍ଟ୍ରପତି ପ୍ରାର୍ଥୀ ଭାଲେରି ସେପ୍‌କାଲୋ କହିଛନ୍ତି। ତେବେ ରୁଷିଆ କିମ୍ବା ହସ୍ପିଟାଲ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ।

### ସିଭିସି ଭାବେ ଶପଥ ନେଲେ ପ୍ରବୀଣ କୁମାର



**ନୂଆଦିଲ୍ଲୀ, ୨୯।୫(ପି.ଟି.):** ଭିଜିଲାନ୍ସ କମିଶନର ଥିବା ପ୍ରବୀଣ କୁମାର ଶ୍ରୀବାସ୍ତବ ସୋମବାର ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର (ସିଭିସି) ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ। ସିଭିସି ଭାବେ ସୁରେଶ ଏନ୍ ପଟେଲଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଶ୍ରୀବାସ୍ତବ ଗତବର୍ଷ ଡିସେମ୍ବରରୁ କାର୍ଯ୍ୟକାରୀ ସିଭିସି ଭାବେ କାର୍ଯ୍ୟ କରିଆସୁଥିଲେ। ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସିଭିସିଙ୍କ ନେତୃତ୍ୱରେ ପରିଚାଳିତ କମିଶନ୍‌ରେ ସର୍ବାଧିକ ଦୁଇଜଣ ଭିଜିଲାନ୍ସ କମିଶନର ରହିପାରିବେ। ପୂର୍ବତନ ଗୋଇନ୍ଦା ବ୍ୟୁରୋ (ଆଇବି) ମୁଖ୍ୟ ଅରବିନ୍ଦ କୁମାର ବର୍ତ୍ତମାନ ଏକମାତ୍ର ଭିଜିଲାନ୍ସ କମିଶନର ଅଛନ୍ତି। ୧୯୮୮ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡରର ଆଇଏଏସ୍ ଅଫିସର ଶ୍ରୀବାସ୍ତବ ଗତବର୍ଷ ଜାନୁଆରୀ ୩୧ରେ କ୍ୟାବିନେଟ ସଚିବାଳୟର ସମନ୍ୱୟ ସଚିବ ଭାବେ ଅବସର ଗ୍ରହଣ କରିଥିଲେ।


ଜମ୍ମୁ-କଶ୍ମୀରର ପୁଞ୍ଚ୍‌ରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ବଳ ପକ୍ଷରୁ ସୋମବାର ତଲାସି ଅଭିଯାନ ଚାଲିଛି।

# ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାହା

## ବନ୍ଧୁକ ସହ ୨୫ ଗିରଫ

ନୂଆଦିଲ୍ଲୀ/ଇମ୍ଫାଲ, ୨୯।୫


ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା


ଇମ୍ଫାଲରେ ରବିବାର ସେନା ଉଗ୍ରପନ୍ଥୀ ସଂଘର୍ଷ ବେଳେ ଲାଗିଥିବା ନିଆଁକୁ ଲୋକେ ଲିଭାଉଛନ୍ତି।

ହିଂସା ପ୍ରଭାବିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ପହଞ୍ଚିଛନ୍ତି। ତାଙ୍କର ଏହି ୪ ଦିନିଆ ଗସ୍ତ ଅବସରରେ ସେ ବିଭିନ୍ନ ନେତା, ପଦାଧିକାରୀଙ୍କୁ ଭେଟି ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବେ। ଏଥିସହିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଲାଗି ସେ ମେଇତି ଏବଂ କୁକି ସମ୍ପ୍ରଦାୟଙ୍କୁ ଏକାଠି କରିବେ ବୋଲି କୁହାଯାଉଛି। ଶାହାଙ୍କ ସହ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲା, ଅନ୍ୟ ବରିଷ୍ଠ ଅଧିକାରୀମାନେ ଯାଇଛନ୍ତି। ରାଜ୍ୟର ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବା ନିଷ୍ପତ୍ତିକୁ ବିରୋଧ କରି କୁକି ଆଦିବାସୀ ସମ୍ପ୍ରଦାୟ ବିକ୍ଷୋଭ କରିବାରୁ ଏହା ସଂଘର୍ଷର ରୂପ ନେଇଥିଲା। ଚଳିତ ମାସ ଆରମ୍ଭରୁ ଏହି ଜାତିଗତ ହିଂସାକାଣ୍ଡରେ ୭୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ବହୁ ଗୃହଦାହ ସାଙ୍ଗକୁ ବିପୁଳ ସମ୍ପତ୍ତି ନଷ୍ଟ ହୋଇଛି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଛନ୍ତି। ହିଂସା ପରେ ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ମେଇତି ଓ କୁକି ସମ୍ପ୍ରଦାୟରୁ ବାର୍ତ୍ତା ଆସିଛି। ଶାହାଙ୍କ ଗସ୍ତ ଶାନ୍ତି ଫେରାଇ ଆଣିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମଣିପୁର ସଂହତି ସମନ୍ୱୟ କମିଟି କହିଛି। ସେହିପରି ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ ଏବଂ କୁକି ଜାତୀୟ ସଂଗଠନ ମଧ୍ୟ ଶାହାଙ୍କ ଗସ୍ତକୁ ସ୍ୱାଗତ କରିଛନ୍ତି।

ଶାହାଙ୍କ ଗସ୍ତ ପୂର୍ବରୁ ମଣିପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ଇଷ୍ଟ ଇମ୍ଫାଲ ଜିଲାରେ ସୁରକ୍ଷା ବଳ ଉପରେ ଆକ୍ରମଣ ଯୋଜନା କରିଥିବା ୨୫ ଜଣ ସଶସ୍ତ୍ର ଲୋକଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ନିର୍ଦ୍ଦିଷ୍ଟ ଗୋଇନ୍ଦା ତଥ୍ୟକୁ ଆଧାର କରି ସଶସ୍ତ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯାଇଛି। ସେମାନେ ସାନାସାବି, ଗବାଲଟାବି ଓ ଶାବୁନ୍‌ଖୋଲ ଖୁନାଓରେ ଗୃହଦାହ ସହ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ୫ଟି ୧୨ ବୋର୍ ଡବଲ ବ୍ୟାରେଲ୍ ରାଇଫଲ, ୩ଟି ସିଙ୍ଗଲ୍ ବ୍ୟାରେଲ୍ ରାଇଫଲ, ଗୋଟିଏ ଦେଶୀ ବନ୍ଧୁକ, ଇନ୍‌ସାସ୍ ରାଇଫଲ, ୬୦ ରାଉଣ୍ଡ ଗୁଳି, ଚାଇନା ନିର୍ମିତ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଗୋଟିଏ ଡିଟୋନେଟର ମିଳିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଓ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ସକାଳେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ଜାତିଆଣ ହିଂସା ପରେ ସେନା କାର୍ଯ୍ୟାନୁଷ୍ଠାନରେ ୪୦ ସଶସ୍ତ୍ର ଉଗ୍ରପନ୍ଥୀ ନିହତ ହେଲେଣି ବୋଲି ରବିବାର ବୀରେନ୍ ସିଂ ସୂଚନା ଦେଇଥିଲେ। ଇମ୍ଫାଲରେ କର୍ଫ୍ୟୁ ବଳବତ୍ତର ରହିବା ସାଙ୍ଗକୁ ସୁରକ୍ଷା ବଳ ମୁତୟନ ଅଛନ୍ତି ଓ ବଜାର ବନ୍ଦ ରହିଛି। ରବିବାର ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଛି।

## ବାୟୁସେନା ବିମାନ କିଣାରେ ଦୁର୍ନୀତି

### ରୋଲ୍ସ ରୟସ୍, ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ, ୨୯।୫

ଭାରତୀୟ ବାୟୁସେନା ଓ ନୌସେନା ପାଇଁ ହକ୍ ୧୧୫ ଅତ୍ୟାଧୁନିକ ଜେଟ୍ ଟ୍ରେନର ବିମାନ କିଣାରେ ଲାଞ୍ଚ କାରବାର ଅଭିଯୋଗରେ ବ୍ରିଟିଶ ଏରୋସ୍ପେସ୍ ଓ ପ୍ରତିରକ୍ଷା କମ୍ପାନୀ ରୋଲ୍ସ ରୟସ୍ ପିଏଲ୍‌ସି, ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଅସ୍ତ୍ର ଡିଲରଙ୍କ ବିରୋଧରେ ସିବିଆଇ ଦୁର୍ନୀତି ମାମଲା ରୁଜୁ କରିଛି। ସିବିଆଇ ଦୀର୍ଘ ୬ ବର୍ଷ ତଦନ୍ତ କରିବା ପରେ ରୋଲ୍ସ ରୟସ୍‌ର ନିର୍ଦ୍ଦେଶକ ଟିମ୍ ଜୋନ୍ସ, ଅସ୍ତ୍ର ବ୍ୟବସାୟୀ ସୁଧୀର ଚୌଧରୀ ଓ ଭାନୁ ଚୌଧରୀ, ରୋଲ୍ସ ରୟସ ପିଏଲ୍‌ସି ଓ ବ୍ରିଟିଶନ ଏରୋସ୍ପେସ୍ ସିଷ୍ଟମ୍ସ ବିରୋଧରେ ଆଇପିସିର ଧାରା ୧୨୦-ବି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ମାମଲା ଦାଏର ହୋଇଛି। ଡିଲ୍ ପାଇଁ କମ୍ପାନୀ ପକ୍ଷରୁ ମଧ୍ୟସ୍ଥଙ୍କୁ କମିଶନ ଦିଆଯାଇଥିବା ସମ୍ପର୍କରେ ୨୦୧୭ରେ ବ୍ରିଟେନ୍‌ର ଏକ ଅଦାଲତ ରାୟ ଦେଇଥିଲେ। ୭୩୪.୨୧ ନିୟୁତ ପାଉଣ୍ଡରେ ୨୪ଟି ହକ୍ ୧୧୫ ଏଜେଟି ବିମାନ କିଣିବା ପାଇଁ ୨୦୦୩ରୁ ୨୦୧୨ ମଧ୍ୟରେ ଅଭିଯୁକ୍ତ ମଧ୍ୟସ୍ଥମାନେ କେତେଜଣ ସରକାରୀ ଅଧିକାରୀଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥିଲା।

### ରୁଷିଆ ୱାଣ୍ଟେଡ୍ ତାଲିକାରେ ଆମେରିକା ସିନେଟର୍


ଲିଣ୍ଡ୍‌ସେ ଗ୍ରାହାମ୍

ମସ୍କୋ, ୨୯।୫

ଆମେରିକା ସିନେଟର ଲିଣ୍ଡ୍‌ସେ ଗ୍ରାହାମ୍‌ଙ୍କୁ ରୁଷିଆ ଗୃହ ମନ୍ତ୍ରଣାଳୟ ୱାଣ୍ଟେଡ୍ ତାଲିକାରେ ରଖିଛି। ଗତ ଶୁକ୍ରବାର ଗ୍ରାହାମ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ଏହି ଅବସରରେ ସେ କହିଥିଲେ, ରୁଷୀୟମାନେ ମରିବା ଅବସ୍ଥାରେ। ୟୁକ୍ରେନ୍‌କୁ ଆମେରିକାର ସହାୟତା ଆମେ ବ୍ୟୟ କରିଥିବା ଶ୍ରେଷ୍ଠ ଅର୍ଥ ବୋଲି ଗ୍ରାହାମ କହୁଥିବାରୁ ଏକ ସଂଶୋଧିତ ଭିଡିଓରୁ ଜଣାପଡ଼ିଛି। ତାଙ୍କ ମନ୍ତବ୍ୟକୁ ରୁଷିଆ ସମାଲୋଚନା କରିବା ସହ ତାଙ୍କୁ ୱାଣ୍ଟେଡ୍ ତାଲିକାରେ ରଖିଛି। ପରେ ୟୁକ୍ରେନ୍ ବୈଠକର ପୂରା ଭିଡିଓ ଜାରି କରିଥିଲା, ଯେଉଁଥିରେ ଉପରୋକ୍ତ ଦୁଇଟି ମନ୍ତବ୍ୟ ନ ଥିବା ଦେଖାଦେଇଛି। ଅନ୍ୟପକ୍ଷରେ ଗ୍ରାହାମଙ୍କ ମନ୍ତବ୍ୟର ଆପରାଧିକ ତଦନ୍ତ କରାଯିବ ବୋଲି ରୁଷିଆର ତଦନ୍ତକାରୀ କମିଟି କହିଛି।

## ଜଳ ସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ, ଜନସଂଖ୍ୟା ବିପଦ

ନୂଆଦିଲ୍ଲୀ, ୨୯।୫(ପି.ଟି.)

**ବିଶେଷଜ୍ଞଙ୍କ ମତ**

ଭାରତର ଜଳସୁରକ୍ଷା ପ୍ରତି ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଗମ୍ଭୀର ବିପଦ ଆଣିଛି। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନିଆ ନ ଗଲେ ଜଳ ସଙ୍କଟ ବଢ଼ିବା ସହ ଏହାର ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ପ୍ରଭାବ ଅନୁଭୂତ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଜାତିସଂଘ ରିପୋର୍ଟ ଅନୁଯାୟୀ ୧୪୨ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ସହ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଜଳସଙ୍କଟର ସମାଧାନ ପାଇଁ ଉନ୍ନତ ଜଳପରିଚାଳନା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଚ୍ୟାଲେଞ୍ଜର ସମାଧାନ ପାଇଁ ନୀତିରେ ସଂସ୍କାର ଆଣିବା ସହ ପ୍ରାକୃତିକ ପରିବେଶର ସୁରକ୍ଷା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଢାଞ୍ଚା ବଦଳିବା ସହ ସମୁଦ୍ର ଜଳସ୍ତର ବୃଦ୍ଧି ପାନୀୟ ଜଳ ସମସ୍ୟା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ଆନ୍ତଃ ସରକାରୀ ପ୍ୟାନେଲ୍‌ର ଅଦିତି ମୁଖାର୍ଜୀ କହିଛନ୍ତି, ବିକୃତ ନୀତି ଓ ପ୍ରୋତ୍ସାହନ ଯୋଗୁ ନିକୃଷ୍ଟ ଜଳପରିଚାଳନା ଭାରତରେ ଦୀର୍ଘଦିନ ଧରି ଜଳ ସମସ୍ୟାର କାରଣ ହୋଇଛି। ସବୁଜ ବିପ୍ଳବ ସମୟରେ ପ୍ରଚଳନ କରାଯାଇଥିବା ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ଏବଂ ତ୍ରୁଟିପୂର୍ଣ୍ଣ ସହରାଞ୍ଚଳ ଡିଜାଇନ୍ ଭାରତର ଜଳ ସମସ୍ୟାର ଅନ୍ୟତମ କାରଣ ବୋଲି ମୁଖାର୍ଜୀ କହିଛନ୍ତି। ଜଳସଙ୍କଟର ସମାଧାନ ଲାଗି ଉପଯୁକ୍ତ ନୀତି, ଅନୁଷ୍ଠାନ, ପ୍ରୋତ୍ସାହନ ଏବଂ ଶାସନ ଜରୁରୀ ବୋଲି ସେ ମତ ଦେଇଛନ୍ତି।

## ଶ୍ରୀହରିକୋଟାରେ ଚନ୍ଦ୍ରୟାନ-୩

ନୂଆଦିଲ୍ଲୀ, ୨୯।୫ (ପି.ଟି.)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରକୁ ଚନ୍ଦ୍ରୟାନ-୩ ପଠାଇବା ଲାଗି ସବୁ ପ୍ରକାର ବ୍ୟବସ୍ଥା କରିସାରିଛି। ସୋମବାର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରଠାରେ ଉପଗ୍ରହ ଆସି ପହଞ୍ଚିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଚନ୍ଦ୍ର ମିଶନ ଅତିଶୀଘ୍ର ଭାରତର ସର୍ବଶକ୍ତିଶାଳୀ ରକେଟ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ ମାର୍କ-୩ (ଜିଏସ୍ଏଲ୍‌ଭି ଏମ୍‌କେ-୩) ସହ ଏକୀଭୂତ ହେବ। ଆସନ୍ତା ଜୁଲାଇରେ ଚନ୍ଦ୍ରୟାନ-୩ ଉତ୍କ୍ଷେପଣ ହେବାର କାର୍ଯ୍ୟକ୍ରମ ରହିଛି। ଅର୍ବିଟାଲ ପାରାମିଟରକୁ ଦେଖି ସମୟ ନିର୍ଦ୍ଧାରଣ କରାଯିବ।

ସୋମବାର ଜିଏସ୍ଏଲ୍‌ଭିଏଫ୍୧୨କୁ ସଫଳତାର ସହ ଉତ୍କ୍ଷେପଣ କରାଯିବା ପରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ ଚନ୍ଦ୍ରରେ ପହଞ୍ଚିବା ସୁନିଶ୍ଚିତ କରିବା ସକାଶେ ଯେଉଁସବୁ ସଂଶୋଧନ ଦରକାର ତାହା କରାଯାଇଛି। ଯଦି ଶେଷ ମୁହୂର୍ତ୍ତରେ କୌଣସି ସନ୍ଦେହ ଉପୁଜିବ ସେତେବେଳେ ଉତ୍କ୍ଷେପଣକୁ ସ୍ଥଗିତ ରଖାଯିବ।

**ଜୁଲାଇରେ ଲଞ୍ଚ୍ ହେବ**



## ଦୁର୍ଘଟଣାରେ ୭ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ଗୁଆହାଟୀ, ୨୯।୫:** ଆସାମର ଗୁଆହାଟୀରେ ସୋମବାର ସକାଳେ ଦ୍ରୁତ ବେଗରେ ଆସୁଥିବା ଏକ ଏସ୍‌ୟୁଭି ସହ ପିକ୍-ଅପ୍ ଟ୍ରକ୍‌ର ଧକ୍କା ହେବାରୁ ୭ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଗୁଆହାଟୀର ଜାଲୁକବାରି ଫ୍ଲାଏଓଭର ନିକଟରେ ଏହି ଦୁର୍ଘଟଣା ଘଟିଛି। ସ୍କର୍ପିଓ ଏସ୍‌ୟୁଭିଟି ରାସ୍ତା ଡିଭାଇଡର ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ପିକ୍-ଅପ୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଉଭୟ ଗାଡ଼ି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏସ୍‌ୟୁଭିରେ ଆସାମ ଇଞ୍ଜିନିୟରିଂ କଲେଜର ୧୦ ଜଣ ହଷ୍ଟେଲ ଛାତ୍ର ଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।


ଦୁର୍ଘଟଣାରେ ଚୂରମାର ହୋଇଥିବା କାର୍।

## ବିଚ୍ ରାସ୍ତାରେ ନାବାଳିକାଙ୍କୁ ୨୨ ଥର ଛୁରି ଭୁସିଲେ

ନୂଆଦିଲ୍ଲୀ, ୨୯।୫


ଆକ୍ରମଣ ବେଳର ସିସିଟିଭି ଫଟୋ।



ଅଭିଯୁକ୍ତ ସାହିଲ

- ଉଦ୍ଧାର କରିବାକୁ କେହି ଆସିଲେନି
- ହତ୍ୟାକାରୀ ପୁରୁଷ ବନ୍ଧୁ ଗିରଫ
- ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ: ନାବାଳିକାଙ୍କ ମାଆ

ଉତ୍ତର ଦିଲ୍ଲୀର ରୋହିଣୀ ଅଞ୍ଚଳରେ ରବିବାର ଲୋକମାନଙ୍କ ଆଗରେ ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ତାଙ୍କ ପୁରୁଷବନ୍ଧୁ ୨୨ ଥର ଛୁରି ଭୁସିବା ପରେ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏହି ବୀଭତ୍ସ ହତ୍ୟାକାଣ୍ଡ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଜନଗହଳି ରାସ୍ତାରେ ସାହିଲ ନାମକ ଅଭିଯୁକ୍ତ ଯୁବକ କ୍ରମାଗତ ଭାବେ ଆକ୍ରମଣ କରି ଚାଲିଥିଲେ। ଏଭଳି ଲୋମହର୍ଷଣକାରୀ ଦୃଶ୍ୟକୁ ଲୋକମାନେ ଦେଖି ନ ଦେଖିଲା ଭଳି ଚାଲିଯାଉଥିଲେ। କେହି ଜଣେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସି ନ ଥିଲେ। ଏସି ଟେକ୍ନିସିଆନ୍ ୨୦ ବର୍ଷୀୟ ସାହିଲଙ୍କୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ସୋମବାର ଗିରଫ କରାଯାଇଛି।

ରବିବାର ସନ୍ଧ୍ୟାରେ ଶାହବାଦ ଡେରି ଅଞ୍ଚଳରେ ସାହିଲ ଏକ ଛୁରିରେ ନାବାଳିକାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଗୋଟିଏ ଥର ଛୁରି ଲାଖିଯିବାରୁ ସେ ତାକୁ ହଲାଇ ବାହାର କରୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ପରେ ସେ ଏକ ପଥର ସ୍ଲାବ୍ ଉଠାଇ ନାବାଳିକାଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ନାବାଳିକା ଜଣକ ତାଙ୍କ ସାଙ୍ଗର ପୁଅ ଜନ୍ମଦିନରେ ଯୋଗଦେବାକୁ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ବୋଲି ପୋଲିସ କହିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ରବିବାର କୌଣସି କାରଣରୁ ଝଗଡ଼ା ହେବା ପରେ ଅଭିଯୁକ୍ତ ଜଣକ ବୀଭତ୍ସ ଭାବେ ହତ୍ୟା କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଁ ପୋଲିସ ସେଠାରେ ପହଞ୍ଚି ନାବାଳିକାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲା।

ଆକ୍ରମଣକାରୀ ଯୁବକଙ୍କୁ ଜାଣି ନ ଥିବା ନାବାଳିକାଙ୍କ ମାଆ କହିବା ସହ ତାଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏଭଳି ହତ୍ୟାକାଣ୍ଡକୁ ନିନ୍ଦା କରିଛନ୍ତି। ଦିଲ୍ଲୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ପାଇଁ ସେ ପୋଲିସ ଓ ଉପରାଜ୍ୟପାଳଙ୍କୁ ଦାୟୀ କରିଛନ୍ତି। ଏହି ଘଟଣାକୁ ନେଇ ଦିଲ୍ଲୀ ମହିଳା କମିଶନ ପୋଲିସକୁ ନୋଟିସ ଜାରି କରିଥିବା ଏହାର ମୁଖ୍ୟ ସ୍ୱାତି ମାଲିୱାଲ୍ କହିଛନ୍ତି।



**ବର୍ଷକୁ ଗୋଟିଏ ଫିଲ୍ମ କରିବେ ଅନୁଷ୍କା**

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ନିକଟରେ ଏକ ଇଭେଣ୍ଟରେ ଯୋଗଦେଇ ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ବୋଲି କହିଛନ୍ତି।

୧୧

୧୪

**ପ୍ରତ୍ୟାଶାଙ୍କୁ ଆଉ ଏକ ସ୍ୱର୍ଣ୍ଣ**

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଚେନ୍ନାଇ ଚାମ୍ପିୟନ

**ଆଇପିଏଲ୍-୧୬**



ବିଜୟସୂଚକ ଶଟ୍ ପରେ ଉତ୍‌ଫୁଲ୍ଲିତ ରବୀନ୍ଦ୍ର ଜାଡେଜା।

ବିସ୍ତୃତ ରିପୋର୍ଟ: ପୃଷ୍ଠା-୧୪

**ଅହମଦାବାଦ, ୨୯।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫାଇନାଲରେ ସୁପର ଶୋ’ ଦେଖାଇଛି ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ। ସୋମବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଏହି ଦଳ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସକୁ ୫ ଉଇକେଟରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛି। ସାଇ ସୁଦର୍ଶନଙ୍କ ଶ୍ରେଷ୍ଠ ଇନିଂସ ସହାୟତାରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭରେ ବର୍ଷା ହେବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ୧୫ ଓଭରରେ ଧାର୍ଯ୍ୟ ୧୭୧ ରନର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ଶେଷ ବଲ୍‌ରେ ହାସଲ କରି ନେଇଥିଲା। ଛୋଟ ଇନିଂସ ଖେଳିଥିଲେ ହେଁ ମ୍ୟାଚର ହିରୋ ପାଲଟି ଯାଇଥିଲେ ରବୀନ୍ଦ୍ର ଜାଡେଜା। ସେ ଇନିଂସର ଶେଷ ୨ଟି ବଲ୍‌ରେ ଛକା ଓ ଚୌକା ମାରି ଚେନ୍ନାଇକୁ ଚାମ୍ପିୟନ କରାଇଥିଲେ। ଏହାକୁ ମିଶାଇ ଚେନ୍ନାଇ ୫ ଥର ଟାଇଟଲ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସର ସମକକ୍ଷ ହୋଇଛି। ପୂର୍ବରୁ ଏହି ଦଳ ୨୦୧୦, ୨୦୧୧, ୨୦୧୮ ଓ ୨୦୨୧ରେ ଚାମ୍ପିୟନ ହୋଇଥିଲା। ଏଥର ତାହାର ପୁନରାବୃତ୍ତି କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ସୁପର କିଙ୍ଗ୍ସ। ଗୁଜରାଟର ଶୁବମନ ଗିଲ୍ ଲିଗ୍‌ର ଟପ୍ ସ୍କୋରର ଭାବେ ଅରେଞ୍ଜ୍ କ୍ୟାପ୍ ଏବଂ ମହମ୍ମଦ ଶାମି ସର୍ବାଧିକ ଉଇକେଟ ହାସଲକାରୀଭାବେ ପର୍ପଲ କ୍ୟାପର ଅଧିକାରୀ ହୋଇଛନ୍ତି।

# ଅର୍ଥ ଆସୁନି, କାମ ଆଗଉନି

## ୮ବର୍ଷ ପରେ ବି ଘୋଷଣାରେ ସୀମିତ କୋଷ୍ଟାଲ୍ ହାଇୱେ ପ୍ରକଳ୍ପ

**ପଶ୍ଚିମବଙ୍ଗ ଦୀଘା ବେଳାଭୂମିଠାରୁ ଓଡ଼ିଶାର ଗୋପାଳପୁର ପର୍ଯ୍ୟନ୍ତ ଲମ୍ବିଥିବା ଦୀର୍ଘ ୪୫୧ କି.ମି. ପରିମିତ ବିସ୍ତୀର୍ଣ୍ଣ ବେଳାଭୂମିର ପର୍ଯ୍ୟଟନ ବିକାଶ ସାଙ୍ଗକୁ ତଟକୂଳ ସୁରକ୍ଷା ଓ ମାଲ ପରିବହନ ପାଇଁ କୋଷ୍ଟାଲ ହାଇୱେ ନିର୍ମାଣ କରିବାକୁ ୨୦୧୫ ଏପ୍ରିଲ ୧୫ରେ କେନ୍ଦ୍ର ଭୂପୃଷ୍ଠ ଓ ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଘୋଷଣା କରିଥିଲେ। ଏଥିପାଇଁ ୭,୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ହେଲେ କେନ୍ଦ୍ର ଅର୍ଥ ମଞ୍ଜୁର କରୁ ନ ଥିବାରୁ ଘୋଷଣାର ୮ବର୍ଷ ପରେ ମଧ୍ୟ କାମ ଆରମ୍ଭ ହୋଇପାରୁନି।**




ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପ୍ରକଳ୍ପର ମାନଚିତ୍ର।

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୨୯।୫**

କୋଷ୍ଟାଲ ହାଇୱେ ନିର୍ମାଣ ହେଲେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଷ୍ଟାଲ୍ ହାଇୱେ ନିର୍ମାଣ ପ୍ରକଳ୍ପ ଯୋଜନାର ଘୋଷଣା କରାଯାଇଥିଲା। ଏପରି କି ସର୍ଭେ କାର୍ଯ୍ୟ ମଧ୍ୟ ଶେଷ ହୋଇଥିଲା। ହେଲେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା ଟଙ୍କା ଆସି ନ ପାରିବାରୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ସରକାର ଏହି ଘୋଷଣା ପରେ ଦୀଘାଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ୪୫.୫ କି.ମି. ଉପକୂଳ ରାସ୍ତା ନିର୍ମାଣ ଓ ସୁବର୍ଣ୍ଣରେଖା ପୋଲ ନିର୍ମାଣ ପାଇଁ ୨୧୭ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ରଖିଥିଲେ। ଏନେଇ ପୂର୍ତ୍ତ ବିଭାଗ ବ୍ୟୟ ଅଟକଳ କରି କି.ମି. ପିଛା ୧.୫ କୋଟି ହିସାବରେ ମୋଟ୍ ୪୫.୫ କି.ମି. ରାସ୍ତା ନିର୍ମାଣ ବାବଦରେ ୬୮କୋଟି ୨୫ଲକ୍ଷ, ୬ଟି ପୋଲ ନିର୍ମାଣ ପାଇଁ ୧୨କୋଟି ୮୦ଲକ୍ଷ, ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ ପାଇଁ ୧୨୦ କୋଟି ଓ ୩୦ଟି ବକ୍ସ କଲଭର୍ଟ ପାଇଁ ୧୫କୋଟି ୨୫ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିଥିଲା। ସେହିଭଳି ହଳଦୀପଦାଠାରେ ୬୦ ନମ୍ବର ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ହଳଦୀପଦାରୁ ପଞ୍ଚୁପଡ଼ା ଯାଏ ରାସ୍ତା ଓ ପଞ୍ଚୁପଡ଼ା ନଦୀ ଉପରେ ଆଉ ଏକ ପୋଲ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ସମ୍ପୂର୍ଣ୍ଣ ରିପୋର୍ଟ କେନ୍ଦ୍ର ସରକାର ନିକଟକୁ ପଠାଯାଇଥିଲା। ଏହି ରାସ୍ତା ନିର୍ମାଣ ହେଲେ ବାଲେଶ୍ୱରକୁ ପ୍ରାୟ ୧୭କି.ମି. ଦୂରତା କମିଯିବ। ତା’ଛଡ଼ା ଦୀଘା, ତାଳସାରୀ, ଉଦୟପୁର, ଡଗରା, ବଳରାମଗଡ଼ି ତଥା ଚାନ୍ଦିପୁର ସାମୁଦ୍ରିକ ବେଳାଭୂମିକୁ ଏହି ରାସ୍ତା ସିଧାସଳଖ ସଂଯୋଗ କରୁଥିବାରୁ ବେଳାଭୂମି ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକର ବିକାଶ ମଧ୍ୟ ହୋଇପାରିବ। ଏଥିସହିତ ବାଲେଶ୍ୱର ସଦର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ତଥା ଦୁର୍ଗମ ଅଞ୍ଚଳକୁ ଯାତାୟାତ ସୁବିଧା ସହିତ ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ହସ୍‌ପିଟାଲ, ଫକୀରମୋହନ ମେଡିକାଲ କଲେଜ, ଚାନ୍ଦିପୁର ସାମରିକ କେନ୍ଦ୍ର ଆଦିକୁ ଏହି ରାସ୍ତା ସହାୟକ ହୋଇପାରିବ ବୋଲି କୁହାଯାଇଥିଲା। ସେପଟେ କେନ୍ଦ୍ର ସରକାର ମଧ୍ୟ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରକଳ୍ପ ବାବଦ ଅର୍ଥ ମଞ୍ଜୁର କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କୋଷ୍ଟାଲ ହାଇୱେ ହେବାର ୮ବର୍ଷ ପରେ ବି ଏହି ପ୍ରକଳ୍ପ ଘୋଷଣାରେ ସୀମିତ ରହିଛି। ବର୍ତ୍ତମାନ ନା ହାଇୱେ ନିର୍ମାଣ ହେଉଛି ନା ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଉପକୂଳ ରାସ୍ତା ନିର୍ମାଣ ହେଉଛି। କେବଳ ଭୋଟ ସାଉଁଟିବା ☞ପୃଷ୍ଠା-୨

# ସବୁ କଚ୍ଛାଘର ହେବ ପକ୍କା

**ରାଜ୍ୟ ସରକାର ଆରମ୍ଭ କଲେ ‘ମୋ ଘର’ ଯୋଜନା**

- **ଜୁନ୍ ୧୬ରୁ ହିତାଧିକାରୀ ଆବେଦନ କରିପାରିବେ**
- **ହିତାଧିକାରୀଙ୍କୁ ମିଳିବ ୩ ଲକ୍ଷ ଯାଏ ଋଣ**
- **ସାଧାରଣ ବର୍ଗଙ୍କୁ ୩୦ରୁ ୬୦ ହଜାର, ଏସ୍‌ସି/ଏସ୍‌ଟି, ଭିନ୍ନକ୍ଷମଙ୍କୁ ୪୦ରୁ ୭୦ ହଜାର ଯାଏ ସବ୍‌ସିଡି**
- **୧୮ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର**
- **୩୩ ଜିଲା ପାନୀୟ ଜଳ ପ୍ରକଳ୍ପ ପାଇଁ ୨୩୦୦ କୋଟି ଟେଣ୍ଡରକୁ ଅନୁମୋଦନ**

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ବିଜେଡି ସରକାରର ପଞ୍ଚମ ପାଳିର ୪ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗ୍ରାମାଞ୍ଚଳକୁ ନୂଆ ଯୋଜନା ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନାରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହେଉ ନ ଥିବା ଏବଂ ପକ୍କା ଘର ନ ଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ‘ମୋ ଘର’ ନାମରେ ନୂଆ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆସନ୍ତା ୨ ବର୍ଷ ପାଇଁ ରାଜ୍ୟ ସରକାର ୪ ଲକ୍ଷ ହିତାଧିକାରୀଙ୍କ ପାଇଁ ୨୧୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏ ସମ୍ପର୍କିତ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ରହିଛି। ଗ୍ରାମାଞ୍ଚଳ ଭୋଟରଙ୍କ ଉପରେ ଏବେ ନଜର। ଗ୍ରାମାଞ୍ଚଳ ଭିତ୍ତିଭୂମିଠାରୁ ଆରମ୍ଭ କରି ବାସଗୃହ ଓ ପାନୀୟ ଜଳ ଯୋଗାଣ ଉପରେ ରାଜ୍ୟ ସରକାର ଅଧିକ ଫୋକସ ଦେଉଛନ୍ତି ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ କୁହାଯାଉଛି।

ବର୍ତ୍ତମାନର ଗୃହ ନିର୍ମାଣ ଯୋଜନାରେ ଥିବା କଠୋର ଚୟନ ମାନଦଣ୍ଡ ଦ୍ୱାରା ବାଦ୍ ପଡ଼ିଥିବା ପରିବାର କିମ୍ବା ସ୍ୱଳ୍ପ ଗୃହ ମଞ୍ଜୁର ଲକ୍ଷ୍ୟ ଧାର୍ଯ୍ୟ କାରଣରୁ ବଞ୍ଚିତ ଥିବା ପରିବାର ଏହି ନୂତନ ଯୋଜନାରେ ଉପକୃତ ହୋଇପାରିବେ। ସେହିପରି ପୂର୍ବରୁ ସ୍ୱଳ୍ପ ଗୃହ ନିର୍ମାଣ ସହାୟତା ପାଇଥିବା ପରିବାର ମଧ୍ୟ ଏହି ଯୋଜନା ମାଧ୍ୟମରେ ନିଜ ଗୃହର ଉନ୍ନତୀକରଣ ଅଥବା ସମ୍ପ୍ରସାରଣ କରିପାରିବେ। ଯଦି କୌଣସି ପରିବାର କଚ୍ଚା ଘରେ କିମ୍ବା ଗୋଟିଏ କଠୋରି ଥିବା କଂକ୍ରିଟ ଛାତ ଘରେ ବସବାସ କରୁଥିବେ ଏବଂ ପୂର୍ବରୁ ସରକାରଙ୍କଠାରୁ କୌଣସି ଗୃହ ନିର୍ମାଣ ସହାୟତା ପାଇ ନଥିଲେ ଏହି ଯୋଜନାର ଲାଭ ପାଇପାରିବେ। ତେବେ କୌଣସି ହିତାଧିକାରୀ ୭୦ ହଜାର ଟଙ୍କାରୁ କମ୍ ପରିମାଣର ସହାୟତା ପାଇଥିଲେ ଏବଂ ସେମାନଙ୍କର ମାସିକ ଆୟ ୨୫ ହଜାର ଟଙ୍କାରୁ କମ୍ ଥିଲେ, ଅଣବ୍ୟବସାୟିକ ମୋଟରଚାଳିତ ଚାରିଚକିଆ ଯାନ ନ ଥିଲେ, ପରିବାରର କୌଣସି ସଦସ୍ୟ ସରକାରୀ କିମ୍ବା ସରକାରୀ ଉଦ୍ୟୋଗରେ ନିୟମିତ କର୍ମଚାରୀ କିମ୍ବା ପେନସନଭୋଗୀ ହୋଇ ନ ଥିଲେ, ୫ ଏକରରୁ କମ୍ ଜଳସେଚିତ କିମ୍ବା ୧୫ ଏକରରୁ କମ୍ ଅଣଜଳସେଚିତ ଜମି ଥିଲେ ସେହି ପରିବାରଙ୍କୁ ମୋ ଘର ଯୋଜନାରେ ସହାୟତା ମିଳିପାରିବ।

ଯୋଜନାରେ ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇପାରିବେ। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତ୍ତୀ ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ହେବ। ଏହି ଯୋଜନାରେ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା ରହିଛି। ଏଥିମଧ୍ୟରୁ ଆବେଦନକାରୀଙ୍କୁ ଗୋଟିଏ ପ୍ରକାରର ଋଣକୁ ବାଛିବାକୁ ହେବ। ଏହି ସବୁ ପ୍ରକାର ଋଣ ☞ପୃଷ୍ଠା-୨

# ୨୦ ଦିନର ଶିଶୁକନ୍ୟାକୁ ବିଷ ଇଞ୍ଜେକ୍ସନ ଦେଲେ ବାପା

**ନୀଳଗିରି, ୨୯।୫(ସ୍ୱ.ପ୍ର.)**



ଚନ୍ଦନ ମାହାର୍ଣ୍ଣା

ଝିଅଟିଏ ଜନ୍ମ ହେଲେ ଘରକୁ ଲକ୍ଷ୍ମୀ ଆସିଛନ୍ତି ବୋଲି ସମସ୍ତେ କହି ଖୁସି ହୋଇଥାନ୍ତି। ସବୁଠୁ ଅଧିକ ଖୁସି ହୋଇଥାନ୍ତି ଜନ୍ମଦାତା ବାପା। ହେଲେ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝିଅ ଚାହୁଁ ନ ଥିବା ଜଣେ ବାପା ତାଙ୍କ ୨୦ ଦିନର ଶିଶୁକନ୍ୟା ଦେହରେ ବିଷ ଇଞ୍ଜେକଶନ ଦେଇ ମାରିବାକୁ ଉଦ୍ୟମ କରିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଶିଶୁକନ୍ୟା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ନୃଶଂସ ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

ଆସନ୍ତା ମଙ୍ଗଳବାର ଥିଲା ଶିଶୁକନ୍ୟାର ଏକୋଇଶିଆ ପୂଜା। ସ୍ତ୍ରୀ ନୀଳଗିରି ଥାନା ଅଧୀନ ସିଙ୍ଗିରି ଗ୍ରାମସ୍ଥିତ ବାପଘରେ ରହୁଥିବାରୁ ରବିବାର ଶ୍ୱଶୁର ଘରକୁ ଆସିଥିଲେ ସ୍ୱାମୀ ଚନ୍ଦନ ମାହାର୍ଣ୍ଣା। ଶ୍ୱଶୁର ଘରେ ପୂଜା ପାଇଁ ଚାଲିଥିଲା ଜୋରସୋରରେ ପ୍ରସ୍ତୁତି। ତେବେ ଝିଅ ଜନ୍ମ ପରେ ଖୁସି ନ ଥିବା ଚନ୍ଦନ ଜନ୍ମିତ ଶିଶୁକନ୍ୟାକୁ ରାସ୍ତାରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିଆଁ ଲଗାଇଲେ, ଲିଭାଇ ପାରିଲେନି**

**ଆଜିର ମନ୍ତବ୍ୟ**

“ରାଜସ୍ଥାନ ବିଧାନସଭା ନିର୍ବାଚନରେ ଅଶୋକ ଗେହଲଟ ଓ ସଚିନ୍ ପାଇଲଟ ଉଭୟେ ମିଳିତ ଭାବେ ନିର୍ବାଚନ ଲଢ଼ିବେ।

– କେ.ସି. ଭେଣୁଗୋପାଳ, କଂଗ୍ରେସ ନେତା

**୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ**

**ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା**

ପୃଷ୍ଠା-୩

# ତାଳଦଣ୍ଡା କେନାଲକୁ ଖସିଲା କାର୍



ତାଳଦଣ୍ଡା କେନାଲକୁ ଖସିପଡ଼ିଥିବା କାର୍।

**ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର**

**ରାସ୍ତାବନ୍ଦ ପାଇଁ ସୂଚନାଫଳକ ଲଗାଯାଇନାହିଁ**

**କଟକ ଅଫିସ, ୨୯।୫**

ତାଳଦଣ୍ଡା କେନାଲର ଉନ୍ନତୀକରଣ କାର୍ଯ୍ୟ ବେପରୁଆ ଭାବେ କରାଯାଉଥିବାରୁ ସୋମବାର ଜଣଙ୍କର ଜୀବନ ଯାଇଛି। ଉକ୍ତ କେନାଲ ରାସ୍ତାରେ କୌଣସି ସୂଚନାଫଳକ ନ ଥିବା କାରଣରୁ ମଧୁପାଟଣା ଥାନା ଅନ୍ତର୍ଗତ ଅନ୍ଦରପୁର ନିକଟ ତାଳଦଣ୍ଡା କେନାଲ ଭିତରକୁ ଏକ କାର୍ ଖସିପଡ଼ିଛି। ଫଳରେ କାର ଭିତରେ ଥିବା କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ମହୁରା ଅଞ୍ଚଳର ଜ୍ଞାନରଞ୍ଜନ ଜେନା(୬୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ତ୍ରୀ ଅଞ୍ଜନା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ☞ପୃଷ୍ଠା-୨

# ଏନ୍‌ଭିଏସ୍-୦୧ କକ୍ଷପଥରେ ଅବସ୍ଥାପିତ

**ଶ୍ରୀହରିକୋଟା, ୨୯।୫(ପି.ଟି.)**



ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୋମବାର ସଫଳତାର ସହ ନାଭିଗେଶନ ସାଟେଲାଇଟ୍ ଏନ୍‌ଭିଏସ୍-୦୧କୁ ସଫଳତାର ସହ ଜିଓସିନ୍‌କ୍ରୋନିଅସ୍ ଟ୍ରାନ୍ସଫର ଅର୍ବିଟ୍‌ରେ ସ୍ଥାପନ କରିଛି। ଏନ୍‌ଭିଏସ୍-୦୧ ହେଉଛି ଦ୍ୱିତୀୟ ପିଢ଼ି ସାଟେଲାଇଟ୍ ସିରିଜ୍‌ର ପ୍ରଥମ ସାଟେଲାଇଟ୍। ଜିଓସିନ୍‌କ୍ରୋନିଅସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ଜିଏସ୍‌ଏଲ୍‌ଭି) ଉପଗ୍ରହକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଥିଲା। ସକାଳ ୧୦ଟା ୪୨ ମିନିଟ୍‌ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍‌ଏଲ୍‌ଭି-ଏଫ୍୧୨କୁ ଉତ୍‌କ୍ଷେପଣ କରାଯାଇଥିଲା। ଉତ୍‌କ୍ଷେପଣର ୧୯ ମିନିଟ ପରେ ରକେଟ୍‌ଟି ସଫଳତାର ସହ ୨୨୩୨ କିଲୋଗ୍ରାମ ଓଜନର ସାଟେଲାଇଟ୍‌କୁ ୨୫୧ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ କରିଥିଲା। ଏହା ପରବର୍ତ୍ତୀ ଅର୍ବିଟ୍-ରାଇଜିଂ ପଦକ୍ଷେପ ଉକ୍ତ ନାଭିଗେଶନ ସାଟେଲାଇଟ୍‌କୁ ଆବଶ୍ୟକ ଜିଓସିନ୍‌କ୍ରୋନିଓସ୍ କକ୍ଷରେ ପହଞ୍ଚାଇବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏନ୍‌ଭିଏସ୍-୦୧ ଦେଶର ଆଞ୍ଚଳିକ ନାଭିଗେଶନ ବ୍ୟବସ୍ଥାକୁ

**ନାଭିଗେଶନ ବ୍ୟବସ୍ଥା ସୁଦୃଢ଼ ହେବ**

ବଢ଼ାଇବା ସହ ଠିକ୍ ଓ ରିଅଲ-ଟାଇମ୍ ନାଭିଗେଶନ ପ୍ରଦାନ କରିବ।

୨୭.୫ ଘଣ୍ଟାର କାଉଣ୍ଟଡାଉନ୍ ଶେଷ ହେବା ପରେ ପୂର୍ବ ନିର୍ଦ୍ଧାରିତ ସମୟ ସୋମବାର ପୂର୍ବାହ୍ନ ୧୦ଟା ୪୨ରେ ୫୧.୭ ମିଟର ଲମ୍ବର ୩ ପର୍ଯ୍ୟାୟ ବିଶିଷ୍ଟ ଜିଓସିନ୍‌କ୍ରୋନିଓସ୍ ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍‌କୁ ଉତ୍‌କ୍ଷେପଣ କରାଯାଇଥିଲା। ଭାରତୀୟ ଆଞ୍ଚଳିକ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ (ନାଭିକ୍) ପାଇଁ ଏନ୍‌ଭିଏସ୍-୦୧ ଗୁରୁତ୍ୱପୂର୍ଣ୍ଣ, ଯାହା ସଠିକ୍ ସୂଚନା ପ୍ରଦାନ କରିବ। ନାଭିକ୍‌ରୁ ଆସିବାକୁ ଥିବା ସିଗ୍‌ନାଲ ୨୦ ମିଟରରୁ ଅଧିକ ସଠିକ୍ ସ୍ଥିତିର ସୂଚନା ☞ପୃଷ୍ଠା-୨

## ମହିଳା, ଶିଶୁ ବିକାଶ ବିଭାଗ କ୍ୟାଡର୍ ପୁନର୍ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର,୨୯।୫(ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ବିଭାଗର କ୍ୟାଡର୍ ପୁନର୍ଗଠନ ପ୍ରସ୍ତାବକୁ ସୋମବାର କ୍ୟାବିନେଟ୍ ଅନୁମୋଦନ କରିଛି। ନୂତନ କ୍ୟାଡର୍ ଗଠନ ହେବା ଦ୍ୱାରା ୯୩ଟି ନୂତନ ସିଡିପିଓ/ପିଓ ପଦବୀ ସୃଷ୍ଟି ହେବ। ଏହି ପଦବୀ ସଂଖ୍ୟା ୩୭୧ରୁ ୪୬୪କୁ ବୃଦ୍ଧି ପାଇବ। ସେହିପରି ୧୩ଟି ନୂତନ ଡିଏସ୍‌ଡବ୍ଲ୍ୟୁ / ଏଡବ୍ଲ୍ୟୁଓ / ଏଡି କମ୍ ଯୁଏସ୍ ପଦବୀ ସୃଷ୍ଟି ହେବ। ଏହି ୧୩ ନୂତନ ପଦବୀକୁ ମିଶାଇ ସମୁଦାୟ ପଦବୀ ସଂଖ୍ୟା ୩୭ରୁ ୫୦କୁ ବୃଦ୍ଧି ପାଇବ। ଏହି କ୍ୟାଡର୍ ପୁନର୍ଗଠନ ଫଳରେ ବିଭାଗର ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବା ସହ କର୍ମଚାରୀମାନଙ୍କର କ୍ୟାରିୟର ପ୍ରଗତି ହୋଇପାରିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ବୁଡ଼ି ପାଣି ଆଣ୍ଠିଏ, କଣା କହୁଛି ମେଘ ଦୁଲୁକୁଛି।**

ବେଳେବେଳେ ବିପଦ ପଡିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଇତା ଯାହାର କନକ ପାତର ତାକୁ ପାଟଶାଢ଼ି କେତେ ମାତର !**

ସ୍ୱାମୀ ଯାହାର ରାଜାଙ୍କ ଭଣ୍ଡାର ଘର ରକ୍ଷକ, ତାକୁ ପାଟଶାଢ଼ି ଅପୂର୍ବ ନୁହେଁ। ସ୍ୱାମୀ ଯୋଗ୍ୟ ଥିଲେ ସ୍ତ୍ରୀର କିଛି ଅଭାବ ରହିନଥାଏ। ଚାହିଁଲେ ବା ଇଚ୍ଛା କଲା ମାତ୍ରେ ସବୁକିଛି ହାତମୁଠାକୁ ଆସିଯାଇଥାଏ। ସ୍ୱାମୀ ପାରିବାର ହୋଇଥିଲେ ସ୍ତ୍ରୀ ସ୍ୱର୍ଗସୁଖ ଲାଭ କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨୩୦୦ କୋଟିର ପାନୀୟଜଳ ପ୍ରକଳ୍ପକୁ ଅନୁମୋଦନ

**୩ ଜିଲାର ୧୩ ଲକ୍ଷ ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ**

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ରାଜ୍ୟ ସରକାର ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି। ବଲାଙ୍ଗୀର, ଗଜପତି ଓ ଗଞ୍ଜାମ ଜିଲାର ୧୨ ଲକ୍ଷ ୮୫ ହଜାର ୮୦୧ ଜଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୨୩୦୦କୋଟି ଟଙ୍କା ଖର୍ଚ୍ଚ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଟେଣ୍ଡର ଅନୁମୋଦନ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି।

ଜଳ ଜୀବନ ମିଶନ(ଜେଜେଏମ୍) ଯୋଜନାରେ ୪ଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ବଲାଙ୍ଗୀର ଜିଲାର ୩ଟି ବ୍ଲକର ୨୯ ପଞ୍ଚାୟତ ଅଧୀନରେ ଥିବା ୧୪୦ ଗ୍ରାମର ୯୦,୩୦୮ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଉକ୍ତ ପ୍ରକଳ୍ପ ପାଇଁ ଆହୂତ ୨୩୫ କୋଟି ୩୫ ଲକ୍ଷ ୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ମୋହର ମାରିଛି। ସେହିପରି ଗଜପତି ଜିଲାର ୨ଟି ବ୍ଲକରେ ଥିବା ୩୬ ପଞ୍ଚାୟତର ୩୪୬ ଗ୍ରାମର ୧,୩୧,୭୩୩ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୭୯.୧୭ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଆସନ୍ତା ୨୪ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଗଞ୍ଜାମ ଜିଲାର ୧୨ ବ୍ଲକ ୨୨୮ ପଞ୍ଚାୟତର ୭୭୦ ଗ୍ରାମର ୯,୯୨,୩୬୮ ଜଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏ ବାବଦରେ ଖର୍ଚ୍ଚ ହେବାକୁ ଥିବା ୧୫୦୯ କୋଟି ୯୧ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଆସନ୍ତା ୨ ବର୍ଷରେ ଉକ୍ତ ପାନୀୟ ଜଳ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବ। ରାଜ୍ୟରେ ନିମ୍ନ ସ୍ତରରେ କର୍ମଚାରୀଙ୍କ ମଧ୍ୟରେ ଦକ୍ଷତା ଓ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ଅବକାରୀ ବିଭାଗ କନ୍‌ଷ୍ଟେବଲ ପଦବୀକୁ ଜିଲାସ୍ତର ଏବଂ ଇ.ଆଇ. ଓ ଇ.ବି. ୟୁନିଟ୍ ସ୍ତରରୁ ଡିଭିଜନାଲ ସ୍ତର ଏବଂ ସହକାରୀ ଅବକାରୀ ଉପନିରୀକ୍ଷକ ପଦବୀକୁ ଜିଲାସ୍ତର ଏବଂ ଇ.ଆଇ. ଓ ଇ.ବି. ୟୁନିଟ୍‌ରୁ ରାଜ୍ୟସ୍ତରକୁ ରୂପାନ୍ତରିତ କରାଯିବ।

## କୋଣାର୍କ ମନ୍ଦିର ପରିପାର୍ଶ୍ୱ, ଏକାମ୍ର ଐତିହ୍ୟ କ୍ଷେତ୍ର ବିକାଶ ହେବ

କୋଣାର୍କ ମନ୍ଦିର ପରିପାର୍ଶ୍ୱ ଓ ଏହାର ଚତୁଃପାର୍ଶ୍ୱ ଏବଂ ଏକାମ୍ର ଐତିହ୍ୟ କ୍ଷେତ୍ରକୁ ବିକଶିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୩୬୫.୯୪ କୋଟି ଟଙ୍କା ବ୍ୟୟ କରାଯିବ। ଐତିହ୍ୟ ଓ ସ୍ମାରକୀ ଏବଂ ପର୍ଯ୍ୟଟନ ଆକର୍ଷଣ ସମନ୍ୱିତ ବିକାଶ ଯୋଜନା ଅଧୀନରେ କୋଣାର୍କ ଐତିହ୍ୟସ୍ଥଳୀ ବିକାଶ ଯୋଜନା ମାଧ୍ୟମରେ କୋଣାର୍କ ମନ୍ଦିର ଆଖପାଖରେ ଭିତ୍ତିଭୂମିର ଉନ୍ନତି ଓ ପର୍ଯ୍ୟଟକଙ୍କ ଅନୁଭବକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ ଯୋଜନାର କାର୍ଯ୍ୟକାରିତା ପାଇଁ ୨୦୯ .୭୩ ଲକ୍ଷ କୋଟିର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ଆସନ୍ତା ୧୮ ମାସ ମଧ୍ୟରେ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରାଜ୍ୟ ସରକାର ଏକାମ୍ରକ୍ଷେତ୍ର ଐତିହ୍ୟ ପୁନରୁଦ୍ଧାର ଆକ୍ସନପ୍ଲାନ ମାଧ୍ୟମରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ପ୍ରାଚୀ ସ୍ମାରକୀଗୁଡ଼ିକର ପୁନରୁଦ୍ଧାର ଓ ବିଭିନ୍ନ ସୁବିଧା ଉପଲବ୍ଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଯୋଜନା କାର୍ଯ୍ୟକାରୀ ପାଇଁ ୧୫୬.୨୧ କୋଟି ଟଙ୍କାର ଚୂଡ଼ାନ୍ତ ଟେଣ୍ଡର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

**କ୍ୟାବିନେଟ୍ ନିଷ୍ପତ୍ତି**

# ସ୍ଥାପନ ହେବ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ

- ୨ ହଜାର କୋଟିର ଭିସୁଟ୍ ବିକାଶ ଯୋଜନାକୁ ଅନୁମୋଦନ
- ବେସରକାରୀ କଲେଜ ଲାଇବ୍ରେରି ଆଟେଣ୍ଡାଣ୍ଟ ହେଲେ ଅନୁଦାନ ପରିସରଭୁକ୍ତ
- ମରୁଡ଼ି ପ୍ରବଣ ଅଞ୍ଚଳରେ ଗଭୀର ନଳକୂପ ପାଇଁ ୩ ବର୍ଷରେ ଖର୍ଚ୍ଚ ହେବ ୩୬୪.୪୦ କୋଟି
- ଡେଲିଭରି ବୟ୍, ଜ୍ୱିଗାଟୋ ଫିଲ୍ମ ଟିକସମୁକ୍ତ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଡାକ୍ତରୀ ଶିକ୍ଷାର ମାନ ବୃଦ୍ଧି ସହିତ ସମସ୍ତ ସରକାରୀ ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନାମରେ ଏକ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏହି ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି। ରାଜ୍ୟର ପ୍ରାୟ ୨୦୦ରୁ ଅଧିକ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନ ନିଜ ନିଜ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଅଧୀନରେ ଡିଗ୍ରୀ କିମ୍ବା ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି; ଯାହାର ସ୍ୱାସ୍ଥ୍ୟ ବିଜ୍ଞାନ ଅଧ୍ୟୟନର ନିଜସ୍ୱ କୌଣସି ବିଶେଷଜ୍ଞ ଶାଖା ନାହିଁ। ପାଠ୍ୟକ୍ରମ, ଶିକ୍ଷାଦାନ ପ୍ରଣାଳୀ ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଆଦି ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ଅଧ୍ୟୟନରେ ଏକ ପ୍ରତିବନ୍ଧକ ଭାବେ ରହି ଆସିଛି। ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ରାଜ୍ୟର ପ୍ରଗତିଶୀଳ ଶିକ୍ଷାର ଉଦ୍ଦେଶ୍ୟ ହାସଲରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ରୂପାନ୍ତର ପାଇଁ ୨ ହଜାର କୋଟି ବ୍ୟୟରେ ଇନ୍‌ଷ୍ଟିଚ୍ୟୁଟ ଡେଭେଲପ୍‌ମେଣ୍ଟ ପ୍ଲାନକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ଲାନ କାର୍ଯ୍ୟକାରୀ ହେଲେ ଭିସୁଟ୍‌ର ବିଶ୍ୱବିଦ୍ୟାଳୟ ଅନେକ ବହୁମୁଖୀ ପାଠ୍ୟକ୍ରମ ଓ ଗବେଷଣା ପାଠ୍ୟକ୍ରମକୁ ସାମିଲ କରିପାରିବ। ଏହା ଗୋଟିଏ ପଟେ ଏକାଡେମିକ୍ ଓ ଅନୁସନ୍ଧାନ ଏବଂ ଅନ୍ୟପକ୍ଷରେ ଶିଳ୍ପ ମଧ୍ୟରେ ସହଯୋଗ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟକରିବ।

ରାଜ୍ୟ ସରକାର ବେସରକାରୀ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଲାଇବ୍ରେରି ଆଟେଣ୍ଡାଣ୍ଟଙ୍କୁ ଅନୁଦାନ ନିୟମ-୨୦୦୮ ପରିସରଭୁକ୍ତ କରିଛନ୍ତି। ଓଡ଼ିଶା (ବେସରକାରୀ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ଅନୁଦାନ ନିୟମକୁ ସଂଶୋଧନ କରାଯାଇଛି। ପ୍ରବେଶ ସ୍ତରରେ ଛାତ୍ରୀଛାତ୍ର ସଂଖ୍ୟା ୩୫୦ରୁ ଉର୍ଦ୍ଧ୍ୱ ଥିବା ବେସରକାରୀ କଲେଜ ଓ ଉଚ୍ଚମାଧ୍ୟମିକ ସ୍କୁଲଗୁଡ଼ିକରେ ଲାଇବ୍ରେରି ଆଟେଣ୍ଡାଣ୍ଟ ପଦବୀକୁ ଅନୁଦାନ ପ୍ରଦାନ କରାଯିବ।

ରାଜ୍ୟ ସରକାର ମରୁଡ଼ି ପ୍ରବଣ ଅଞ୍ଚଳରେ ଭୂତଳଜଳର ପୋଷଣୀୟ ବିନିଯୋଗ ଯୋଜନା ପାଇଁ ୨୦୨୨-୨୩ରୁ ୨୦୨୪-୨୫ ଯାଏ ୩ ବର୍ଷ ପାଇଁ ୩୬୪.୪୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଚାଷୀଙ୍କୁ ପ୍ରକଳ୍ପ ଖର୍ଚ୍ଚ ବାବଦକୁ ରିହାତି ପ୍ରଦାନରେ ସହାୟକ ହୋଇପାରିବ। ଏହି ଯୋଜନାରେ ଓଡ଼ିଶା କୃଷି ଶିଳ୍ପ ନିଗମ ମାଧ୍ୟମରେ କ୍ଲଷ୍ଟରଭିତ୍ତିରେ ଡିପ୍ ବୋରୱେଲ ସ୍ଥାପନ କରାଯାଇ ଜଳଉତ୍ସ ସୃଷ୍ଟି କରାଯିବ, ଯାହାକି ମରୁଡ଼ି ପରିସ୍ଥିତିରେ ଚାଷକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇପାରିବ ଓ ରବି ଚାଷକୁ ନିଶ୍ଚିତ କରାଯାଇପାରିବ। ଏହାଛଡ଼ା ପୂର୍ବରୁ ଥିବା ସେଚକୂପ ଓ କ୍ଷେତ ପୋଖରୀରୁ ସୌରଶକ୍ତି ମାଧ୍ୟମରେ ଜଳସେଚନ ପାଇଁ ୦.୫ ଶକ୍ତି କ୍ଷମତା ବିଶିଷ୍ଟ ପାଣିପମ୍ପ ଜରିଆରେ ଜଳ ଉତ୍ତୋଳନ କରାଯାଇପାରିବ। ଓଡ଼ିଆ ଚଳଚ୍ଚିତ୍ର ‘ଡେଲିଭରି ବୟ’କୁ ରାଜ୍ୟ ସରକାର କରମୁକ୍ତ ଘୋଷଣା କରିଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଚଳଚ୍ଚିତ୍ର ଖାଦ୍ୟ ପରିବେଷଣ କରୁଥିବା ବାହକ ଓ ତା’ର ସଡ଼କ ସୁରକ୍ଷା ସଚେତନତା ଉପରେ ପର୍ଯ୍ୟବସିତ। ଏଥିସହିତ ଜ୍ୱିଗାଟୋ ହିନ୍ଦୀ ଚଳଚ୍ଚିତ୍ରକୁ ମଧ୍ୟ ଟିକସମୁକ୍ତ କରିବା ପ୍ରସ୍ତାବ କ୍ୟାବିନେଟ ଅନୁମୋଦନ ଲାଭ କରିଛି। ଏହି ଚଳଚ୍ଚିତ୍ରଟି ଏକ ଖାଦ୍ୟ ପରିବେଷଣ କରୁଥିବା ବାହକ ଓ ତାଙ୍କ ପରିବାରର ଜୀବନ ସଂଘର୍ଷ ଉପରେ ପର୍ଯ୍ୟବସିତ।



# ଆପାର୍ଟମେଣ୍ଟ ପଞ୍ଜୀକରଣ ବାଟ ଖୋଲିଲା

**ଓଡ଼ିଶା ଆପାର୍ଟମେଣ୍ଟ ଅଧିନିୟମ ଅଧ୍ୟାଦେଶକୁ କ୍ୟାବିନେଟ୍ ମୋହର**

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ଗତ ୧ ବର୍ଷ ଧରି ବନ୍ଦ ହୋଇ ରହିଥିବା ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ବାଟ ଖୋଲିଲା। ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩କୁ ଅଧ୍ୟାଦେଶ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଅଧ୍ୟାଦେଶକୁ ଅନୁମୋଦନ କରାଯାଇଛି।

ଆପାର୍ଟମେଣ୍ଟ ପଞ୍ଜୀକରଣ ବେଳେ ରିୟଲ ଇଷ୍ଟେଟ୍ ଅଥରିଟି ଆକ୍ଟ(ରେରା)-୨୦୧୬କୁ ଉଲ୍ଲଂଘନ କରାଯାଉଥିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଫଳରେ ଗତ ବର୍ଷେ ହେବ ଆପାର୍ଟମେଣ୍ଟ ପଞ୍ଜୀକରଣ ହୋଇପାରୁନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ‘ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨’କୁ ଉଚ୍ଛେଦ କରି ଓଡ଼ିଶା ଆପାର୍ଟମେଣ୍ଟ(ମାଲିକାନା ଓ ପରିଚାଳନା) ଅଧିନିୟମ-୨୦୨୩କୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ବିଧାନସଭା ବଜେଟ ଅଧିବେଶନରେ ଅନୁମୋଦନ ପାଇଁ ଆସିଥିବା ଉକ୍ତ ଅଧିନିୟମ ପ୍ରସ୍ତାବକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେଇଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨(୧୯୮୪ର ଓଡ଼ିଶା ଧାରା ୧)କୁ ଉଚ୍ଛେଦ କରି ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଅଧ୍ୟାଦେଶ-୨୦୨୩କୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଗତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବର୍ତ୍ତମାନ ବିଧାନସଭାର କୌଣସି ଅଧିବେଶନ ନ ଥିବାରୁ ଏହି ନୂଆ ଅଧିନିୟମକୁ ଅଧ୍ୟାଦେଶ ଜରିଆରେ ପ୍ରଣୟନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

ରିୟଲ ଇଷ୍ଟେଟ୍ (ନିୟମାବଳୀ ଓ ବିକାଶ) ଅଧିନିୟମ-୨୦୧୬ ଏବଂ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ, ୨୦୨୧ ମଧ୍ୟରେ ପରସ୍ପର ବିରୋଧାଭାସ ନିୟମ ରହିବାରୁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୨୦୨୧ର ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଛି। ଏହି ମାମଲାଗୁଡ଼ିକ ଯୋଗୁ ଆପାର୍ଟମେଣ୍ଟ ପଞ୍ଜୀକରଣ ବନ୍ଦ ରହିଛି। ବିକ୍ରୟ କବଲା ପଞ୍ଜୀକୃତ ହେଉ ନ ଥିବାରୁ ରାଜ୍ୟ ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଆପାର୍ଟମେଣ୍ଟକୁ ପ୍ରୋତ୍ସାହନ, ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ଉତ୍ତରାଧିକାରୀ ଓ ହସ୍ତାନ୍ତର ଅଧିକାରକୁ ସୁନିଶ୍ଚିତ କରିବାକୁ ଅଧିନିୟମରେ ବ୍ୟବସ୍ଥା ରହିଛି। ଏଥିରେ ଆପାର୍ଟମେଣ୍ଟ ମାଲିକମାନଙ୍କର କମନ ଏରିଆ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଉପରେ ଅଧିକାର ବ୍ୟବସ୍ଥା ରହିଛି।

## ଚକ ଜମି ବିକ୍ରି ପାରିବେ ମାଲିକ

**ଚକବନ୍ଦୀ ଅଧିନିୟମ-୧୯୭୨ର ଧାରା ୩୪ ଉଚ୍ଛେଦ ହେଲା**

ଭୁବନେଶ୍ୱର,୨୯।୫(ବ୍ୟୁରୋ): ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତୀକରଣ ନିବାରଣ ଅଧିନିୟମ-୧୯୭୨ର ଧାରା ୩୪ ଅନୁଯାୟୀ କୌଣସି ଚକଭୁକ୍ତ ଜମିର ବିଭକ୍ତୀକରଣ ଅଥବା ବିଭାଜନ ନିଷିଦ୍ଧ ଅଟେ। ଧାରା ୩୫ ଅନୁଯାୟୀ ଯଦି ଧାରା ୩୪କୁ ଉଲ୍ଲଂଘନ କରି କୌଣସି ଜମି ବିକ୍ରି କିମ୍ବା ବିଭାଜିତ ହୋଇଥିବ ତାହା ଅବୈଧ ବିବେଚିତ ହେବ। ଉଲ୍ଲଂଘନକାରୀଙ୍କୁ ଜମିର ଉଚ୍ଛେଦ କରାଯିବ। ଏହି ଅଧିନିୟମର ‘ଚାପ୍ଟର ଭି’ର ଧାରା ୩୪ ଓ ୩୫କୁ ଉଚ୍ଛେଦ କରିବା ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ଦ୍ୱାରା ଜମି ମାଲିକମାନେ ସେମାନଙ୍କର ଚକ ଜମି ବିକ୍ରି କିମ୍ବା ବିଭାଜନ କରିପାରିବେ। ପଟ୍ଟାଗୁଡ଼ିକର ମଧ୍ୟ ସଂଶୋଧନ ହୋଇପାରିବ। ଏହାଦ୍ୱାରା ଜମି ରେଜିଷ୍ଟ୍ରି ଶୁଳ୍କ ଓ ଅନ୍ୟାନ୍ୟ ଶୁଳ୍କର ଆଦାୟ ମଧ୍ୟ ବୃଦ୍ଧି ପାଇବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ପାପଗ୍ରହ ଦୃଷ୍ଟିବର୍ଜିତ ହେତୁ ପ୍ରତ୍ୟେକ କାର୍ଯ୍ୟରେ ଶୁଭଫଳ ପାଇବେ। କିନ୍ତୁ କଥା କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବାକୁ ପଡ଼ିବ। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ। କଳା,ସାହିତ୍ୟ,ସଂସ୍କୃତି ଓ ଅନୁଷ୍ଠାନିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ।

**ବୃଷ**
ଭ୍ରାତୃକାରକ ମଙ୍ଗଳ ତୃତୀୟସ୍ଥ ଦୁର୍ବଳ ଯୋଗୁ ଭାଇ ଭଗାରି ସାଜିପାରନ୍ତି କିମ୍ବା ସହକର୍ମୀ ସୁଯୋଗ ଉଣ୍ଡି ଅସୁବିଧାରେ ପକାଇପାରନ୍ତି। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। କୌଣସି ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ। ବନ୍ଧୁବର୍ଗଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ।

**ମିଥୁନ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ମନୋରଞ୍ଜନ ସକାଶେ ସୁଯୋଗ ସୃଷ୍ଟି କରାଇବେ। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା, ସତ୍‌ସଙ୍ଗର ସୁଯୋଗ ପାଇପାରିବେ। ଆରଦ୍ରା ନକ୍ଷତ୍ର ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟାରେ ଜଡ଼ିତ ରହିପାରନ୍ତି।

**କର୍କଟ**
ସହନଶୀଳତା ଓ ସହଯୋଗ ମନୋଭାବରୁ ଆପଣ ସମସ୍ତଙ୍କର ଆଦରଣୀୟ ହେବେ। କିନ୍ତୁ ଆପଣଙ୍କ ସହ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଏହାହିଁ ଗାତ୍ରଦାହର କାରଣ ହୋଇପାରେ। ରବିବାରଠାରୁ ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ନିଶ୍ଚିତ ସଫଳତା ପାଇବେ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟରେ ମଧ୍ୟ ସମ୍ମାନ ମିଳିବ।

**ସିଂହ**
ଚନ୍ଦ୍ରଙ୍କ ଧନଭାବ ସଂସ୍ଥାନ କାରଣରୁ ଆର୍ଥିକ ଉନ୍ନତି ସହ ବନ୍ଧୁଙ୍କ ଆଦରଣୀୟ ହେବେ। କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ। ରାଜନୀତି ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କୌଣସି ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ।

**କନ୍ୟା**
ଲାଭାଧିପ ରାଶିରେ ରହି ଆପଣଙ୍କୁ ବକେୟା ଅର୍ଥ ପ୍ରାପ୍ତିରେ ସହାୟକ ହେବ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ଏହାସାଙ୍ଗକୁ ସୁସମ୍ପର୍କ କ୍ଷୁଣ୍ଣହେବା କାରଣରୁ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। କଚେରି ମାମଲା ତଥା ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା**
ଏକାଧିକ ଗ୍ରହ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟାଦି କ୍ଷେତ୍ର ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିପାରେ। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ମନ ଖୁସି ରହିବ। ଚିତ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ବିଛା**
କିଏ କ’ଣ କହୁଛି କିମ୍ବା କରୁଛି ସେଥିପ୍ରତି ଧ୍ୟାନ ନ ଦେଇ ନିଜ କଥା ଚିନ୍ତାକରିବା ଭଲ। ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି ପାଇଁ ଅନୁକୂଳତା ଅନୁଭବ କରିବେ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ।

**ଧନୁ**
କର୍ମସ୍ଥ ଚନ୍ଦ୍ର ହେତୁ ଯେଉଁ କାମ ପାଇଁ ମନସ୍ଥ କରିଛନ୍ତି ତାହା ଆଜି ହିଁ ପୂର୍ଣ୍ଣତା ଲାଭ କରିବ। ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ କାମ କରିଚାଲନ୍ତୁ ଭଲ ହେବ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ଉପକୃତ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ମାନସିକ ସ୍ଥିତିର ପରିପନ୍ଥୀ ହୋଇ ନ ପାରେ।

**ମକର**
ଦିନର ଦ୍ୱିତୀୟାର୍ଦ୍ଧରେ କେତେକ ସମସ୍ୟା ଆସିପାରେ। ଦେଖିବାକୁ ଗଲେ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାହେତୁକ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ବାଧକ ସାଜିପାରେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ଶତଭିଷା ନକ୍ଷତ୍ରର ପାରିବାରିକ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଓ ନିଜ ପରିବେଶରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ। ଭ୍ରମଣହେତୁକ କ୍ଲାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ କଥାରେ ଭରସାକରି ସମ୍ପୂର୍ଣ୍ଣ ନୀରବ ରହିଗଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମୀନ**
ଅର୍ଥାଭାବ ନ ଥାଇ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ଥିଲେ ମଧ୍ୟ ପାରିବାରିକ କନ୍ଦଳ ସମସ୍ତ ସୁଖକୁ ନଷ୍ଟ କରିଦେବ। ଅପରାହ୍ନରେ ଆପଣାଛାଏଁ ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ କମିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ମଙ୍ଗଳବାର, ମେ ୩୦ ତାରିଖ। ଗଙ୍ଗାଦଶହରା, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ। ସକାଳ ଘ.୦୫।୧୧ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୦ ଗତେ, ଘ.୦୪।୩୯ ମଧ୍ୟେ ରାହୁକାଳ । ଶାସ୍ତ୍ର କହନ୍ତି ,ଜ୍ୟେଷ୍ଠ ଶୁକ୍ଳ ଦଶମୀ ମଙ୍ଗଳବାର ହସ୍ତା ନକ୍ଷତ୍ରରେ ଭଗୀରଥଙ୍କ ଦ୍ୱାରା ଗଙ୍ଗା ମର୍ତ୍ତ୍ୟକୁ ଅବତରଣ କରିଥିଲେ। ଆଜି ଏହି ଗଙ୍ଗା ଦଶହରାରେ ଗଙ୍ଗା କିମ୍ବା ମହୋଦଧିରେ ସ୍ନାନପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକଲେ ଦଶପାପରୁ ମୁକ୍ତି ମିଳିଥାଏ ।

ପ୍ରଥମ ପୃଷ୍ଠାରୁ...

## ଅର୍ଥ ଆସୁନି...

ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିଥିଲେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ ଏନ୍‌ଏଚ୍ ପ୍ରୋଜେକ୍ଟ ଡାଇରେକ୍ଟର ଜୟପ୍ରକାଶ ବର୍ମା କହନ୍ତି, କୋଷ୍ଟାଲ ହାଇୱେ ପ୍ରକଳ୍ପ ପାଇଁ ସମସ୍ତ ତଥ୍ୟ ସହିତ ଆବଶ୍ୟକ ଥିବା ଜମି ଅଧିଗ୍ରହଣ ନିମନ୍ତେ ଅର୍ଥ ମଞ୍ଜୁର ପାଇଁ ସମ୍ଭାବ୍ୟ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଯାଇଛି। ଅର୍ଥ ମଞ୍ଜୁର ହେବା ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ସବୁ କଚ୍ଚାଘର...

ପାଇଁ ସବ୍‌ସିଡିର ବ୍ୟବସ୍ଥା କରାଯାଇଛି। ୧ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୩୦ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୪୦ ହଜାର ଟଙ୍କା ସବ୍‌ସିଡି ମିଳିବ। ୧.୫ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୪୫ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୫୫ ହଜାର ଟଙ୍କା, ୨ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୭୦ ହଜାର, ୩ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଜାତି, ଜନଜାତି ଓ ଭିନ୍ନକ୍ଷମଙ୍କୁ ୭୦ ହଜାର ଟଙ୍କା ସବ୍‌ସିଡି ମିଳିବ।

ହିତାଧିକାରୀ ଇଚ୍ଛା କଲେ ୧୦ ବର୍ଷ ପୂର୍ବରୁ ମଧ୍ୟ ଋଣ ପରିଶୋଧ କରିପାରିବେ ଓ ମାସିକ କିସ୍ତି ରାଶିର ପରିମାଣ ବୃଦ୍ଧି କରିପାରିବେ। ବ୍ୟାଙ୍କ ହିତାଧିକାରୀଙ୍କଠାରୁ ପ୍ରାକ୍ ଋଣ ପରିଶୋଧ ବାବଦ କୌଣସି ଜରିମାନା ଅର୍ଥ ଆଦାୟ କରିପାରିବ ନାହିଁ। ଆବେଦନକାରୀ ଋଣ ପରିମାଣର ଅନ୍ତତଃ ୧୦% ଅର୍ଥରାଶି ମାର୍ଜିନ ଅର୍ଥ ହିସାବରେ ବିନିଯୋଗ କରିବେ। ଏହି ସର୍ବନିମ୍ନ ଅର୍ଥକୁ ଆବେଦନକାରୀ ଶ୍ରମଦାନ, ଗୃହ ନିର୍ମାଣ ସାମଗ୍ରୀ କ୍ରୟ କିମ୍ବା ଅର୍ଥ ଆକାରରେ ବିନିଯୋଗ କରିପାରିବେ। ଗୃହ ନିର୍ମାଣ କରାଯାଉଥିବା ଜମି ସ୍ୱତ୍ୱ ସ୍ଥିତିବାନ ବର୍ଗର ଓ ଘରବାରି କିସମର ହୋଇଥିବା ଆବଶ୍ୟକ। ଏହି ଜମିକୁ ଆବେଦନକାରୀ ସବ୍ ରେଜିଷ୍ଟ୍ରାର ଅଫିସରେ ଋଣ ପରିଶୋଧ ପର୍ଯ୍ୟନ୍ତ ବନ୍ଧକ ସୂତ୍ରରେ ପଞ୍ଜୀକରଣ କରିବାକୁ ହେବ। ହିତାଧିକାରୀଙ୍କ ଆର୍ଥିକ ବୋଝକୁ ହ୍ରାସ କରିବାକୁ ରାଜ୍ୟ ସରକାର ବନ୍ଧକ ସମୟରେ ଆବଶ୍ୟକ ପଞ୍ଜୀକରଣ ଶୁଳ୍କ ଓ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରିଛନ୍ତି। ସେହିପରି ଋଣ ନିମନ୍ତେ ସବ୍ ରେଜିଷ୍ଟ୍ରାର ଅଫିସରୁ ଆବଶ୍ୟକ ଦସ୍ତାବିଜର ପ୍ରମାଣୀକୃତ ନକଲ, ଇସି ଇତ୍ୟାଦି ପାଇବା ପାଇଁ ଆବଶ୍ୟକ ଦେୟକୁ ମଧ୍ୟ ସରକାର ଛାଡ଼ କରିଛନ୍ତି। ଗୃହ ନିର୍ମାଣ ସ୍ତର ଅନୁସାରେ ଋଣ ରାଶି ୨/୩ ପର୍ଯ୍ୟାୟରେ ପ୍ରଦାନ କରାଯିବ। ଋଣ ଆବେଦନ ନିମନ୍ତେ ରାଜ୍ୟ ସରକାର ଆଇନ ପରାମର୍ଶଦାତାଙ୍କ ଖର୍ଚ୍ଚ ବାବଦକୁ ୧ ହଜାର ଟଙ୍କା ବହନ କରିବେ। ଏହି ଯୋଜନାରେ ପୂର୍ବରୁ ପାଇ ନ ଥିବା ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଆଦି ଯୋଜନାରେ ମଧ୍ୟ ସାମିଲ କରାଯିବ। ବ୍ୟାଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରୋସେସିଂ ଫି ଆଦାୟ କରାଯିବ ନାହିଁ।

ଏହି ଯୋଜନାରେ ଆବେଦନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ୱେବ୍‌ସାଇଟ୍ https://rhodisha.gov.in/moghara କାର୍ଯ୍ୟକ୍ଷମ ହେବ। ଏହି ୱେବ୍‌ସାଇଟ୍ ମାଧ୍ୟମରେ ଋଣ ଆବେଦନ ତଦାରଖ ଓ ପରିଚାଳନା କରାଯାଇପାରିବ। ଋଣ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଆବେଦନ କରିବା ପୂର୍ବରୁ ଏହି ୱେବ୍‌ସାଇଟ୍‌ରେ ପ୍ରଥମେ ପଞ୍ଜୀକରଣ କରିବାକୁ ପଡ଼ିବ, ଯାହା ଓଟିପି ମାଧ୍ୟମରେ ବୈଧ ହେବ। ଆସନ୍ତା ଜୁନ୍ ୧୬ରୁ ଆବେଦନ ଗ୍ରହଣ କରାଯିବ। ଆବେଦନକାରୀ ନିଜେ କିମ୍ବା ‘ମୋ ସେବା କେନ୍ଦ୍ର’ ମାଧ୍ୟମରେ ଆବେଦନ ଦରଖାସ୍ତ ପୂରଣ କରିପାରିବେ। ଆବେଦନପତ୍ର ଦାଖଲ ସମୟରେ ଆବେଦନକାରୀଙ୍କୁ ପାସ୍‌ପୋର୍ଟ ଆକାରର ଫଟୋ, ଆଧାର କାର୍ଡ, କେୱାଇସି ଡକ୍ୟୁମେଣ୍ଟ (ଭୋଟର ଆଇଡି, ପାନ୍ କାର୍ଡ, ଜବ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ), ଜମି ରେକର୍ଡ, ଜାତି ପ୍ରମାଣପତ୍ର, ଭିନ୍ନକ୍ଷମ ପ୍ରମାଣପତ୍ର, ଆୟ, ପ୍ରମାଣପତ୍ର ଇତ୍ୟାଦି କାଗଜପତ୍ର ସଂଲଗ୍ନ କରିବାକୁ ପଡ଼ିବ।

ଏହି ନୂଆ ଯୋଜନା ସହିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର ଗ୍ରାମାଞ୍ଚଳ ପାନୀୟ ଯୋଗାଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ବଲାଙ୍ଗୀର, ଗଜପତି ଓ ଗଞ୍ଜାମ ଜିଲାର ୧୨ ଲକ୍ଷ ୮୫ ହଜାର ୮୦୧ ଜଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାୟ ୨୩୧୦ କୋଟି ଟଙ୍କା ଖର୍ଚ୍ଚ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଟେଣ୍ଡର ଅନୁମୋଦନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି।

## ୨୦ ଦିନର ଶିଶୁକନ୍ୟାକୁ...

ହଟାଇ ଦେବାକୁ ମନେ ମନେ ଯୋଜନା କରିଥିଲେ। ସୋମବାର ପୂର୍ବାହ୍ନରେ ଶିଶୁକନ୍ୟାର ମା’ ଶୌଚ ପାଇଁ ଯାଇଥିବା ବେଳେ ପୂର୍ବରୁ ମାନସିକ ଭାବେ ପ୍ରସ୍ତୁତ ଥିବା ଚନ୍ଦନ ଶିଶୁକନ୍ୟାକୁ ବିଷ ଇଞ୍ଜେକଶନ ଦେଇଥିଲେ। ଫଳରେ ଶିଶୁଟି ଜୋରରେ ଚିତ୍କାର କରିଥଲା। ଏହାଶୁଣି ମା’ ପହଞ୍ଚି ଝିଅ କାନ୍ଦିବାର କାରଣ ଚନ୍ଦନଙ୍କୁ ପ୍ରଶ୍ନ କରିଥିଲେ। ପରେ ପରିବାର ଲୋକ ଏକାଠି ହୋଇ ଚନ୍ଦନଙ୍କୁ ପଚାରିଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ। ପରେ ଝିଅର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଝିଅକୁ ବିଷ ଦିଆଯାଇଥିବା ଡାକ୍ତର କହିବା ପରେ ପରିବାର ଲୋକେ ଚନ୍ଦନଙ୍କୁ ବାରମ୍ବାର ପଚରାଉଚରା କରିଥିଲେ। ଶେଷରେ ଚନ୍ଦନ ସତ ମାନିଥିଲେ। ଶିଶୁ କନ୍ୟାକୁ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଶିଶୁକନ୍ୟାଙ୍କ ଅଜା ଭାଗିରଥି ସିଂହଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ କରିବା ପରେ ଚନ୍ଦନଙ୍କୁ ଅଟକ ରଖିଛି।

ଉଲ୍ଲେଖଯୋଗ୍ୟ, ୨୦ଦିନ ତଳେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ମାଧ୍ୟମରେ ଚନ୍ଦନଙ୍କ ସ୍ତ୍ରୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପରେ ଶିଶୁକନ୍ୟା ସହ ମା’ ନୀଳଗିରି ସିଙ୍ଗିରିସ୍ଥିତ ନିଜ ବାପଘରେ ରହୁଥିଲେ। ଚନ୍ଦନଙ୍କ ଘର ବାଲେଶ୍ୱର ମଲିକାଶପୁର ଅଞ୍ଚଳରେ।

## ତାଳଦଣ୍ଡା କେନାଲକୁ...

ଏଥିସହ ଜେସିବି ସହାୟତାରେ କାରକୁ କେନାଲ ଭିତରୁ ଉଦ୍ଧାର କରାଯାଇଛି। ଉକ୍ତ କାର୍‌ରୁ ୨ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ସାର୍ତ୍ତୋଲ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ଜ୍ଞାନରଞ୍ଜନ ଏବଂ ଅଞ୍ଜନା ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ କଲେଜ ଛକସ୍ଥିତ ଏକ ବ୍ୟାଙ୍କରୁ ଟଙ୍କା ଉଠାଇ କାରରେ ରଖିଥିଲେ। ପରେ ସେମାନେ ମାତୃଭବନରୁ ଅନ୍ଦରପୁର ଆଡ଼କୁ ଯିବାବେଳେ ରାସ୍ତା କାମ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନ ଥିଲା। ଫଳରେ ଜ୍ଞାନରଞ୍ଜନ କାର୍ ନେଇ ଆଗକୁ ଯାଉଥିବାବେଳେ ରାସ୍ତା ବନ୍ଦ ଥିବା ଜାଣିବାକୁ ପାଇଥିଲେ। ସେ ଆଉ ଆଗକୁ ନ ଯାଇ କାର୍ ପଛକୁ ଫେରାଇଥିଲେ। ହେଲେ ବିଡ଼ମ୍ବନାର ବିଷୟ କାର୍‌ଟି ଅଚାନକ ତାଳଦଣ୍ଡା କେନାଲ ଭିତରକୁ ଖସିପଡ଼ିଥିଲା। ଏହା ଜାଣିବା ପରେ ସ୍ଥାନୀୟ ଲୋକେ ଉଦ୍ଧାର ପାଇଁ ଧାଇଁ ଆସିଥିଲେ। ଖବରପାଇ ମଧୁପାଟଣା ପୋଲିସ ପହଞ୍ଚି ଉଭୟଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ଜ୍ଞାନରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଅଞ୍ଜନାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ କାର୍ଯ୍ୟ ଯୋଗୁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମଧୁପାଟଣା ଥାନାଧିକାରୀ ତୁଷାର ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତର ସହ ଦୃଷ୍ଟିଦେବୁ। ଅପରପକ୍ଷରେ ଏସିପି ପଣ୍ଡା କହିଛନ୍ତି, ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡ୍ କରାଯିବା ସହ କାର୍ଯ୍ୟ କରୁଥିବା ସଂସ୍ଥାକୁ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ତାଗିଦା କରାଯିବ।

## ଏନ୍‌ଭିଏସ୍-୦୧ କକ୍ଷପଥରେ...

ଦେବା ସହ ସମୟ ସଠିକତା ୫୦ ନାନୋ ସେକେଣ୍ଡରୁ ଅଧିକ ଭଲ ରହିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏହି ସଫଳତା ପାଇଁ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ମିଶନ୍‌ର ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୧ ଅଗଷ୍ଟରେ ଜିଏସ୍‌ଏଲ୍‌ଭି-ଏଫ୍୧୦ ଉତ୍‌କ୍ଷେପଣ ବିଫଳ ହୋଇଥିଲା। ଫଳରେ ତତ୍କାଳୀନ ମିଶନ୍ ପୂରଣ ହୋଇପାରି ନ ଥିଲା ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି। କ୍ରିଓଜେନିକ୍ ପର୍ଯ୍ୟାୟରେ ସଂଶୋଧନ କରାଯିବା ସହ ପୂର୍ବ ବିଫଳତାରୁ ମିଳିଥିବା ଶିକ୍ଷା ଲାଭ ଦେଲା ବୋଲି ସେ କହିଛନ୍ତି।




# ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା

## ପାଲା ବାୟକ ହତ୍ୟା କରିଥିବା ଅଭିଯୋଗ

ଢେଙ୍କିକୋଟ/ଘଟଗାଁ/କେନ୍ଦୁଝର, ୨୯।୫(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବିନିଦା ପଞ୍ଚାୟତ ବିନିଦା ଗ୍ରାମରେ ରବିବାର ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁର୍ବୃତ୍ତ ଜଣେ ଭାଜପା ନେତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ସେ ହେଲେ ପଣ୍ଡାପଡ଼ା ମଣ୍ଡଳ ଭାଜପା ଉପସଭାପତି ତଥା ବିନିଦା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସତ୍ୟଭାମା ସିଂହ (୪୫)। ସତ୍ୟଭାମା ପାଲାଗାୟିକା ଭାବେ ମଧ୍ୟ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ପାଲା ଗ୍ରୁପ୍‌ର ବାୟକଙ୍କ ସହ ତାଙ୍କ ବିବାଦ ଥିବାରୁ ସେ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସତ୍ୟଭାମା ଭାଜପା ନେତ୍ରୀ ଥିବାରୁ ରାଜନୈତିକ ଶତ୍ରୁତାରୁ ମଧ୍ୟ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ପୋଲିସ ସୂଚନା ମୁତାବକ, ବିନିଦା ଗ୍ରାମ ମଝିରେ ଥିବା ରାଧାକୃଷ୍ଣ ମନ୍ଦିରରେ ରବିବାର ସଂକୀର୍ତ୍ତନ ପରିବେଷଣ ହେଉଥିଲା। ସେଥିରେ ସତ୍ୟଭାମା ସବୁଦିନ ଭଳି ଯୋଗଦେଇଥିଲେ। ସଂକୀର୍ତ୍ତନ ସାରିବା ପରେ ରାତି ସାଢ଼େ ୯ ଟାରୁ ୧୦ଟା ମଧ୍ୟରେ ଘରକୁ ଫେରିଥିଲେ। ଘରେ ତାଙ୍କ ବୃଦ୍ଧା ମା’ ଏକା ଥିବା ବେଳେ ରାତିରେ ପହଞ୍ଚିବାରେ ବିଳମ୍ବ ହେବାରୁ ଝିଅ ସଂକୀର୍ତ୍ତନ ମଣ୍ଡଳୀ ସହ ମନ୍ଦିରରେ ରହିଗଲା ଭାବି ଶୋଇପଡ଼ିଥିଲେ। ସୋମବାର ସକାଳେ ଘରଠାରୁ ୧୦୦ ମିଟର ଦୂରରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପଣ୍ଡାପଡ଼ା ଥାନା ସବ୍‌ଇନ୍ସପେକ୍ଟର ରାମଚନ୍ଦ୍ର ମହାନ୍ତ, ସଦର ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ କେନ୍ଦୁଝର ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସତ୍ୟଭାମାଙ୍କ ଭାଇ ଜଗନ୍ନାଥ ସିଂହଙ୍କ ଅଭିଯୋଗ ଅନୁଯାୟୀ, କଟକ ଜିଲା ଟାଙ୍ଗି-ଚୌଦ୍ୱାର ଥାନା ଅଧୀନ ନଖରା ବରେଇପାଟଣା ଗ୍ରାମର ନାରାୟଣ ସାହୁ ସତ୍ୟଭାମାଙ୍କ ପାଖରେ ରହି ପାଲା ମୃଦଙ୍ଗ ବାଦକ (ବାୟକ) ଭାବେ କାର୍ଯ୍ୟ କରୁଥିଲେ। କିଛି ଦିନ ପୂର୍ବେ ବାୟକ କୌଣସି କାରଣରୁ ସତ୍ୟଭାମାଙ୍କୁ ମାଡ଼ମାରିଥିଲେ। ଏହା ପରଠାରୁ ସେ ବିନିଦା ଗ୍ରାମାକୁ ଅସୁ ନ ଥିଲେ। ନାରାୟଣ ଘଟଗାଁ ଥାନା ଅଧୀନ ସାନ୍ତରାପୁର ଗ୍ରାମର ରାଇବଣ ସାହିରେ ସତ୍ୟଭାମାଙ୍କ ବଡ଼ଭଉଣୀ ରକ୍ମିଣୀ ନାୟକଙ୍କ ସ୍ୱାମୀ ଭୁଲାରାମ ନାୟକଙ୍କ ପାଖରେ ରହି ରାଜମିସ୍ତ୍ରୀ କାମ କରୁଥିଲେ। ରବିବାର ନାରାୟଣ ରାଇବଣ ସାହିରୁ ଏକ ହାତୁଡ଼ି ଧରି ବାହାରି ଥିବା ବେଳେ ସୋମବାର ସକାଳୁ ବିନିଦାର ଜଣେ ଯୁବକଙ୍କୁ ଫୋନ୍ କରି ତୁମ ଗ୍ରାମରେ କ’ଣ ଘଟିଛି କି ବୋଲି ପଚାରିଥିଲେ। ବାୟକ କଟକରେ ଥିବା କହିଥିବା ବେଳେ ରବିବାର ରାତିରେ ବିନିଦାରେ ବୁଲୁଥିବା କିଛି ଗ୍ରାମବାସୀ କହିଛନ୍ତି। ତେଣୁ ଘଟଣାରେ ବାୟକଙ୍କ ସମ୍ପୃକ୍ତି ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପଣ୍ଡାପଡ଼ା ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ. ୮୬/୨୩) ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ମୁର୍ମୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କହିଥିଲେ। ଘଟଣାସ୍ଥଳରେ ଭାଜପା ନଦୀ ସୁରକ୍ଷା ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସମେତ ଏକ ପ୍ରତିନିଧି ଦଳ ପହଞ୍ଚି ପୋଲିସ ଘଟଣାର ଠିକ୍‌ଭାବେ ତଦନ୍ତକରି ଅଭିଯୁକ୍ତଙ୍କୁ ଗିରଫ କରୁ ବୋଲି ଦାବି କରିଥିଲେ।

# ଭିଜିଲାନ୍ସ ଜାଲରେ କରଞ୍ଜିଆ ତହସିଲଦାର

ଠାକୁରମୁଣ୍ଡା, ୨୯।୫(ଡି.ଏନ.ଏ.): ୪୯ନଂ. ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ



ଆର୍ଥିକ ରାଶି ପ୍ରଦାନରେ ଚଞ୍ଚକତା ଅଭିଯୋଗରେ ମୟୂରଭଞ୍ଜ ଜିଲା କରଞ୍ଜିଆ ତହସିଲଦାର ଚାର୍ଲ୍ସ ନାୟକ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ସୋମବାର ସକାଳେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତାଙ୍କର କରଞ୍ଜିଆସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ ଓ ଭଦ୍ରକସ୍ଥିତ ପୈତୃକ ଘରେ ଚଢ଼ାଉ ହୋଇଛି। ସେହିପରି ଏହି ଘଟଣାରେ କରଞ୍ଜିଆ ବ୍ଲକ ଅଧୀନ ଚଢ଼େଇଭୋଲସ୍ଥିତ ଜଣେ ଠିକାଦାରଙ୍କ ଘରେ ମଧ୍ୟ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ ଜାରି ରଖିଛି। କଟକ ଓ ଭୁବନେଶ୍ୱରରୁ ଆସିଥିବା ଭିଜିଲାନ୍ସ ଟିମ୍‌ରେ ୭ ଡିଏସ୍‌ପି, ୩ ଇନ୍ସପେକ୍ଟରଙ୍କ ସମେତ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିବା ସୂଚନା ମିଳିଛି।

# ୩୧ ସୁଦ୍ଧା ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳକୁ ପରୀକ୍ଷାର୍ଥୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ପରିଷଦ ପକ୍ଷରୁ ତାରିଖ ସ୍ଥିର ହୋଇପାରୁନାହିଁ। ପ୍ରଥମେ ୨୮ତାରିଖରେ ପରୀକ୍ଷାଫଳ ଘୋଷଣା ତାରିଖ ଜଣାପଡ଼ିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ତାହା ହୋଇ ନ ଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରକ୍ରିୟା ସମାପ୍ତ ହେବା ସହ ୩୧ ତାରିଖ ପୂର୍ବରୁ ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ମାତ୍ର ସୋମବାର ସୁଦ୍ଧା ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୩୧ ତାରିଖ ମଧ୍ୟାହ୍ନ ୧୨ଟା ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପରୀକ୍ଷା ଦେବା ଲାଗି ୩ଲକ୍ଷ ୫୭ ହଜାର ୯୪୨ଜଣ ରେଗୁଲାର ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ରହିଥିଲେ। ସେହିପରି ଯୁକ୍ତ୨ ବିଜ୍ଞାନରେ ୯୩ ହଜାର ୮୯୪, ବାଣିଜ୍ୟରେ ୨୪ ହଜାର ୩୩୧ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ରହିଥିଲେ। ଅନ୍ୟପଟେ ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ଏକ୍ସରେଗୁଲାର ବର୍ଗର ୧ଲକ୍ଷ ୭୭ହଜାର ୨୦୪ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ଓଡ଼ିଶାର ୧,୧୪୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା। ଚଳିତ ବର୍ଷ ୨ଟି ପର୍ଯ୍ୟାୟରେ ଯୁକ୍ତ୨ ଖାତାଦେଖା ଆରମ୍ଭ ହୋଇଥିଲା। ଏପ୍ରିଲ ୧୦ରୁ ଆରମ୍ଭ ହୋଇ ମେ’ ୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫଲାଇନରେ ଖାତା ମୂଲ୍ୟାୟନ କରାଯାଇଥିଲା।

ସର୍ବଭାରତୀୟ ସ୍ତରରେ ବିଭିନ୍ନ ପ୍ରବେଶିକା ପରୀକ୍ଷାକୁ ନଜରରେ ରଖି ମେ’ ମାସ ମଧ୍ୟ ଭାଗରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏପର୍ଯ୍ୟନ୍ତ ପରୀକ୍ଷାଫଳ ପ୍ରକାଶ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଜୁନ ୮ରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳାଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ୍ୟ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।

# ପଦ୍ମଶ୍ରୀ ଦୈତାରୀ ନାୟକଙ୍କୁ ମିଳିବ ‘ଓଡ଼ିଶା ଜଳ ମାନବ ପୁରସ୍କାର’

ଭୁବନେଶ୍ୱର, ୨୯।୫ (ବ୍ୟୁରୋ)

ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶର ବିଭିନ୍ନ କ୍ଷେତ୍ରରେ ବଳିଷ୍ଠ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଅବସରରେ ଓଡ଼ିଶାର କେନାଲ ପୁରୁଷ ଭାବେ ପରିଚିତ ତଥା ୨୦୧୯ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କେନ୍ଦୁଝର ଜିଲାର ଦୈତାରୀ ନାୟକଙ୍କୁ ‘ଓଡ଼ିଶା ଜଳ ମାନବ ପୁରସ୍କାର’ ପ୍ରଦାନ କରାଯିବ ବୋଲି ଓଡ଼ିଶା ପରିବେଶ ସମିତି କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଔଷଧୀୟ ବୃକ୍ଷ ଓ ଉଦ୍ଭିଦ ବର୍ଗ ବିଜ୍ଞାନ କ୍ଷେତ୍ରରେ ବିଶେଷ ଗବେଷଣା ପାଇଁ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. କୁଞ୍ଜ ବିହାରୀ ଶତପଥୀଙ୍କୁ ୨୦୨୩ ବର୍ଷର ‘ପରିବେଶବିତ୍ ପୁରସ୍କାର’, ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟରେ ଜୈବ ବିବିଧତା ସୁରକ୍ଷା ଓ ମଣିଷ-ହସ୍ତୀ ବିବାଦ କ୍ଷେତ୍ରରେ ସଚେତନତା ବୃଦ୍ଧି ନିମନ୍ତେ ‘ଗ୍ରୀନ କ୍ରୁସେଡର୍ ପୁରସ୍କାର’ରେ ସମ୍ମାନିତ କରାଯିବ। ଏହି ଅବସରରେ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଜାତିସଂଘ ନିର୍ଦ୍ଧାରିତ ପ୍ରସଙ୍ଗ ‘ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କର’ ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶେଷ ଆଲୋଚନା ଅନୁଷ୍ଠିତ ହେବ। ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶ ସଚେତନ ବ୍ୟକ୍ତିମାନେ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଅନୁରୋଧ କରିଛନ୍ତି।

# ୩୫ ଘଡ଼ିଆଳ କୁମ୍ଭୀର ଛୁଆ ଜନ୍ମ

ପୁରୁଣାକଟକ, ୨୯।୫(ଡି.ଏନ.ଏ.)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ କୁଶଙ୍ଗ ରେଞ୍ଜ ଅନ୍ତର୍ଗତ ସୁନାଖଣିଆ ବିଟ ଅଞ୍ଚଳର ମହାନଦୀ ଭିତରେ ୩୫ଟି ଘଡିଆଳ କୁମ୍ଭୀର ଛୁଆ ଜନ୍ମ ନେଇଛନ୍ତି। ଆଗକୁ ଏହି ସଂଖ୍ୟା ଆହୁରି ବଢିବ ବୋଲି ଆଶା କରାଯାଉଛି। ମହାନଦୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କୁମ୍ଭୀରଙ୍କ ବାସସ୍ଥଳୀ କୁହାଯାଉଥିବା ସୁନାଖଣିଆ ବିଟ ମହାନଦୀରେ ରହୁଥିବା ଘଡିଆଳ ପ୍ରଜାତିର ମା’ କୁମ୍ଭୀର ଗତ ମାର୍ଚ୍ଚ ମାସ ୬ ତାରିଖରୁ ଅଣ୍ଡା ଦେବା ଆରମ୍ଭ କରିଥିଲା। ମେ ୨୪ ତାରିଖରୁ ଅଣ୍ଡାରୁ ଏହି ଛୁଆ ଜନ୍ମ ନେଇଛନ୍ତି। ଡିଏଫ୍‌ଓ ସାତକୋଶିଆ ଏବଂ ଡିଏଫ୍‌ଓ ମହାନଦୀ ବନ୍ୟପ୍ରାଣୀ ବିଭାଗ ଏହାର ସୁରକ୍ଷା ଦାୟିତ୍ୱରେ ରହିଥିଲେ।

# ଆରମ୍ଭ ହେଲା ‘ଓଡ଼ିଶା ଫର୍ ଏଆଇ, ଏଆଇ ଫର୍ ୟୁଥ୍’



‘ଓଡ଼ିଶା ଫର୍ ଏଆଇ, ଏଆଇ ଫର୍ ୟୁଥ୍’ କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

- ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ପୁରୀ, କଟକରେ କାର୍ଯ୍ୟକାରୀ ହେବ
- ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଓଡ଼ିଶା ବଡ଼ ପଦକ୍ଷେପ ନେଇଛି। ରାଜ୍ୟ ସରକାର ‘ଓଡ଼ିଶା ଫର୍ ଏଆଇ ଏବଂ ଏଆଇ ଫର୍ ୟୁଥ୍’ ଆରମ୍ଭ କରିଛନ୍ତି। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହାର ଶୁଭାରମ୍ଭ କରିଛନ୍ତି। ‘ଓଡ଼ିଶା ଫର୍ ଏଆଇ’ ହେଉଛି ଏଆଇ ଉପରେ ନିଃଶୁଳ୍କ ୪ ଘଣ୍ଟିଆ ପାଠ୍ୟକ୍ରମ। ପ୍ରଥମ ପର୍ଯ୍ୟାୟରେ ଏହା ଭୁବନେଶ୍ୱର, କଟକ ଏବଂ ପୁରୀରେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

‘ଏଆଇ ଫର୍ ୟୁଥ୍’ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପ୍ରଥମ ପର୍ଯ୍ୟାୟର ୫-ଟି ଅନ୍ତର୍ଭୁକ୍ତ ୨୦୦୦ଟି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ (୧୮ ବର୍ଷରୁ କମ୍) ଉଦ୍ଦିଷ୍ଟ ହେବ। ଏଥିଲାଗି ରାଜ୍ୟ ସରକାର ଅନ୍ତର୍ଜାତୀୟ ପ୍ରଯୁକ୍ତି କମ୍ପାନୀ ‘ଇଣ୍ଟେଲ’ ସହ ସହଭାଗିତା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଗତିକୁ ଆଗକୁ ନେବାର କୃତ୍ରିମ ବୁଦ୍ଧିମତା ଅବିଶ୍ୱସନୀୟ ସମ୍ଭାବନା ରଖୁଛି। ରାଜ୍ୟ ସରକାର ପ୍ରଯୁକ୍ତିବିଦ୍ୟା ଆଧାରିତ ରୂପାନ୍ତରଣକୁ ଗୁରୁତ୍ୱ ଦେଉଛନ୍ତି, ଯାହା ୫-ଟି ଉପକ୍ରମର ଏକ ପ୍ରମୁଖ ଅଂଶବିଶେଷ। ଏହି ପଦକ୍ଷେପ ଜନସାଧାରଣଙ୍କ ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରିବ। ସେମାନଙ୍କୁ ପରବର୍ତ୍ତୀ ପିଢ଼ିର ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ପରିଚିତ କରାଇବ। ଗବେଷଣା, ନବସୃଜନ ଏବଂ ପ୍ରୟୋଗ କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦେଇ ଏକ ଇକୋ-ସିଷ୍ଟମ ସୃଷ୍ଟି କରିବ। ରାଜ୍ୟ ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଇଣ୍ଟେଲ ଇଣ୍ଡିଆର ସହଭାଗିତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଲାଭ ଉଠାଇବା ଏବଂ ଏ କ୍ଷେତ୍ରରେ ଅଗ୍ରଣୀ ହେବାକୁ ଅଧିକାରୀଙ୍କୁ ତାଲିମ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି। ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଜ୍ୟର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଇଣ୍ଟେଲ ଇଣ୍ଡିଆ ମୁଖ୍ୟ ନିବୃତ୍ତି ରାୟ, ବିଭାଗୀୟ ପ୍ରମୁଖ ସଚିବ ମନୋଜ ମିଶ୍ର, ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ବରିଷ୍ଠ ଅଧିକାରୀମାନ ଉପସ୍ଥିତ ଥିଲେ।

# ଯୁକ୍ତ ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

- ଚଳିତବର୍ଷ ୫ଲକ୍ଷ ୧୬ହଜାର ୬୧୮ ସିଟ୍
- ପ୍ରଥମ ଦିନରେ ୪୬ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକରଣ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

୨୦୨୩ ଶିକ୍ଷାବର୍ଷରେ ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜଗୁଡ଼ିକରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ ଜରିଆରେ ଛାତ୍ରୀଛାତ୍ର ସୋମବାର ପୂର୍ବାହ୍ନ ୧୧ଟାରୁ ଆବେଦନ ଆରମ୍ଭ କରିଛନ୍ତି।। ଆବେଦନର ଶେଷ ତାରିଖ ଜୁନ ୨୦ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଛି। ସାମ୍ସ ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ, ପ୍ରଥମ ଦିନରେ ରାତି ୮ଟା ୪୫ ସୁଦ୍ଧା ୪୬ ହଜାର ୧୩୨ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୨୯ ହଜାର ୧୮୫ ଜଣ ଆବେଦନ କରିଛନ୍ତି। ସେହିପରି ୨୮ ହଜାର ୮୪୭ ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ଚଳିତଥର ଯୁକ୍ତଦୁଇ ସିଟ୍ ବୃଦ୍ଧି କରାଯାଇଛି। ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ରାଜ୍ୟର ମୋଟ ୨୧୦୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫ ଲକ୍ଷ ୧୬ ହଜାର ୬୧୮ ସିଟ୍ ରହିଛି। ଏଥିମଧ୍ୟରେ କଳାରେ ୨ ଲକ୍ଷ ୮୯ ହଜାର ୬୯୮, ବିଜ୍ଞାନରେ ୧ ଲକ୍ଷ ୫୯ ହଜାର ୪୧୨, ବାଣିଜ୍ୟରେ ୪୪,୩୮୮, ସଂସ୍କୃତରେ ୧୩,୧୦୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦,୦୧୨ ଆସନରେ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁନ ୨୮ ତାରିଖ ସକାଳ ୧୧ଟା ୪୫ରେ ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ମେଧା ତାଲିକାରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ଜୁନ ୨୯ରୁ ଜୁଲାଇ ୫ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ନାମ ଲେଖାଇବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୩ ତାରିଖ ଅପରାହ୍ନ ୩ଟାରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜୁଲାଇ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୩ଦିନ ଚାଲିବ। ଦୁଇଟି ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ଯଦି ସିଟ୍ ଖାଲିପଡ଼େ ତେବେ ସ୍ପଟ୍ ନାମଲେଖା ଲାଗି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ଏହି ତାଲିକା ପ୍ରକାଶ ପାଇବ। ଜୁଲାଇ ୨୯ରୁ ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଧାର୍ଯ୍ୟ କରାଯାଇଛି।






୨୯।୫।୨୦୨୩

| | |
|---|---|
| ୪,୫୩,୦୯୯ ଟଙ୍କା | |
| ସୁନା | ୯୦୦ ମିଲି ଗ୍ରାମ୍ |
| ରୁପା | ୯.୨୦୦ ଗ୍ରାମ୍ |

# ସ୍ନାନଯାତ୍ରା ନେଇ ମୁଖ୍ୟ ପ୍ରଶାସକ, ଜିଲାପାଳଙ୍କ ସମୀକ୍ଷା

## ସୁବ୍ୟବସ୍ଥା ମଧ୍ୟରେ ସମସ୍ତ କାର୍ଯ୍ୟ କରାଯିବ

ପୁରୀ ଅଫିସ,୨୯।୫

ଜୁନ ୪ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଫଳରେ ଶ୍ରୀମନ୍ଦିର ପ୍ରଶାସନଠାରୁ ଜିଲା ପ୍ରଶାସନ ଏବଂ ସେବାୟତମାନଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ସୋମବାର ମଧ୍ୟାହ୍ନରେ ଶ୍ରୀମନ୍ଦିର ଯାଇ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ରଥଯାତ୍ରା ଜୁନ ୨୦ରେ ଅନୁଷ୍ଠିତ ହେବ କିନ୍ତୁ ଜୁନ ୪ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ରହିଛି। ବର୍ତ୍ତମାନ ମହାପ୍ରଭୁଙ୍କ ସ୍ନାନଯାତ୍ରା ଯେପରି ଶୃଙ୍ଖଳିତ ହେବ ସେନେଇ ସବୁ ବ୍ୟବସ୍ଥା କରାଯାଉଛି। ତେବେ ମଙ୍ଗଳବାର ରାଜେନ୍ଦ୍ର ଅଭିଷେକ ରହିଛି। ସେହିପରି ବୁଧବାର ରୁକ୍ମଣୀ ବିବାହ ରହିଛି। ତେବେ ମହାପ୍ରଭୁଙ୍କ ନୀତିରେ ଯାହା ସବୁ ବ୍ୟବହାର ସେସବୁ କଢାଯାଉଛି। ଅପରପକ୍ଷେ ସ୍ନାନବେଦିରେ ଠାକୁର ଓ ସେବାୟତ ଯେଉଁଠାରେ ବସିବେ ତାହାର ସମୀକ୍ଷା କରାଯାଇଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ମଧ ଦ୍ରୁତ ଗତିରେ ଆଗେଇ ଚାଲିଛି। ସମସ୍ତ କାର୍ଯ୍ୟ ଆଖି ଆଗରେ ରଖି ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି। ସମସ୍ତଙ୍କ ସମନ୍ୱୟରେ କାର୍ଯ୍ୟ ହେବ। ବିଭିନ୍ନ ନିଯୋଗ ସହ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଉପରେ ପ୍ରଶାସନ ନଜର ରଖିଛି। ରେଗୁଲାର କାର୍ଯ୍ୟ ନେଇ ସମୀକ୍ଷା କରାଯାଉଛି। ବରିଷ୍ଠ ଅଧିକାରୀମାନେ କାର୍ଯ୍ୟ ଦେଖି ଯାଇଛନ୍ତି। ଡେଡ୍ ଲାଇନ ସମ୍ପର୍କରେ ସେମାନଙ୍କୁ ସଚେତନ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସରିବ। ତେବେ ସ୍ନାନପୂର୍ଣ୍ଣିମାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ତେଣୁ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ପାଣି ସିଞ୍ଚନ କରାଯିବ। ସେହିଭଳି ରୋଡରେ ମ୍ୟାଟ ପକାଯିବା ସହ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି। ସେହିପରି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମହାପ୍ରଭୁଙ୍କ ସ୍ନାନଯାତ୍ରା ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଗତବର୍ଷଠାରୁ ଚଳିତବର୍ଷ ଆହୁରି ଭଲ କରିବା ପାଇଁ ଚେଷ୍ଟା କରାଯାଉଛି। ପ୍ରବଳ ଖରା ହେଉଥିବାରୁ ଅଧିକାଂଶ ଲୋକଙ୍କୁ ଶେଡ୍ ଭିତରେ ରଖିବାର ବ୍ୟବସ୍ଥା କରାଯାଉଛି। ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣିର ବ୍ୟବସ୍ଥା କରାଯାଉଛି। ଭକ୍ତଙ୍କ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ଶୃଙ୍ଖଳିତ ଦର୍ଶନ ଉପରେ ଧ୍ୟାନ ଦିଆଯାଉଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଓ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ହେବା ସହ ଭଲରେ ସ୍ନାନଯାତ୍ରା ସମ୍ପନ୍ନ ହେବ ବୋଲି ଜିଲାପାଳ ବର୍ମା ଆଶା କରିଥିବା କହିଛନ୍ତି।



ସ୍ନାନଯାତ୍ରା ଉପଲକ୍ଷେ ସ୍ନାନବେଦିର ଚାନ୍ଦୁଆକୁ ଦରଜି ସେବକମାନେ ମରାମତି କରୁଛନ୍ତି ।

# ୩ରଥ ପାଇଁ ନାଟ ଗୋଡ଼ରେ ରୂପ ଅଙ୍କନ ଆରମ୍ଭ



## ରଥଖଳାରୁ ...

ପୁରୀ ଅଫିସ,୨୯।୫

ଆସନ୍ତା ୪ ତାରିଖରେ ଶ୍ରୀବିଗ୍ରହଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ରଥ ସଂହିତା ଅନୁଯାୟୀ ସ୍ନାନଯାତ୍ରା ଦିନ ରଥଖଳାରେ ତିନି ରଥର ଚାରି ନାହାକା ଉଠିଥାଏ। ତେବେ ଚଳିତ ବର୍ଷ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଥିବାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ତିନିରଥର ଚାରିନାହାକ ଉଠିବ ବୋଲି ଅନୁମାନ କରାଯାଉଛି। ତେବେ ତିନିରଥର ପାଞ୍ଚ ଦଣ୍ଡା ପ୍ରେମରେ କଣ୍ଟା ବାଡ଼ିଆ ସହ ଆଗଆଣି ଏବଂ ପଛଆଣି ମୁହାଁଟରେ ଗୁଜ, ଜଳଯନ୍ତ୍ର ଉଠି ତା'ଉପରେ ଆଗ, ପଛ ନିରାଡ଼ି ସଂଯୋଗ ହୋଇ ତିନିରଥକୁ ଦୁଇଟି ଲେଖାଏ 'ଗରଗରା' ଉଠିଥିଲା। ତେବେ ସୋମବାର ତିନିରଥରେ ଗରଗରାରେ କଣ୍ଟା ବାଡ଼ିଆ ପୂର୍ବରୁ ତିନି ରଥର ମହାରଣାମାନେ ମାପ ପ୍ରକାରେ 'ଗରଗରା' ପଛ ଭାଗ ଏବଂ ଦଣ୍ଡାର ଉପରଭାଗ ଅର୍ଦ୍ଧ ବର୍ଗାକାର ଖୋଦେଇ ସହ ବିନ୍ଧ କରିଥିଲେ। ଏହାପରେ ତିନିରଥର ମହାରଣା ଭୋଇ ସେବକଙ୍କ ସହାୟତାରେ ତିନି ରଥର ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଏହାପରେ ତିନିରଥର ଉଭୟ ପାର୍ଶ୍ୱରେ ଗୋଟିଏ ବଡ଼ ପୋଲ ଗୟଳ ମୋଡାଯାଇଛି। ଏହି ପୋଲ ଗୟଳକୁ ମୁଣ୍ଡାଇ ରଖିବା ପାଇଁ ତିନି ରଥର ଉଭୟ ପାର୍ଶ୍ୱ ଛଡେଇ ଦଣ୍ଡାରେ ୪/୩ ସାଇଜ ର ୭ଟି ଖମ୍ବୀ ବା ଟାଣ ଏବଂ ଦୁଇଟି ଅସୁଆରି ଉଠି ବଡ଼ ପୋଲ ଗୟଳ ସହ ସଂଯୋଗ କରାଯାଇଛି। ଏତଦ୍‌ବ୍ୟତୀତ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ବଡ଼ ପୋଲ ଗୟଳରୁ ୬ଟି ଏବଂ ଛନ୍ଦା ଗୟଳରୁ ୩ ଗୋଟି ଲେଖାଏ ଶେଷ ହୋଇଛି। ଦର୍ପଦଳନ ରଥର ୫ଟି ଗୟଳର ନିର୍ମାଣ ଶେଷ ହୋଇ ବାକି ୩ ଟି ଛନ୍ଦା ଗୟଳର ନିର୍ମାଣ ଜାରି ରହିଛି। ରୂପକାର ସେବକମାନେ ତିନି ରଥ ସିଂହାସନର ଖୋଦେଇ କାର୍ଯ୍ୟ ଜାରି ରଖିଥିବା ବେଳେ, ତିନିରଥ ପାଇଁ ନାଟ ଗୋଡ଼ରେ ରୂପ ଖୋଦେଇ ପାଇଁ ରୂପ ଅଙ୍କନ ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଗୟଳ କଣ୍ଟା, ଯୋଖା କଣ୍ଟା ସହ ଗଳଳ ନାଦା କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# କାୟାକଳ୍ପ ସମ୍ମାନରେ ୬ ଷ୍ଟାଫ ନର୍ସ ସମ୍ମାନିତ

ପିପିଲି,୨୯।୫(ଡି.ଏନ୍.ଏ.)

ଡାକ୍ତରଖାନାରେ ନିଃସ୍ୱାର୍ଥପର ସେବା ଯୋଗାଇ ଦେଇଥିବା ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ପ୍ରତିବର୍ଷ ସରକାରୀ ସ୍ତରରେ କାୟାକଳ୍ପ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଚଳିତବର୍ଷ ପିପିଲି ବ୍ଲକରେ ଥିବା ଡାକ୍ତରଖାନାଗୁଡିକର ବିଭିନ୍ନ ଶ୍ରେଣୀର କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମଙ୍ଗଳପୁର ଡାକ୍ତରଖାନାରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମେଡିକାଲ ଅଫିସର ଡ. ବିନୟ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ଅଫିସର ପ୍ରଶାନ୍ତ କୁମାର ବରାଳ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଡାକ୍ତରଖାନାର ସମସ୍ତ କର୍ମଚାରୀଙ୍କ ସେବା କାର୍ଯ୍ୟକୁ ପ୍ରଶଂସା କରିବା ଉନ୍ନତମାନର ସେବା ଯୋଗାଇଥିବା ନର୍ସ ସମେତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଝାଡୁଦାର, ଆଟେଣ୍ଡାଣ୍ଟ ଏବଂ ଷ୍ଟାଫ ନର୍ସ ସୁପ୍ରିୟା ବେହେରା, ଗୀତାଞ୍ଜଳି ସାମନ୍ତ ରାୟ, ହରମୋହିନୀ ମହାନ୍ତି, ସରସ୍ୱତୀ ମହାରଣା, କସ୍ତୁରୀ ଦାସ ଏବଂ ପ୍ରିୟଦର୍ଶିନୀ ଖୁଣ୍ଟିଆଙ୍କ ସମେତ ମୋଟ ୨୪ଜଣ କର୍ମଚାରୀଙ୍କୁ କାୟାକଳ୍ପ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିପିଏମ୍ ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିଲେ।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ୫-ଟି ସଚିବଙ୍କ ନିର୍ଦ୍ଦେଶ

ପୁରୀ ଅଫିସ,୨୯।୫

୫-ଟି ସଚିବ ଭି.କେ. ପାଣ୍ଡିଆନ ସୋମବାର ପୂର୍ବାହ୍ନରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଭି.କେ.ପାଣ୍ଡିଆନ ତାଙ୍କ ଜନ୍ମଦିନ ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପାଇଁ ପୁରୀ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଯାଇ ଭିତରକାଠ ନିକଟରେ ରତ୍ନସିଂହାସନ ଚତୁର୍ଦ୍ଧା ବିଗ୍ରହମାନଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସମେତ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ପରେ ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଜୁନ ୪ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଥିବାବେଳେ ୨୦ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଶାସନ ଆଉ ଶ୍ରୀମନ୍ଦିର ପ୍ରଶାସନ ବେଶ ତତ୍ପର ହୋଇଛନ୍ତି। ତେବେ ମେ ୩୦ ସୁଦ୍ଧା ଟାଟା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବାହାର ପରିକ୍ରମା କାର୍ଯ୍ୟ ସମ୍ପୂର୍ଣ୍ଣ କରି ହସ୍ତାନ୍ତର କରିବାକୁ ନିର୍ମାଣଧୀନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ୫-ଟି ସଚିବ ଏହିସବୁ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିବା ସହ ଯଥାଶୀଘ୍ର କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଛନ୍ତି। ପୁରୀରେ ଚାଲିଥିବା ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣାଧୀନ ପାର୍କିଂ କାର୍ଯ୍ୟ, ଶ୍ରୀସେତୁ ଆଦି କାର୍ଯ୍ୟକୁ ୫ ଟି ସଚିବ ସମୀକ୍ଷା କରିଥିଲେ। ତେବେ ପାଣ୍ଡିଆନଙ୍କ ଶ୍ରୀମନ୍ଦିର ଗସ୍ତ ଓ ପରିକ୍ରମା ମାର୍ଗ ସମୀକ୍ଷା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସହ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରାଞ୍ଚଳ ଆଇଜି



କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ପୁରୀ ଆସି ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରୁଛନ୍ତି ।

ପୁରୀ ଅଫିସ, ୨୯।୫

କେନ୍ଦ୍ରାଞ୍ଚଳ ଆଇଜି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଶିଷ ସିଂ ସୋମବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ସିଂହ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ସହ ବହୁ ପୋଲିସ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀମନ୍ଦିର ଯାଇ ଭିତର କାଠ ନିକଟରେ ରତ୍ନସିଂହାସନ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାର ସୁରକ୍ଷା ବ୍ୟବସ୍ଥା ଉପରେ ଏସ୍‌ପିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ତେବେ କେନ୍ଦ୍ରାଞ୍ଚଳ ଆଇଜି ସିଂ ରଥଯାତ୍ରାକୁ ନେଇ କଟକ ପୋଲିସ ହେଡକ୍ୱାର୍ଟରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ପୁରୀ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ତେବେ ଭକ୍ତ ଯେପରି ଶୃଙ୍ଖଳିତ ଭାବରେ ଦର୍ଶନ କରିପାରିବେ ତାହାଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଏସ୍‌ପି କହିଛନ୍ତି।

# ବାଦୀପାଲା ଉଦ୍‌ଯାପିତ

ବଲଙ୍ଗା,୨୯।୫(ଡି.ଏନ୍.ଏ.)

ବଲଙ୍ଗାର ପ୍ରସିଦ୍ଧ ଠାକୁର ଶ୍ରୀଶ୍ରୀ ବକ୍ରେଶ୍ୱର ଦେବ ମେଳଣ କମିଟି ପକ୍ଷରୁ ବାଇଶିଗୁଣ୍ଠ ମେଳଣ ପଡ଼ିଆରେ ୭ଦିନ ବ୍ୟାପି ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଗାୟକ ବିଚିତ୍ରାନନ୍ଦ ପଣ୍ଡା ଓ ଗାୟକ ଲକ୍ଷ୍ମୀଧର ପଣ୍ଡା ପାଲା ପରିବେଷଣ କରିଥିଲେ। ଶତାଧିକ ଲୋକ ଉପସ୍ଥିତ ରହି ପାଲାକୁ ଉପଭୋଗ କରିଥିଲେ।

# ଅଲାରନାଥ ପୀଠକୁ ଆସିଲା ନନ୍ଦିଘୋଷର ପୁରୁଣା ରଥ ଚକ

ପୁରୀ ଅଫିସ/ବ୍ରହ୍ମଗିରି,୨୯।୫(ଡି.ଏନ୍.ଏ.)

ବ୍ରହ୍ମଗିରି ସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ପୀଠକୁ ସୋମବାର ପୁରୀର ମହାପ୍ରଭୁଙ୍କ ନନ୍ଦିଘୋଷର ପୁରୁଣା ରଥ ଚକ ଆସି ପହଞ୍ଚିଛି। ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ତିନିରଥରେ ବହନ କରିଥିବା ରଥ ଚକ ପ୍ରତି ଏକ ଆଧ୍ୟାତ୍ମିକ ଚିନ୍ତାଧାରା ସୃଷ୍ଟି ହୋଇଛି। ପରମ ବ୍ରହ୍ମକୁ ବହନ କରୁଥିବାରୁ ଏହି ରଥ ଚକ ପରବ୍ରହ୍ମ ସଦୃଶ୍ୟ ହୋଇଥିବାରୁ ଏହାକୁ ଲୋକେ ବିଭିନ୍ନ ଦେବାଳୟରେ ସ୍ଥାପନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆରାଧନା କରିଥାନ୍ତି। ବ୍ରହ୍ମକ୍ଷେତ୍ର ଭାବେ ବିଦିତ ଅଲାରନାଥଙ୍କ ପୀଠକୁ ସୋମବାର ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଏକ ଚକକୁ ଅଲାରନାଥଙ୍କ ପୀଠରେ ସ୍ଥାପନା ପାଇଁ ଅଲାରନାଥ ମନ୍ଦିର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ମାଝିଙ୍କ ସହିତ ସେବାୟତ ସୁରେନ୍ଦ୍ର ସୁଆର, ନୀଳମଣି ସୁଆର, ଜିଲା ପରିଷଦ ସଭ୍ୟ କୈଳାସ ପରିଡା, ରମାଶଙ୍କର ପାତ୍ର, କାଶୀନାଥ ନାୟକଙ୍କ ସହିତ ବ୍ରହ୍ମଗିରି ଅଞ୍ଚଳର ଶତାଧିକ ଭକ୍ତ ଓ ଅଲାରପୁର ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକକୁ ଏକ ଧାର୍ମିକ ପରିବେଶ ମଧ୍ୟରେ ଝାଞ୍ଜ କୀର୍ତ୍ତନର ତାଳେତାଳେ ବିରାଟ ଶୋଭାଯାତ୍ରାରେ ଶ୍ରୀଅଲାରନାଥ ମନ୍ଦିରକୁ ଆଣିଥିଲେ। ଏହି ରଥ ଚକକୁ ବିଭିନ୍ନ ସ୍ଥାନରେ ବନ୍ଧାପନା କରିଥିବାର ଦେଖିବାକୁ ମିଳିଥିଲା ।




# ଗୋଟିଏ ଜୁଇରେ ଦମ୍ପତିଙ୍କ ଅନ୍ତିମ ସଂସ୍କାର

ବଲଙ୍ଗା,୨୯।୫(ଡି.ଏନ୍.ଏ.)

ବଲଙ୍ଗା ଥାନା ଅଧୀନ ରଥ ପୁରୁଷୋତ୍ତମପୁର ବାଲି ଗାଁରେ ଏକ ଦମ୍ପତିଙ୍କ ଗୋଟିଏ ଜୁଇରେ ଅନ୍ତିମ ସଂସ୍କାର କରାଯାଇଛି। ଗ୍ରାମର ବରିଷ୍ଠ ପୂଜକ ଭଗବାନ ପଣ୍ଡା(୭୨) କିଛି ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଘରକୁ ଫେରିବା ପରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିବାକୁ ପ୍ରସ୍ତୁତ ହେଉଥିଲେ। ସେହି ସମୟରେ ଭଗବାନଙ୍କ ସ୍ତ୍ରୀ ନେତ୍ରମଣି ପଣ୍ଡା(୬୨) ହଠାତ୍ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ପଡ଼ୋଶୀଙ୍କ ସହାୟତାରେ ସାତଶଙ୍ଖ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର, ଆତ୍ମୀୟ ସ୍ୱଜନ ଦମ୍ପତିଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଗାଁ ମଶାଣିକୁ ନେଇଥିଲେ। ସେଠାରେ ଗୋଟିଏ ଜୁଇରେ ଦୁହିଁଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ହରେକୃଷ୍ଣ ମୁଖାଗ୍ନି ଦେଇଥିଲେ।

# ବିଏସ୍‌କେୱାଇ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ସର୍ଭେ

ପୁରୀ ଅଫିସ,୨୯।୫

ବିଜୁସ୍ୱାସ୍ଥ୍ୟକଲ୍ୟାଣ କାର୍ଡ(ବିଏସ୍‌କେୱାଇ)ର ଆଡ୍‌ଭାଇଜର ପୁଷ୍ପାଞ୍ଜଳି ରଣା ସୋମବାର ପୁରୀ ଆସି ସହରରେ ଥିବା ୬ଟି ମେଡିକାଲ ପରିଦର୍ଶନ କରିଛନ୍ତି। ଆଡ୍‌ଭାଇଜର ରଣା ବିଭିନ୍ନ ମେଡିକାଲକୁ ଯାଇ ବିଏଓ୍‌କେୱାଇ କାର୍ଡ ସହାୟତାରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କ ସହ ସ୍ୱାସ୍ଥ୍ୟ ବିଷୟରେ ସର୍ଭେ କରିଥିଲେ। ସର୍ଭେ ସମୟରେ ବିଜେଡିର ଯୁବ ରାଜ୍ୟ ଉପ ସଭାପତି ସୁନୀଲ ମହାନ୍ତି, ନୃସିଂହ ସାହୁ, ରିଙ୍କୁ ଦାଶ, ବିଜୟ କୁମାର ବ୍ରହ୍ମା, ବିଭୂତି ଭୂଷଣ ସେଠୀ, ଭୀମସେନ, ଅମୃତ ମିଶ୍ର ଏବଂ ବଳରାମ ରେଡି ପ୍ରମୁଖ ଉପସ୍ଥିତ ରହି ମେଡିକାଲରେ ଥିବା ବିଏସ୍‌କେୱାଇର ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।



ବିଏସ୍‌କେୱାଇର ଆଡ୍‌ଭାଇଜର ପୁଷ୍ପାଞ୍ଜଳି ରଣା ଜଣେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରୁଛନ୍ତି ।

# ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଆଣିଲେ ୱାର୍ଡ ମେମ୍ବର

## ବିଡିଓ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କାକଟପୁର,୨୯।୫(ଡି.ଏନ୍.ଏ.)

ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ସରପଞ୍ଚ ଓ ସରକାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହ ସରକାରୀ ଅର୍ଥ ହଡ଼ପ ହେଉଥିବା ନେଇ ସାମୂହିକ ଭାବେ ସମସ୍ତ ୱାର୍ଡ ମେମ୍ବର ସୋମବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିବା ସହ ବିଡିଓ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗତ ବର୍ଷକ ମଧ୍ୟରେ ୱାର୍ଡ ମେମ୍ବରମାନଙ୍କୁ କୌଣସି ପ୍ରକଳ୍ପ ବିଷୟରେ ସୂଚନା ଦିଆଯାଉ ନାହିଁ କିମ୍ବା ସେମାନଙ୍କୁ ପଚରାଉଚରା କରାଯାଉ ନାହିଁ। ଏପରିକି ପଞ୍ଚାୟତ ବୈଠକରେ ମଧ୍ୟ ୱାର୍ଡ ମେମ୍ବରମାନଙ୍କୁ ଡକାଯାଉ ନାହିଁ। ସରପଞ୍ଚ, ଜିଆର୍‌ଏସ୍ ଓ ପୂର୍ବତନ ପିଇଓ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ କରି ହଡ଼ପ କରିଥିବା ନେଇ ୱାର୍ଡ ମେମ୍ବରମାନେ ଲିଖିତ ଅଭିଯୋଗ କରିଛନ୍ତି। ୱାର୍ଡ ସଭ୍ୟମାନଙ୍କୁ କୌଣସି ବୈଠକରେ ସାମିଲ ନ କରିବା ସହ ସିଏଫ୍‌ସି, ଏସ୍‌ଏଫ୍‌ସି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନେକ ସରକାରୀ ଅର୍ଥ ଲୁଟ କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ଆଣିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ନାଁରେ କୌଣସି କାର୍ଯ୍ୟ ନକରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିବା ସହ, ଲାଇଟ୍ ମରାମତି ନାମରେ ମଧ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏପରି ଅନେକ ଅଭିଯୋଗ ନେଇ କୁରୁଜଙ୍ଗ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ବିଡିଓଙ୍କୁ ଭେଟିବାକୁ ଆସିଥିଲେ। ହେଲେ ବିଡିଓ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡିଓଙ୍କୁ ଦାବିପତ୍ର ଦେବା ସହ ଜିଲାପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ କୁରୁଜଙ୍ଗ ସରପଞ୍ଚ ରୁପାଲି କାଣ୍ଡିଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଫୋନ ଉଠାଇ ନ ଥିଲେ।



ୱାର୍ଡ ମେମ୍ବରମାନେ ଅତିରିକ୍ତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ସାଇକେଲ ଚୋରି ଘଟଣାରେ ଯୁବକଙ୍କୁ ଛୁରାମାଡ଼, ଜଣେ ଗିରଫ

ନିମାପଡ଼ା,୨୯।୫(ଡି.ଏନ୍.ଏ.)- ଚାରିଛକ ଥାନା ଅଧୀନ ଭୋଦର ପଞ୍ଚାୟତ ଜୁଣୁପୁର ଗ୍ରାମରେ ଏକ ଚୋରି ଘଟଣାକୁ କେନ୍ଦ୍ର କରି ଛୁରାମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗ୍ରାମର ନରେନ୍ଦ୍ର ଜେନା। ଏନେଇ ପୋଲିସ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଗ୍ରାମର ପ୍ରଦୀପ ଜେନା ଗୁରୁତର ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ସାଇକେଲ ଚୋରି ସମ୍ପର୍କରେ ପୂର୍ବରୁ ପ୍ରଦୀପ ଚାରିଛକ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ନରେନ୍ଦ୍ର ଏବଂ ପ୍ରଦୀପଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କ୍ରୋଧାନ୍ୱିତ ହୋଇ ନରେନ୍ଦ୍ର ଏକ ଧାରୁଆ ଛୁରିରେ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପକ୍ଷେ ଗ୍ରାମର ପ୍ରଦୀପ, ପ୍ରତାପ ଓ କାଳିଆ ସଂଘବଦ୍ଧ ଭାବେ ନରେନ୍ଦ୍ରଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନରେନ୍ଦ୍ରଙ୍କ ସ୍ତ୍ରୀ ଝୁମଲତା ପାଲଟା ଅଭିଯୋଗ କରିଛନ୍ତି।

### ଘରେ ପଶି ଦେଢ଼ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡ଼ା,୨୯।୫(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଭିଲି ଗ୍ରାମର ଜଣଙ୍କ ଘରୁ ବଡ଼ ଧରଣର ଚୋରି ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୭୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମର ସୁକାନ୍ତ ପୋଲାଇଙ୍କ ପରିବାର ରବିବାର ରାତିରେ ଖାଇପିଇ ଘରେ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ୩ ଦୁର୍ବୃତ୍ତ ତାଙ୍କ ଦାଣ୍ଡ କବାଟ ଖୋଲି ଘରେ ପଶି ସୁକାନ୍ତଙ୍କୁ ବାହାର ପଟୁ ତାଲା ପକାଇ ଦେଇଥିଲେ। ତାଙ୍କ ସ୍ତ୍ରୀ ଓ ଝିଅ ଶୋଇଥିବା ଘରେ ପଶି ଆଲମାରୀ ଖୋଲି ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା ସହ ହଳେ ସୁନା କାନଫୁଲ, ୪ ପଟ ଶଙ୍ଖା, ଗୋଟିଏ ଚେନ୍, ଗୋଟିଏ ମୁଦି ଆଦି ଦେଢଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା, ୨ ମୋବାଇଲ ଆଦି ଚୋରି କରିନେଇଛନ୍ତି। ଦୁର୍ବୃତ୍ତଙ୍କ ଶବ୍ଦ ଶୁଣି ପରିବାର ଲୋକେ ଚିତ୍କାର କରିବାରୁ ସେମାନେ ବାରିପଟେ ଖସି ପଳାଇଥିବା ସୁକାନ୍ତ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୁରୀରୁ ସହକାରୀ ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଆସନ୍ତା ଜୁନ୍ ୨୩ରେ ଝିଅଙ୍କ ବାହାଘର ପାଇଁ ଟଙ୍କା ଓ ସୁନାଗହଣା ରଖିଥିବା ସୁକାନ୍ତ କହିଥିଲେ।

### ସୁହାଗପୁର ସ୍କୁଲରୁ ଚାଉଳ ଚୋରି

କାକଟପୁର,୨୯।୫(ଡି.ଏନ୍.ଏ.)- ଦିନକୁ ଦିନ କାକଟପୁର ଅଞ୍ଚଳରେ ଚୋରଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଲେଣି। ଗତ ୨୭ତାରିଖରେ ନରଣପୁର ସ୍କୁଲରୁ ଚାଉଳ ଚୋରି ଘଟଣା ଥମି ନ ଥିବାବେଳେ ରବିବାର ବିଳମ୍ବିତ ରାତିରେ ସୁହାଗପୁର ସ୍କୁଲର ୨ଟି କୋଠରି କବାଟ ଭାଙ୍ଗି କେହି ଦୁର୍ବୃତ୍ତ ୩ବସ୍ତା ଚାଉଳ ଚୋରି କରିନେଇଥିବା ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ସ୍କୁଲ ଅଭିଭାବକ ସଂଘର ବିରଞ୍ଚି ନାୟକ କାକଟପୁର ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ସକାଳ ୭ଟା ସମୟରେ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସାହୁ ପହଞ୍ଚିବା ବେଳେ ସ୍କୁଲର ୨ଟି କୋଠରି କବାଟ ଭଙ୍ଗାଯାଇ ଚାଉଳ ଚୋରି ହୋଇଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବା ପରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କାକଟପୁର ଥାନାରେ ଅଭିଯୋଗ କରାଯାଇଛି। ପିଲାଙ୍କ ଚାଉଳ ଚୋରି ଘଟଣାକୁ ଅଞ୍ଚଳରେ ନିନ୍ଦନୀୟ ବୋଲି ଗ୍ରାମବାସୀ କହିଛନ୍ତି।

**ବସ ଡ୍ରାଇଭରଙ୍କୁ ବଟି ମାଗି ଯୁବକ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ):ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ବସ୍ ଡ୍ରାଇଭରମାନଙ୍କଠାରୁ ବଟି ଆଦାୟ ଅଭିଯୋଗରେ ଭରତପୁର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୃସିଂହ ରଣସିଂ। ତାଙ୍କ ନାମରେ ଖଣ୍ଡଗିରି ଥାନାରେ ୫ ଓ ନୟାପଲ୍ଲୀ ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ଜଣକ କ୍ରମାଗତ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି -୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନିଆଯାଉଛି।



## ସଂକ୍ଷେପରେ

### ଟଙ୍କା ନେଇ ଜେସିବି ନ ଦେବା ଅଭିଯୋଗ: ଜଣେ ଗିରଫ

ବାରଙ୍ଗ,୨୯।୫(ଡି.ଏନ୍.ଏ.): ଜଣେ ଠିକାଦାରଙ୍କଠୁ ୫ ଲକ୍ଷ ଟଙ୍କା ନେଇ ଜେସିବି ନ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଟାଙ୍ଗି ଥାନା ଅଧୀନ ପଳାସା ଗ୍ରାମର ଦୀପକ ମହାନ୍ତି। ଏନେଇ ପୋଲିସ ୧୩୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ନୀହାରକାନ୍ତ ପଢ଼ିହାରୀ ଠିକାଦାରି କରିବା ସହ ମାଲପରିବହନ କରିବା ନିମନ୍ତେ ନିଜର ହାଇୱା କରିଛନ୍ତି। ତାଙ୍କ ଆବଶ୍ୟକତାକୁ ଦେଖି ସେ ଏକ ଜେସିବି କିଣିବାକୁ ବିଭିନ୍ନ ଆଡ଼େ ଯୋଗାଯୋଗ କରିଥିଲେ। ଏ ସମୟରେ ତାଙ୍କର ଦୀପକଙ୍କ ସହ ଭେଟ ହୋଇଥିଲା। ଦୀପକ ନିଲାମ ଜରିଆରେ ମ୍ୟାଗମା ଫାଇନାନ୍ସ କମ୍ପାନୀରୁ ଓଡ଼ି ୩୩ ଏକ୍ସ ୨୪୦୧ ନମ୍ବର ବିଶିଷ୍ଟ ଏକ ଜେସିବି ମେଶିନ କିଣିଥିବା ନୀହାରଙ୍କୁ କହିଥିଲେ। ଉଭୟଙ୍କ ସହମତିରେ ଉକ୍ତ ଜେସିବି କିଣିବାକୁ ନିହାର ଏକ ଚୁକ୍ତିନାମା ଜରିଆରେ ଦୀପକଙ୍କୁ ୫ ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ। ଅଗ୍ରିମ ଟଙ୍କା ନେବା ପରେ ଦୀପକ ଆଉ ଦେଖା ଦେଇ ନ ଥିଲେ କି ତାଙ୍କ ଫୋନ ଉଠାଇ ନ ଥିବା ନୀହାର ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଦୀପକଙ୍କୁ ରବିବାର କାବୁ କରିବାରେ ସଫଳ ହୋଇଥିଲେ।

### ବିଭୋର କଲା ବଂଶୀ ବାଦନ, ଓଡ଼ିଶୀ ନୃତ୍ୟ ନୃତ୍ୟାଞ୍ଜଳିର ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୯।୫(ବ୍ୟୁରୋ): ନୃତ୍ୟାନୁଷ୍ଠାନ 'ନୃତ୍ୟାଞ୍ଜଳି' ପକ୍ଷରୁ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଉତ୍କଳ ରଙ୍ଗମଞ୍ଚରେ ୩ଦିନ ଧରି ଚାଲିଥିବା ୩୧ତମ ନୃତ୍ୟ ମହୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ରାଜ୍ୟ, ଦେଶ ତଥା ବିଦେଶର ୫୫ରୁ ଊର୍ଦ୍ଧ୍ୱ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ସୁମଧୁର ବଂଶୀ ସ୍ୱନ ଏବଂ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ସନ୍ଧ୍ୟାର ସମ୍ବର୍ଦ୍ଧନା ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ଗୁରୁ ରତିକାନ୍ତ ମହାପାତ୍ର ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ନୃତ୍ୟାଞ୍ଜଳିର ସଭାପତି ସୁକାନ୍ତ କୁଣ୍ଡୁ, ସମ୍ପାଦକ ପୁଷ୍ପରଞ୍ଜନ ମଙ୍ଗରାଜ, ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଭିନେତା ଅଶ୍ରୁମୋଚନ ମହାନ୍ତି ନୃତ୍ୟାଞ୍ଜଳି ଯୁବ କଳାକାର ପ୍ରତିଭା ସମ୍ମାନରେ ବିଶିଷ୍ଟ ବଂଶୀବାଦକ ଗୁରୁ ସୌମ୍ୟ ରଞ୍ଜନ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁକାନ୍ତ କୁଣ୍ଡୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିବାରୁ ତାଙ୍କୁ ବିଶେଷ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ତବଲା ବାଦକ ବିଶ୍ୱରଞ୍ଜନ ନନ୍ଦ ଏବଂ ଅୟସପ୍ରଭ ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

# ଷ୍ଟାଣ୍ଡିଂ କମିଟି ଆଲୋଚନା ବିନା ହେବ କର୍ପୋରେଶନ ବୈଠକ

**ବିଏମ୍‌ସିରେ ପ୍ରଥମ**

- ନିୟମରେ ବ୍ୟତିକ୍ରମ, ଅପ୍ରାସଙ୍ଗିକ ହେଉଛି କମିଟି
- ପୁଣି ଘୁଞ୍ଚିଲା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚଳିତ ମାସର କର୍ପୋରେଶନ ବୈଠକ ୩୧ ତାରିଖ ବୁଧବାର ଅନୁଷ୍ଠିତ ହେବ। ତେବେ ପୂର୍ବ ବୈଠକଗୁଡ଼ିକ ତୁଳନାରେ ଏହି ବୈଠକ ଉପରେ ସମସ୍ତଙ୍କ ନଜର ରହିବ। କାରଣ ପ୍ରଥମଥର ପାଇଁ ଷ୍ଟାଣ୍ଡିଂ କମିଟି ବୈଠକ ବିନା କର୍ପୋରେଶନ ବୈଠକ ହେବାକୁ ଯାଉଛି। ନିୟମ ଅନୁଯାୟୀ, ପ୍ରତି ମାସରେ ବିଏମ୍‌ସିର କର୍ପୋରେଶନ ବୈଠକ ବସିବ ଏବଂ ଏହା ପୂର୍ବରୁ ସମସ୍ତ ଷ୍ଟାଣ୍ଡିଂ କମିଟିର ବୈଠକ ସରିବ। ଏଥିରେ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବ ଉପରେ କର୍ପୋରେଶନ ମୋହର ମାରିବ। ମାତ୍ର ବିଏମ୍‌ସିରେ ପ୍ରଥମ ଥର ପାଇଁ ଏହି ନିୟମରେ ବ୍ୟତିକ୍ରମ ଘଟିବାକୁ ଯାଉଛି। ଗତ ଏପ୍ରିଲରେ ହୋଇଥିବା କର୍ପୋରେଶନ ବୈଠକରେ ବିଏମ୍‌ସିର ୯ଟି ଯାକ ଷ୍ଟାଣ୍ଡିଂ କମିଟି ମଧ୍ୟରୁ ଏଷ୍ଟାବ୍ଲିସ୍‌ମେଣ୍ଟ ଷ୍ଟାଣ୍ଡିଂ କମିଟିର ବୈଠକ ବସି ପାରି ନ ଥିଲା। କମିଟି ଅଧ୍ୟକ୍ଷ ଏବଂ ସମ୍ପୃକ୍ତ ଡେପୁଟି କମିଶନରଙ୍କ ମଧ୍ୟରେ ଥିବା ବିବାଦ କାରଣରୁ ଏଭଳି ହୋଇଥିବାବେଳେ ସମୟ ଅଭାବରୁ ବୈଠକ ବସି ପାରି ନ ଥିବା ମେୟର ସଫେଇ ଦେଇଥିଲେ। ମାତ୍ର ଏଥର କୌଣସି ଷ୍ଟାଣ୍ଡିଂ କମିଟିର ବୈଠକ ବସିନାହିଁ। ତେଣୁ ବିନା ଷ୍ଟାଣ୍ଡିଂ କମିଟିରେ କିଭଳି କର୍ପୋରେଶନ ବୈଠକ ବସିବ ଓ କେଉଁ ଭିତ୍ତିରେ କମିଟିର ପ୍ରସ୍ତାବ ଦିଆଯିବ ତା' ଉପରେ ନଜର ରହିଛି।

ସୂଚନାଯୋଗ୍ୟ, ୨୦୨୨ ମେ ୨୩ ତାରିଖରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବା ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ନିୟମ ଅନୁଯାୟୀ ୧ ବର୍ଷ ପରେ କମିଟି ଅଧ୍ୟକ୍ଷଙ୍କର ପୁନର୍ବାର ନିର୍ବାଚନ ହେବା କଥା। ଇତିମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିଯାଇଛି। ତେଣୁ ଯେ ପର୍ଯ୍ୟନ୍ତ କମିଟିର ନୂତନ ଅଧ୍ୟକ୍ଷ ନିର୍ବାଚନ ହୋଇନାହିଁ ସେ ପର୍ଯ୍ୟନ୍ତ କମିଟି ବୈଠକ ହୋଇପାରିବ ନାହିଁ। ୩୧ ତାରିଖରେ କର୍ପୋରେଶନ ବୈଠକ ଥିବାରୁ ଏହା ପୂର୍ବରୁ ମେ ୨୪ରେ ନିର୍ବାଚନ ହେବା ନେଇ ସୂଚନା ଦିଆଯାଇଥିଲା। ଏହା ପରେ ୨୫ ତାରିଖରେ ନିର୍ବାଚନ କରାଯିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହାର ଠିକ୍ ପୂର୍ବଦିନ ମେ ୩୦କୁ ଅଧ୍ୟକ୍ଷ ନିର୍ବାଚନ ଘୁଞ୍ଚିବା ନେଇ ପୁନଶ୍ଚ ସୂଚନା ଦିଆଗଲା। ଏବେ ପୁନର୍ବାର ଅଧ୍ୟକ୍ଷ ନିର୍ବାଚନକୁ ଅନିର୍ବାର୍ଯ୍ୟ କାରଣ ପାଇଁ ଘୁଞ୍ଚାଇ ଦିଆଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ କେବେ ନିର୍ବାଚନ କରାଯିବ ଏବଂ କେଉଁ କାରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବି ବାରମ୍ବାର ଏହାକୁ ଘୁଞ୍ଚାଯାଉଛି ସେ ନେଇ କୌଣସି ସୂଚନା ଦିଆଯାଇନାହିଁ। ଜଣେ କର୍ପୋରେଟରଙ୍କ କହିବା ଅନୁଯାୟୀ, ଷ୍ଟାଣ୍ଡିଂ କମିଟି ବୈଠକ ବସି ନ ଥିବାରୁ ଯାହା ପୁରୁଣା ପ୍ରସ୍ତାବ ରହିଛି ତାହା କର୍ପୋରେଶନରେ ଉପସ୍ଥାପନ କରିବୁ। ବାସ୍ତବରେ କହିବାକୁ ଗଲେ ଷ୍ଟାଣ୍ଡିଂ କମିଟି କେବଳ ନାମକୁ ମାତ୍ର। ଏଥିରେ ଦିଆଯାଇଥିବା ପ୍ରସ୍ତାବ କର୍ପୋରେଶନରେ ଉପସ୍ଥାପନ ହୁଏନାହିଁ ବା ଆଲୋଚନା କରାଯାଏ ନାହିଁ। କର୍ପୋରେଟରମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥାନ୍ତି। ଏଥିରୁ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଷ୍ଟାଣ୍ଡିଂ କମିଟି ଅପ୍ରାସଙ୍ଗିକ ହୋଇ ରହିଥିବା ସ୍ପଷ୍ଟ ହେଉଛି। ତେବେ ଏଥର କର୍ପୋରେଶନ ବୈଠକରେ କେତେଜଣ କର୍ପୋରେଟର ଏହି ପ୍ରସଙ୍ଗକୁ ନେଇ ମେୟରଙ୍କୁ ପ୍ରଶ୍ନ କରିବେ ବୋଲି କହିଛନ୍ତି। ଏଥିସହ ଏଷ୍ଟାବ୍ଲିଶମେଣ୍ଟର ଷ୍ଟାଣ୍ଡିଂ କମିଟିରେ ଲାଗି ରହିଥିବା ବିବାଦକୁ କମିଟିର ପୂର୍ବତନ ଅଧ୍ୟକ୍ଷ କୁମାରେନ୍ଦ୍ର ମହାପାତ୍ର ବୈଠକରେ ଉଠାଇବେ ବୋଲି କହିଛନ୍ତି। ଏହାବାଦ୍ ଉଠାଦୋକାନୀ ପ୍ରସଙ୍ଗ, ଡ୍ରେନ୍, ପରିମଳ ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ଏବଂ ଦାବି ଉପସ୍ଥାପନ କରାଯିବ ବୋଲି ସୂଚନା ମିଳିଛି।



'ନୃତ୍ୟାଞ୍ଜଳି' ପକ୍ଷରୁ ଆୟୋଜିତ ନୃତ୍ୟ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ।

### ଛାତରୁ ପଡ଼ି ରଙ୍ଗମିସ୍ତ୍ରିଙ୍କ ମୃତ୍ୟୁ

ଭୁବନେଶ୍ୱର,୨୯।୫(ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ପ୍ଲଟ ନଂ ଏ/୧୧୫ରେ ଛାତରୁ ପଡ଼ି ଜଣେ କାର୍ଯ୍ୟରତ ରଙ୍ଗମିସ୍ତ୍ରିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିର ଗୌରାଙ୍ଗ ସାହୁ (୬୦)। ଦିନବେଳା ରଙ୍ଗ ଦେବା ପାଇଁ ଭାରା ବାନ୍ଧୁଥିବା ବେଳେ ଗୌରାଙ୍ଗ ତଳେ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତାଙ୍କ ଭାଣିଜୀ ମାମାଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗୋଷ୍ଠୀ ସଂଘର୍ଷ ଘଟଣା, ୯ ଗିରଫ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ସହ ଗାଡି ଭଙ୍ଗାରୁଜା ଘଟଣାରେ ସ୍ଥାନୀୟ ପୋଲିସ ଉଭୟ ପକ୍ଷରୁ ପୃଥକ ପୃଥକ ମାମଲାରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋଟିଏ ଗୋଷ୍ଠୀର ଅରୁଣ ବେହେରା, ସୁବ୍ରତ ସୁବୁଦ୍ଧି, ସୁନୀଲ ସୁବୁଦ୍ଧିଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଗୋଷ୍ଠୀର ସୌଭାଗ୍ୟଜିତ ପ୍ରଧାନ, ସୌରଭ ଶାଶ୍ୱଜିତ ପ୍ରଧାନ, ସରୋଜ ବେହେରା, ସୁମିତ କୁମାର ଜେନା, ପ୍ରଭାତ ବେହେରା, ଅନିଲ କୁମାର ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ସୂଚନାନୁସାରେ ଗତ ୨୭ ତାରିଖରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ପରେ ମାର୍‌ପିଟ୍ ହୋଇଥିଲା। ହେଲେ ରାଗ ଶାନ୍ତ ନ ହେବାରୁ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା।

## ଆଦର୍ଶ ଶିକ୍ଷକଙ୍କ କାହାଣୀ 'ଅସ୍ତମିତ'



ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଅସ୍ତମିତ'ର ଏକ ଦୃଶ୍ୟ।

**ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ 'ନାଟ୍ୟ ଗୌରବ ଆନନ୍ଦ ଶଙ୍କର ସ୍ମୃତି ସମ୍ମାନ'**

ଭୁବନେଶ୍ୱର, ୨୯।୫ (ବ୍ୟୁରୋ)

ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱର ସମସ୍ତ ପ୍ରାଚୀନ ସଂସ୍କୃତିଠାରୁ ସ୍ୱତନ୍ତ୍ର ଓ ଋଦ୍ଧିମନ୍ତ। ଏହାର ମୂଳରେ ରହିଛି ଅତୀତରେ ପ୍ରଚଳିତ ଉନ୍ନତମାନର ଶିକ୍ଷା ବ୍ୟବସ୍ଥାକୁ ନେଇ ସୋମବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଅସ୍ତମିତ'। ନାଟକରେ ଦ୍ୱାପର ଯୁଗର ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାଦାନ ଶୈଳୀ ସହିତ ନାଟକର ଶିକ୍ଷକ ସତ୍ୟବ୍ରତ ସାର୍‌ଙ୍କ ଶିକ୍ଷାଦାନ ଶୈଳୀର ଏକ ତୁଳନାତ୍ମକ କାହାଣୀ ପର୍ଯ୍ୟବସିତ ହୋଇଥିଲା। ଅଭିନନ୍ଦନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଥିଲା ଏହି ନାଟକ। ଏହାର ରଚନା ହରିଶ୍ଚନ୍ଦ୍ର ବେହେରା କରିଥିବାବେଳେ ନିର୍ଦ୍ଦେଶନା ଭାସ୍କର ଚନ୍ଦ୍ର ମହାପାତ୍ର ଦେଇଥିଲେ। ରାଉରକେଲା ସମ୍ପର୍କ ଅନୁଷ୍ଠାନର କଳାକାର ନାଟକକୁ ଉପସ୍ଥାପନା କରିଥିଲେ। ଏହି ଅବସରରେ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ 'ନାଟ୍ୟ ଗୌରବ ଆନନ୍ଦ ଶଙ୍କର ସ୍ମୃତି ସମ୍ମାନ', ଇଞ୍ଜିନିୟର ଚନ୍ଦ୍ରଶେଖର ନନ୍ଦଙ୍କୁ 'ଆନନ୍ଦ ଶଙ୍କର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ନାଟ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ପାର୍ଥ ସାରଥି ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ, ବିବେକାନନ୍ଦ ପାଣିଗ୍ରାହୀ, ନାଟ୍ୟସଂଘ ସଭାପତି ହରେନ୍ ସାହୁ, ସମ୍ପାଦକ ଶୁଭକାନ୍ତ ପାଢ଼ୀ, ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ନାଟ୍ୟକାର ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗଛରେ ଚଢ଼ି ପୁଣି ଡ୍ରାଇଭରଙ୍କ ଆତ୍ମହତ୍ୟା ଉଦ୍ୟମ

**ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ**

- ମାର୍ଚ୍ଚ ୨୨ରେ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୋଲିସ

ଭୁବନେଶ୍ୱର,୨୯।୫(ବ୍ୟୁରୋ):



କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ବାଲେଶ୍ୱର ଜିଲା ସୋର ଅଞ୍ଚଳର ଗୁଲୁ ପାତ୍ର(୪୩) ନାମକ ଡ୍ରାଇଭର ମାର୍ଚ୍ଚ ୨୨ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୋମବାର ଅପରାହ୍ଣରେ ପୁଣି ଗୁଲୁ ସେଭଳି ସମାନ ଘଟଣା ଘଟାଇଛନ୍ତି। ଅପରାହ୍ଣ ପ୍ରାୟ ୩ଟା ବେଳେ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ଏକ ଦେବଦାରୁ ଗଛରେ ଚଢ଼ି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। କ୍ୟାପିଟାଲ ହସ୍ପିଟାଲରେ ଗୁଲୁଙ୍କ ଅଧିକ ଚିକିତ୍ସା ଚାଲିଛି।

ଅନ୍ୟପକ୍ଷରେ ଉଦ୍ଧାର ସମୟରେ ଗୁଲୁ ଗଣମାଧ୍ୟମକୁ କହିଥିଲେ, ସେ ସୋର ଶାଖା ଡ୍ରାଇଭର ମହାସଂଘର ସମ୍ପାଦକ ଅଛନ୍ତି। ଗଣମାଧ୍ୟମଗୁଡ଼ିକ ତାଙ୍କୁ ବଦ୍‌ନାମ କରିଦେଇଛନ୍ତି। ଗାଁରେ କେହି ତାଙ୍କୁ ଭଲ ପାଉନାହାନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗୁଲୁଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ସୂଚନା ମିଳିଛି। କ୍ୟାପିଟାଲ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଗୁଲୁଙ୍କ ଚିକିତ୍ସା ପରେ ତାଙ୍କୁ ଅଧିକ ପଚରାଉଚରା କରାଯିବ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ଣରେ ଗୁଲୁ ହଠାତ୍ ଏକ ଗାମୁଛା ନେଇ ଗଛ ଉପରକୁ ଚଢ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇଯାଇଥିଲେ। ଗୁଲୁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଦେଖି ସେମାନେ ବାରଣ କରିବା ସହ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ତାଙ୍କ ପ୍ରତିଶ୍ରୁତିକୁ ମନେ ପକାଇଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ମୁକ୍ତିକାନ୍ତ ମଣ୍ଡଳ ଗତବର୍ଷ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା।

## 'ଫୋନ୍‌ପେ'ରେ ଲାଞ୍ଚ ନେଇ ଟିପିସିଓଡିଏଲ୍ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୯।୫(ବ୍ୟୁରୋ):

**ଓଡ଼ିଶା ଭିଜିଲାନ୍ସ ଇତିହାସରେ ପ୍ରଥମ**

- ଜଣେ ମହିଳା ସହଯୋଗୀ ମଧ ଧରାପଡ଼ିଲେ
- ବିଦ୍ୟୁତ୍ ସଂଯୋଗରେ ସହାୟତା ପାଇ ୧୦ ହଜାର ଲାଞ୍ଚ ନେଇଥିଲେ



ଗିରଫ ଅଭିଯୁକ୍ତ ତରୁଣ ରଞ୍ଜନ ନାୟକ

ଜଣେ ବ୍ୟକ୍ତିଙ୍କ ପାଖରୁ 'ଫୋନ୍‌ପେ' ଜରିଆରେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିସିଓଡିଏଲ୍‌ର ଜଣେ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ସୋମବାର ଗିରଫ ହୋଇଛନ୍ତି। ସେ ହେଲେ ଏହି ସଂସ୍ଥାର ନୟାପଲ୍ଲୀସ୍ଥିତ ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍ (ଜିଆର୍‌ଏଫ)ର ଅଫିସ ଆସିଷ୍ଟାଣ୍ଟ ଗ୍ରେଡ୍-୩ ତରୁଣ ରଞ୍ଜନ ନାୟକ। ଏଥିସହ ଜଣେ ମହିଳା ସହଯୋଗୀ ଶୈଳଜା ମୁଦୁଲିଙ୍କୁ ମଧ ଗିରଫ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୪/୨୦୨୩) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଓଡ଼ିଶା ଭିଜିଲାନ୍ସ ଇତିହାସରେ 'ଫୋନ୍‌ପେ'ରେ ଲାଞ୍ଚ ନେଇ ଧରାପଡ଼ିବା ପ୍ରଥମ ଘଟଣା ବୋଲି କୁହାଯାଉଛି। ଏଭଳି ଭାବେ ତରୁଣ ନିୟମିତ ଶୈଳଜାଙ୍କ ଦ୍ୱାରା 'ଫୋନପେ'ରେ ଲାଞ୍ଚ ନେଉଥିବା ଭିଜିଲାନ୍ସ ସନ୍ଦେହ କରୁଛି। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ତରୁଣଙ୍କ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରାସ୍ଥିତ ବାସଭବନ ଓ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ଗ୍ରାମସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ସନ୍ଦୀପ କୁମାର ସ୍ୱାଇଁ ବରଗଡ଼ ଥାନା ଅଞ୍ଚଳରେ ତାଙ୍କ ନିଜ କୋଠାରେ ପରିବାର ସହ ରହୁଛନ୍ତି। ହେଲେ ସେଠାରେ ବିଦ୍ୟୁତ୍ ସଂଯୋଗ ନ ଥିଲା। ଏଥିପାଇଁ ୨ଟି ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫର୍ମରର ଆବଶ୍ୟକ ପଡ଼ିଥିଲା। ଏନେଇ ସେ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ମଧ ସୁବିଧା ପାଇପାରି ନ ଥିଲେ। ଏ ସଂକ୍ରାନ୍ତରେ ସନ୍ଦୀପ ଏଜିଏମ୍‌ଙ୍କୁ ଭେଟିଥିଲେ। ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍‌ରେ ଏନେଇ ଅଭିଯୋଗ କରିବା ପାଇଁ ସନ୍ଦୀପଙ୍କୁ ଏଜିଏମ୍ ପରାମର୍ଶ ଦେଇଥିଲେ। ତେବେ ଜିଆର୍‌ଏଫ୍‌ରେ କାର୍ଯ୍ୟରତ ତରୁଣ ଏନେଇ କେସ୍ ପଞ୍ଜୀକୃତ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରବିବାର ଶୈଳଜାଙ୍କ ଫୋନପେ ନମ୍ବରରେ ସନ୍ଦୀପ ଏହି ଟଙ୍କା ଦେଇ ଏ ସଂକ୍ରାନ୍ତରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ସୋମବାର ସନ୍ଦୀପ ଗ୍ରିଭାନ୍ସ ଆପ୍ଲିକେଶନ୍ ଫର୍ମ ଗ୍ରହଣ କରିବାବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତରୁଣଙ୍କୁ ଗିରଫ କରିଥିଲେ।

## ମନୋନୟନ ତାଲିକାରେ ପାରମିତା ଶତପଥୀଙ୍କ 'ଅଭିପ୍ରେତ କାଳ'

**'ବ୍ୟାଙ୍କ ଅଫ୍ ବରୋଦା ରାଷ୍ଟ୍ରଭାଷା ସମ୍ମାନ' ପୁରସ୍କାରର ପ୍ରଥମ ସଂସ୍କରଣ**

ଭୁବନେଶ୍ୱର,୨୯।୫(ବ୍ୟୁରୋ)



ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପାରମିତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ 'ବ୍ୟାଙ୍କ ଅଫ୍ ବରୋଦା ରାଷ୍ଟ୍ରଭାଷା ସମ୍ମାନ' ପୁରସ୍କାର ପ୍ରଥମ ସଂସ୍କରଣର ମନୋନୟନ ତାଲିକା ପ୍ରକାଶ ପାଇଛି। ମେ' ୨୪ରେ ଘୋଷଣା ହୋଇଥିବା ଏହି ତାଲିକାରେ ବିଭିନ୍ନ ଆଞ୍ଚଳିକ ଭାଷାର ୧୨ଟି ପୁସ୍ତକ ରହିଛି। ଏଥିରେ ଲେଖିକା ପାରମିତା ଶତପଥୀଙ୍କ ଓଡ଼ିଆ ଉପନ୍ୟାସ 'ଅଭିପ୍ରେତ କାଳ' ସ୍ଥାନ ପାଇଛି। 'ବ୍ୟାଙ୍କ ଅଫ୍ ବରୋଦା ରାଷ୍ଟ୍ରଭାଷା ସମ୍ମାନ' ପୁରସ୍କାରର ବିଜେତାଙ୍କ ନାମ ଜୁନ୍ ୧୧ରେ ଦିଲ୍ଲୀଠାରେ ଘୋଷଣା କରାଯିବ। ଏହି ପୁରସ୍କାର ଉଭୟ ମୂଳ ଲେଖକ ଓ ଏହି ପୁସ୍ତକର ହିନ୍ଦୀ ଅନୁବାଦକଙ୍କୁ ପ୍ରଦାନ କରାଯିବ। ଏହି କ୍ରମରେ ପୁସ୍ତକର ମୂଳ ଲେଖକ ୨୧ଲକ୍ଷ ଟଙ୍କା ଓ ଏହାର ହିନ୍ଦୀ ଅନୁବାଦକ ୧୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବେ। ଅନ୍ୟପଟେ ପରବର୍ତ୍ତୀ ଶ୍ରେଷ୍ଠ ପାଞ୍ଚଟି ପୁସ୍ତକର ମୂଳ ଲେଖକ ୩ ଲକ୍ଷ ଟଙ୍କା ଓ ହିନ୍ଦୀ ଅନୁବାଦକ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବେ।

ଓଡ଼ିଶାର ପୁସ୍ତକ ମନୋନୟନ ତାଲିକାରେ ସ୍ଥାନ ପାଇବା ଅବସରରେ ସ୍ଥାନୀୟ ଏକ ହୋଟେଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ 'ଅଭିପ୍ରେତ କାଳ'ର ମୂଳ ଲେଖିକା ପାରମିତା ଶତପଥୀ ଓ ପୁସ୍ତକର ହିନ୍ଦୀ ଅନୁବାଦକ ଅଜୟ କୁମାର ପଟ୍ଟନାୟକ ଯୋଗଦେଇ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। 'ଅଭିପ୍ରେତ କାଳ'ରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ଗାନ୍ଧୀ ଦର୍ଶନର ମାର୍ଗକୁ ଉପସ୍ଥାପିତ କରାଯାଇଛି ବୋଲି ଲେଖିକା ସୂଚନା ଦେଇଥିଲେ। ବ୍ୟାଙ୍କ ଅଫ୍ ବରୋଦାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଦେବଦତ୍ତ ଚାନ୍ଦ ଯୋଗଦେଇ ଏହି ପୁରସ୍କାର ଭାରତୀୟ ଭାଷା ସାହିତ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା କହିଥିଲେ। ସେହିପରି ଏହି ପୁରସ୍କାର ଭାରତୀୟ ସଂସ୍କୃତିକୁ ଗୁରୁତ୍ୱ ଦେବା ସହିତ ଭାଷାଗତ ବିବିଧତାକୁ ସମ୍ମାନ ପ୍ରଦାନ କରୁଛି ଓ ଆମ ଦେଶର ଭାଷାଗୁଡ଼ିକୁ ସମୃଦ୍ଧ କରୁଛି ବୋଲି ସେ କହିଥିଲେ।

ସୂଚନାଥାଉ କି, ପାଞ୍ଚଜଣ ସଦସ୍ୟ ଥିବା ବିଚାରକମଣ୍ଡଳୀ ଏହି ୧୨ଟି ପୁସ୍ତକକୁ ମନୋନୟନ କରିଛନ୍ତି। ବିଚାରକ ମଣ୍ଡଳୀର ମୁଖ୍ୟ ଭାବେ ପ୍ରସିଦ୍ଧ ଲେଖିକା ଗୀତାଞ୍ଜଳି ଶ୍ରୀ ରହିଥିବାବେଳେ କବି ଅରୁଣ କମଲ, ଶିକ୍ଷାବିତ୍ ପୁଷ୍ପେଶ ପନ୍ତ, କବି ଅନାମିକା ଏବଂ ହିନ୍ଦୀ କାଳ୍ପନିକ ଲେଖକ ତଥା ଅନୁବାଦକ ପ୍ରଭାତ ରଞ୍ଜନ ସଦସ୍ୟ ରହିଥିଲେ।

## 'ହା ଅନ୍ନ ଚିତ୍କାର ଆଉ ଶୁଭୁନି'

**କଳିଙ୍ଗ ଟିଭି କନ୍‌କ୍ଲେଭ 'ପଞ୍ଚମ ପାଳି ବିକାଶର ପାଳି'**

ଭୁବନେଶ୍ୱର,୨୯।୫(ବ୍ୟୁରୋ)




ଆଲୋଚନାଚକ୍ରରେ ଓସିଡବ୍ଲ୍ୟୁଡବ୍ଲ୍ୟୁ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବଂ ଅନ୍ୟ ଅତିଥି।

'ହା ଅନ୍ନ ହା ଅନ୍ନ ଚିତ୍କାର ଆଉ ଶୁଭୁନି, ଏବେ ଖାଦ୍ୟଶସ୍ୟ ବଳକା ରହୁଛି। ଓଡ଼ିଶା ଏବେ ଖାଦ୍ୟଶସ୍ୟ ରପ୍ତାନୀ କରୁଛି।' ସୋମବାର କଳିଙ୍ଗ ଟିଭି କନକ୍ଲେଭ 'ପଞ୍ଚମ ପାଳି ବିକାଶର ପାଳି'ରେ ଯୋଗଦେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। କଳିଙ୍ଗ ଟିଭି ପକ୍ଷରୁ ଆୟୋଜିତ କନକ୍ଲେଭରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉଭୟ ଅଧିବେଶନରେ ବିଜେଡି ସରକାରଙ୍କ ଶାସନ କାଳରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟଧାରା ଉପରେ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା କୋଠା ଏବଂ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ (ଓବି ଆଣ୍ଡ ଓସିଡବ୍ଲ୍ୟୁଡବ୍ଲ୍ୟୁ) ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କହିଥିଲେ ଯେ, 'ମିଶନ ଶକ୍ତି' ବର୍ଷସାରା ମା' ମାନଙ୍କୁ ଶକ୍ତି ଦେଉଛି। 'ରାଜ୍ୟର ମିଶନ ଶକ୍ତି ମା'ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭୂତପୂର୍ବ ଉପହାର ବୋଲି ସେ କହିଥିଲେ।

ସେହିପରି ମିଶନ ଶକ୍ତିର ଉପଦେଷ୍ଟା ଗୀତା ବସ୍ତିଆ ନିଜ ବକ୍ତବ୍ୟରେ 'ମହିଳାମାନଙ୍କ ସଶକ୍ତୀକରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ' ବୋଲି କହିଥିଲେ। ମହିଳାଙ୍କୁ ରୋଷେଇ ଘରୁ ଆଣି ବିଶ୍ୱଦର୍ଶନ କରାଇବାକୁ ନିଆଯାଇଛି। ମିଶନ ଶକ୍ତି ମାଧ୍ୟମରେ ମା'ମାନେ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ବ୍ୟାଙ୍କରେ ୮୦ ପ୍ରତିଶତ ମହିଳାଙ୍କ ଜମାଖାତା ରହିଛି ବୋଲି ବସ୍ତିଆ କହିଥିଲେ। ଅନ୍ୟପଟେ ମୁଠି ଚାଉଳ ଆଦାୟ କରି ଆମେ ଗୋଷ୍ଠୀ ଗଢ଼ିଥିଲୁ ବୋଲି ଡିଏଲ୍‌ଏଫ୍‌ର ସଭାପତି ମୀନାକ୍ଷୀ ପୃଷ୍ଟି ପ୍ରକାଶ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ୫-ଟି ଏକ ଅଭିନବ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। କନକ୍ଲେଭରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଏସ୍‌ଡିସିର ଉପଦେଷ୍ଟା ପ୍ରଦୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଇ ଆଣ୍ଡ୍ ଆଇଟି ସଚିବ ମନୋଜ ମିଶ୍ର ମଧ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଗରିବ ଲୋକଙ୍କ ଆଶା ଓ ଭଲ ପାଇବା ଅଛି। ସେହି ବିଶ୍ୱାସର ପ୍ରତିଫଳନ ହେଉଛି ବୋଲି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ। ଉଦ୍ଦେଶ୍ୟ ଓ ସଙ୍କଳ୍ପର ସହ ମୁଖ୍ୟମନ୍ତ୍ରୀ କାମ କରିଥାନ୍ତି ବୋଲି ସେ କହିଛନ୍ତି। ୫-ଟି ଅଭିଯାନ ଦ୍ୱାରା ପ୍ରଶାସନ ଲୋକଙ୍କ ନିକଟତର ହୋଇପାରିଛି। ଗରିବ ସୀମାରେଖା ତଳେ ଥିବା ଲୋକଙ୍କ ଜୀବନଧାରଣରେ ଉନ୍ନତି ଘଟିଛି। ଲୋକଙ୍କୁ ଆମେ ଭିଟାମିନଯୁକ୍ତ ଚାଉଳ ଯୋଗାଉଛୁ। ଏହା ବିଜେଡ଼ି ସରକାର ସମୟରେ ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ପଞ୍ଚମ ପାଳି ରୂପାନ୍ତରିତ ବିକାଶର ପାଳି, ସବୁଠୁ ତଳ ପାହାଚର ଲୋକ ପାଖରେ ବିକାଶ ପହଞ୍ଚାଇବା ସହ କ୍ରମାଗତ ଭାବେ ଭୋଟ ପାଇ ନବୀନ ପଟ୍ଟନାୟକ ଜିତିଆସୁଛନ୍ତି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ।

## ସଂକ୍ଷେପରେ

### ଓଷ୍ଟାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଟକ ଅଫିସ,୨୯।୫- ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୩୩ତମ ସାମ୍ବିଧାନିକ ସମ୍ମିଳନୀରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସେମାନଙ୍କ ପାଇଁ ଶପଥ ଗ୍ରହଣ ଉତ୍ସବ କେନ୍ଦୁଝର ଜିଲା କାଳିପଡ଼ିଆ ନିକଟସ୍ଥ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ ନିମ୍ନମାଧମିକ ଶିକ୍ଷକ ସଂଘ (ଓଲଷ୍ଟା)ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଓଲଷ୍ଟାର ସଭାପତି ବିକ୍ରମ କେଶରୀ ଦାସ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଅକ୍ଷୟ କୁମାର ମିଶ୍ର-ସଭାପତି, ନୀଳମଣି ପୁରୋହିତ-କାର୍ଯ୍ୟକାରୀ ସଭାପତି, ବିଜୟ କୁମାର ଭଞ୍ଜ, ସାରଙ୍ଗଧର ଠାକୁର, ଅଶୋକ କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ପ୍ରମୋଦ କୁମାର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଅରୁଣ କୁମାର ବଳ, ସୁଧୀର ନାୟକ, ହିରଣ୍ୟମୟୀ ସାମଲ, ରାଜଲକ୍ଷ୍ମୀ ବେହେରା- ଉପସଭାପତି, ରଞ୍ଜନ କୁମାର ଦାଶ-ସାଧାରଣ ସମ୍ପାଦକ, ବ୍ରଜକିଶୋର ବିଶ୍ୱାଳ-ଯୁଗ୍ମ ସାଧାରଣ ସମ୍ପାଦକ, ଅଶୋକ କୁମାର ମହାପାତ୍ର-କୋଷାଧକ୍ଷ, ବିଜୟ କୁମାର ଛତ୍ର, ସ୍ମୃତି ରଞ୍ଜନ ପରିଜା, ମାଣିକେଶ୍ୱର ସ୍ୱାଇଁ, ପ୍ରଣବ କୁମାର ଜେନା, ରମାକାନ୍ତ ମହାପାତ୍ର, ନିର୍ମଳ କୁମାର ଜେନା, ମୃତ୍ୟୁଞ୍ଜୟ ବେହେରା, ଗୋପୀ ବଲ୍ଲଭ ଭୂୟାଁ, ଯୁଗପ୍ରଭା ସାବତ, ରଶ୍ମିତା ମିଶ୍ର-ସମ୍ପାଦକ, ମୃତ୍ୟୁଞ୍ଜୟ ପଲାଇ, ଆଶୁତୋଷ ପ୍ରସାଦ ରଥ, ମନୋଜ କୁମାର ପାଢ଼ୀ- ସହସମ୍ପାଦକ, ଶଙ୍କର କୁମାର ସୁବୁଦ୍ଧି (ସମ୍ପାଦକ) ଶିକ୍ଷାପ୍ରଦୀପ, ପ୍ରଦୀପ୍ତ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁ (ସହସମ୍ପାଦକ) ଶିକ୍ଷାପ୍ରଦୀପ ଭାବେ ଶପଥ ଗ୍ରହଣ କରିଥିଲେ।

### ଆଜିଠୁ ଖାନନଗରରେ ବସ୍ତି ଉଚ୍ଛେଦ ହେବ

କଟକ ଅଫିସ, ୨୯।୫ - ନେତାଜୀ ବସ୍ ଟର୍ମିନାଲ ପାଇଁ କାଠଯୋଡି ରିଂରୋଡ ସମ୍ପ୍ରସାରଣ କରାଯାଇ ୬ ଥାକିଆ କରିବାକୁ ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାରଠାରୁ ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ସିଏମ୍‌ସି ପକ୍ଷରୁ ଖାନ୍‌ନଗର କାଠଯୋଡି କୂଳରେ ଥିବା ବସ୍ତି ଉଚ୍ଛେଦ କରାଯିବ। ସେଠାକାର ବାସିନ୍ଦାଙ୍କୁ ଧବଳେଶ୍ୱରଗଡ଼ା ନିକଟରେ ସିଏମ୍‌ସି ପକ୍ଷରୁ ଥଇଥାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦ଟି ପରିବାରକୁ ବ୍ରଜବିହାରୀପୁର ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ରଖାଯାଇଛି। ସିଏମ୍‌ସି ପକ୍ଷରୁ ସେମାନଙ୍କ ପାଇଁ ୮ ଦିନ ନିମନ୍ତେ ରହିବା ଓ ଖାଇବା ବନ୍ଦୋବସ୍ତ କରାଯାଇଛି। ଧବଳେଶ୍ୱର ଗଡ଼ା ନିକଟରେ ଯୋଗାଇ ଦିଆଯାଇଥିବା ଜମିରେ ସେମାନେ ଘର ନିର୍ମାଣ କରିବେ। ଏଥିପାଇଁ ସେମାନଙ୍କୁ ୫୦ ହଜାର ଟଙ୍କା ସହାୟତା ଦିଆଯିବ। ପର୍ଯ୍ୟାୟ କ୍ରମେ ପ୍ରାୟ ୨୦୦ ବସ୍ତିବସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ଧବଳେଶ୍ୱର ଗଡ଼ା ନିକଟରେ ଥାଇଥାନ କରାଯିବ। ସେଠାରେ ଥିବା ଉତ୍ତରଣୀ ମନ୍ଦିର ଭଙ୍ଗା ଯିବ ନାହିଁ ବୋଲି ସିଏମ୍‌ସି ପକ୍ଷରୁ ଜଣାପଡ଼ିଛି। ପ୍ରେସ୍‌ଛକଠାରୁ ମଲାଚଣ୍ଡିଆ ଛକ ପର୍ଯ୍ୟନ୍ତ ରିଂ ରୋଡ୍‌ର ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ମନ୍ଦିରଠାରୁ ପ୍ରେସ୍‌ଛକ ପର୍ଯ୍ୟନ୍ତ ବ୍ରିଜ ନିର୍ମାଣ କରାଯିବ। ୧୮ ମାସରେ ୬ ଥାକିଆ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବସ୍ତି ଭଙ୍ଗାଯିବା ପରେ ସେଠାରେ ଏକ ବ୍ରିଜ ନିର୍ମାଣ କରାଯିବ। ମଲାଚଣ୍ଡିଆ ଛକରୁ ପ୍ରେସ୍‌ଛକ ପର୍ଯ୍ୟନ୍ତ ଏହି ବ୍ରିଜ ରିଂରୋଡ କଡ଼ ଦେଇ ତିଆରି ହେବା ପରେ ବସ୍ ଚଳାଚଳ କରିବ।

# ରଥଯାତ୍ରା ପୂର୍ବରୁ ରାସ୍ତା ମରାମତି ହେବ

**ରଥଯାତ୍ରା ପ୍ରସ୍ତୁତି ବୈଠକ**

■ସଫେଇ, ପାନୀୟଜଳ ବ୍ୟବସ୍ଥା କରାଯିବ

■ସମନ୍ୱୟ ରକ୍ଷା ପାଇଁ ଗଠନ ହେବ ସ୍ୱତନ୍ତ୍ର କମିଟି

କଟକ ଅଫିସ,୨୯।୫



ରଥଯାତ୍ରା ପ୍ରସ୍ତୁତି ବୈଠକରେ ମେୟର, କମିଶନରଙ୍କ ସହ ଅନ୍ୟମାନେ।

ଆସନ୍ତା ଜୁନ୍ ୨୦ରେ ରଥଯାତ୍ରା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁ ଭବନ ସମ୍ମିଳନୀ କକ୍ଷରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ଶାନ୍ତି କମିଟି ଓ ବିଭିନ୍ନ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଯୋଗଦେଇ ସେମାନଙ୍କ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶେଷକରି ଯେଉଁ ଅଞ୍ଚଳରେ ରଥଯାତ୍ରା ହେବ ସେଠାକାର ରାସ୍ତା ତୁରନ୍ତ ମରାମତି କରିବାକୁ ନିଷ୍ପତ୍ତି ହୋଇଛି। ରଥଯାତ୍ରାର ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ବ୍ୟାପକ ସଫେଇ କରାଯିବ। ପାନୀୟଜଳ ଯୋଗାଣରେ ଯେଭଳି ଅସୁବିଧା ନ ଉପୁଜେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରଥ ଯିବା ରାସ୍ତାରେ ଝୁଲନ୍ତା ତାର ସଜାଡିବା ପାଇଁ ବିଦ୍ୟୁତ୍ ବିଭାଗ ପଦକ୍ଷେପ ନେବ। ନାଳରୁ ପଙ୍କୋଦ୍ଧାର ଯୁଦ୍ଧକାଳୀନଭିତ୍ତିରେ କରାଯିବ।

ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଏହି କମିଟିରେ ମେୟର, କମିଶନର, ସ୍ୱାସ୍ଥ୍ୟ ଅଧିକାରୀ, ୱାଟକୋ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ରହିବେ। ସେମାନେ ରଥଯାତ୍ରା ପୂର୍ବରୁ ବିଭିନ୍ନ ସ୍ଥାନ ପରିଦର୍ଶନ କରି କାର୍ଯ୍ୟଗୁଡ଼ିକୁ ସମୀକ୍ଷା କରିବେ। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ଧର୍ମେଶ ନାୟକ, ଡେପୁଟି କମିଶନର ଅଜୟ ମହାନ୍ତି, ଶିକ୍ଷା ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ପ୍ରତିଷ୍ଠାନ ବିଭାଗ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ପୂର୍ଣ୍ଣିମା ସ୍ୱାଇଁ, ଅଭିଯୋଗ ଓ ସାମାଜିକ ସ୍ଥାୟୀ କମିଟିର ଅଧ୍ୟକ୍ଷା ପ୍ରଳୟା ବେଉରାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ, କର୍ପୋରେଟର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେଇଥିଲେ।

# ବେଆଇନ ଗଞ୍ଜେଇ ଚାଲାଣ: ୪ ଗିରଫ

**୨ କାର, ୭୧୧ କେଜି ଗଞ୍ଜେଇ, ୧.୫ ଲକ୍ଷ ଟଙ୍କା ଜବତ**

କଟକ ଅଫିସ/ମଙ୍ଗୁଳି-ଜଗତପୁର,୨୯।୫(ଡି.ଏନ୍.ଏ.)

କଟକ ଜିଲା ଜଗତ୍‌ପୁର ଓ ଚୌଦ୍ୱାର ଥାନା ଅଞ୍ଚଳର ୨ଟି ସ୍ଥାନରେ ବେଆଇନ ଗଞ୍ଜେଇ ଚାଲାଣବେଳେ ପୋଲିସ ଜବତ କରିଛି। ଏଥିସହ ଦୁଇଟି ଦାମୀ କାର୍, ୭୧୧ କେଜି ଗଞ୍ଜେଇ ଓ ୧.୫ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଥିବା ନେଇ କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ପୋଲିସ କମିଶନରଙ୍କ ସୂଚନା ଅନୁଯାୟୀ, ବିପୁଳ ପରିମାଣ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରବିବାର ପୋଲିସକୁ ସୂଚନା ମିଳିଥିଲା। ଭୁବନେଶ୍ୱରରୁ ଢେଙ୍କାନାଳ ଅଭିମୁଖେ ୧୬ ନଂ. ଜାତୀୟ ରାଜପଥରେ ଏକ କାର ଯୋଗେ ଗଞ୍ଜେଇ ନେଇ ଯାଉଥିବାବେଳେ ଜଗତପୁର ଓଭରବ୍ରିଜ ନିକଟରେ ୨ ଜଣ ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଥିଲେ। ସ୍ପେଶାଲ ସ୍କ୍ୱାଡ୍ ଓ ଜଗତପୁର ପୋଲିସ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଚାଲାଣରେ ନିୟୋଜିତ ଏକ କାର, ୩୬୦ କେଜି ଗଞ୍ଜେଇ, ୧ ଲକ୍ଷ ୨ ହଜାର ଟଙ୍କା ଓ ୪ଟି ମୋବାଇଲ୍ ଫୋନ ଜବତ କରିଥିଲେ। ଗିରଫ ଅଭିଯୁକ୍ତ ହେଲେ କାର ଚାଳକ କନ୍ଧମାଳ ଜିଲା ଗୋଛାପଡା ଥାନା ଅନ୍ତର୍ଗତ କଡ଼ିଙ୍ଗିଆ ଗ୍ରାମର ପଞ୍ଚାନନ ବିଶୋଇ ଓ ଫୁଲବାଣୀ ଥାନା ଅନ୍ତର୍ଗତ ପୁରୁଣା ଏଲ୍ଆଇସି କଲୋନୀର ଅମିତ କୁମାର ମହାକୁଡ। ଏନେଇ ଜଗତପୁର ଥାନାରେ ଏକ ମାମଲା ନଂ.୨୫୭/୨୩) ରୁଜୁ ହୋଇଛି। ସେହିପରି ଢେଙ୍କାନାଳରୁ କୋଲକାତା ଅଭିମୁଖେ ଅନ୍ୟ ଏକ କାର୍‌ରେ ୫୫ ନମ୍ବର ଜାତୀୟ ରାଜପଥରେ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ପାନେଇଲୋ ଗ୍ରାମର ଗଣେଶ୍ୱର ଦାସ ଓ କନ୍ଧମାଳ ଜିଲା ଗୋଛାପଡା ଥାନା ଅଧୀନ ସଦରସୁଗା ଗ୍ରାମର ଦାମ କହଁର। ସେମାନଙ୍କଠାରୁ ଏକ କାର, ୩୫୧ କେଜି ୮୦୦ ଗ୍ରାମ ଗଞ୍ଜେଇ, ୪୮ ହଜାର ଟଙ୍କା, ୩ଟି ମୋବାଇଲ, ଗୋଟିଏ ସୁନାଚେନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଚୌଦ୍ୱାର ଥାନାରେ ଏକ ମାମଲା(ନଂ.୨୬୩/୨୩) ରୁଜୁ ହୋଇଛି।

# କଟକ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କଟକ ଅଫିସ, ୨୯।୫

କଟକ କ୍ଲବ ପକ୍ଷରୁ ହାଡ଼, ଗଣ୍ଠି ଏବଂ ଟିକାକରଣ ଉପରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଫେସର ବୀର କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ, ପରିବାର ଓ କର୍ମଚାରୀମାନେ ସାମିଲ ହୋଇ ସ୍ୱାଇନ୍ ଫ୍ଲୁ ଏବଂ ହେପାଟାଇଟିସ୍ ବି ଟିକାକରଣ ଉପରେ ସଚେତନ ହୋଇଥିଲେ। ଏଥିସହ ହାଡ଼ ସୁସ୍ଥ ନିମନ୍ତେ ନିୟମିତ ରକ୍ତ ପରୀକ୍ଷା, ଏକ୍ସ-ରେ ପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ଶିବିରରେ ପ୍ରଫେସର ଏନ୍.ସି. ମହାପାତ୍ର, ମଦନ ସାହୁ, ରବି ଧର, ଗୌତମ ଶତପଥୀ, ଡା. ଶକ୍ତି ଦାସ, ଡା. ସତ୍ୟ ନାୟକ, ରବି ଦାସ, ସଞ୍ଜୟ ରାମ, ଚନ୍ଦନ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କ୍ଲବ ସଭାପତି ପ୍ରଫେସର ଡା. ଜୟନ୍ତ ପଣ୍ଡା, ସମ୍ପାଦକ ଯଶୋବନ୍ତ ଦାସ, ସତ୍ୟଶୋଭାନ୍ ନନ୍ଦ, କୋଷାଧକ୍ଷ ସୁବ୍ରତ ଦାସ, ଡା. ସୁଦୀପ୍ତ ପୋଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶିବିରରେ ପ୍ରଫେସର ଜୟନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ।




କଟକ କଳାବିକାଶ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀ।

# ବାଦ୍ୟଯନ୍ତ୍ର ଫ୍ୟୁଜନ ଶିଖିଲେ ପ୍ରଶିକ୍ଷାର୍ଥୀ

**ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

କଟକ ଅଫିସ,୨୯।୫

କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ସୋମବାର ୫ମ ଦିବସରେ ଆଧୁନିକ ଚିତ୍ରକଳା ଓ ବାଦ୍ୟଯନ୍ତ୍ରର ଫ୍ୟୁଜନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇ ଆଧୁନିକ ଚିତ୍ରକଳାର କେତେକ ପ୍ରମୁଖ ସୂତ୍ର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବେହେଲା, ତବଲା, ଗୀଟାର, କି' ବୋର୍ଡର ଫ୍ୟୁଜନ୍ କରିବା କୌଶଳ ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦିଆଯାଇଥିଲା। ବେହେଲାରେ ଅଜୟ ବାରିକ, ନାଟକରେ ପ୍ରମୋଦ ରଞ୍ଜନ ମହାନ୍ତି, ଗୀଟାର୍ ମେହେମୁଦ୍, ଚିତ୍ରକଳାରେ ବିଜୟ କୁମାର ସାହୁ, ଓଡ଼ିଶୀ ସଙ୍ଗୀତରେ ବିଭୁଦତ୍ତ ମଲ୍ଲ, ଶାସ୍ତ୍ରୀୟ ସଙ୍ଗୀତରେ ତନ୍ମୟ ହୋତା, ଓଡ଼ିଶୀ ନୃତ୍ୟରେ ନାରାୟଣ ଦାସ, ତବଲାରେ ଦେବୀପ୍ରସାଦ ସେଠୀ ପ୍ରମୁଖ ଗୁରୁମାନେ ଶିକ୍ଷାଦାନ କରିଥିଲେ। କେନ୍ଦ୍ରର ଉପସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ରାଜକିଶୋର କଏଲ, ଅରବିନ୍ଦ ମହାନ୍ତି, ରାଧାମୋହନ ସାହୁ, ପ୍ରସେନ୍‌ଜିତ୍ ମହାନ୍ତି, କାମାକ୍ଷା ପ୍ରସାଦ ମହତାବ, ଡ. ସ୍ନେହଲତା ମିଶ୍ର ଓ ସୁବ୍ରତ କୁମାର ମୁଖାର୍ଜୀ ପରିଚାଳନା କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ଖୁଣ୍ଟୁଣୀ,(ଡି.ଏନ୍.ଏ.)- ସାପ କାମୁଡାରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ଗୋବରା ପଞ୍ଚାୟତ ଦମ୍ପତିପୁର ଗ୍ରାମର ନମିତା ଚାଉଡ଼। ଗତ ତିନିଦିନ ତଳେ ସେ ବିଲକୁ କାମ କରିବାକୁ ଯାଇଥିବାବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ଏ ସମ୍ପର୍କରେ ସେ ଘର ଲୋକଙ୍କୁ ଜଣାଇଥିଲେ। ଘର ଲୋକେ ତାଙ୍କର ଦେଶୀ ଚିକିତ୍ସା କରିଥିଲେ। ତାଙ୍କ ଗୋଡ ଫୁଲିବାରୁ ସୋମବାର ସକାଳେ ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୩ ଅଟକ

ଚୌଦ୍ୱାର,୨୯।୫(ଡି.ଏନ୍.ଏ.)

ବ୍ରହ୍ମପୁର-ବିଶିନାହାକାଣୀ ରାସ୍ତାର ତୁଳସୀପୁରଠାରେ ରବିବାର ରାତିରେ ଗୋ ସୁରକ୍ଷା ବାହିନୀ ଓ ବଜରଙ୍ଗ ଦଳର କର୍ମୀମାନେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରି ଚୌଦ୍ୱାର ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ଚୌଦ୍ୱାର ଅଞ୍ଚଳ ଦେଇ ରାତିବେଳା ଅଧିକାଂଶ ସମୟରେ ବେଆଇନ ଗୋଚାଲାଣ ହେଉଛି। ଏହାକୁ ରୋକିବା ପାଇଁ ସ୍ଥାନୀୟ ଗୋ ସୁରକ୍ଷା ବାହିନୀ ଓ ବଜରଙ୍ଗ ଦଳର କର୍ମୀମାନେ କିଛିଦିନ ହେବ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଗି ରହୁଥିଲେ। ରବିବାର ରାତିରେ ଉକ୍ତ ଗୋରୁବୋଝେଇ ପିକ୍‌ଅପ୍‌ଆସିବାବେଳେ କର୍ମୀମାନେ ଅଟକାଇଥିଲେ। ପରେ ଗୋରୁ ସମେତ ଗୋଚାଲାଣକାରୀଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗାଡ଼ି ଭିତରେ ଥିବା ୪ଟି ବଳଦକୁ ବାଙ୍କୀରୁ ଯାଜପୁର ନିଆଯାଉଥିଲା ବୋଲି ଚାଳକ କହିଛନ୍ତି। ତେବେ ଉଦ୍ଧାର ବଳଦଗୁଡ଼ିକୁ ପୋଲିସ ମଙ୍ଗରାଜପୁରସ୍ଥିତ ଗୋଶାଳାରେ ଛାଡ଼ିଥିବା ଜଣାପଡିଛି।

# ମହିଳା କୁସ୍ତିଯୋଦ୍ଧାଙ୍କୁ ଗିରଫ ପ୍ରତିବାଦରେ ବିକ୍ଷୋଭ

କଟକ ଅଫିସ, ୨୯।୫

ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଦିଲ୍ଲୀର ଯନ୍ତରମନ୍ତରଠାରେ ମହିଳା କୁସ୍ତିଯୋଦ୍ଧାମାନେ ଆନ୍ଦୋଳନ ଚଳାଇଛନ୍ତି। କିନ୍ତୁ ଏମ୍‌ପି ବ୍ରିଜଭୂଷଣଙ୍କୁ ପୋଲିସ ଅଦ୍ୟାବଧି ଗିରଫ କରିନାହିଁ। ଏହାର ପ୍ରତିବାଦରେ ରବିବାର ମହିଳା ସମ୍ମାନ ମହାପଞ୍ଚାୟତ ଆୟୋଜନ ପାଇଁ କୁସ୍ତିଯୋଦ୍ଧାମାନେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ। କିନ୍ତୁ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଡ଼ ମାରି ବସ୍‌ରେ ବିଭିନ୍ନ ସ୍ଥାନକୁ ନେଇଯାଇଥିଲା। ମହିଳା କୁସ୍ତିଯୋଦ୍ଧାମାନଙ୍କ ଆନ୍ଦୋଳନ ଉପରେ ପୋଲିସର ଅତ୍ୟାଚାର ଓ ଗିରଫକୁ ବିରୋଧ କରି ଏଆଇଡିଏସ୍‌ଓ, ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ କଟକ କଲେଜ ଛକଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇଡିଏସ୍‌ଓ ଓଡ଼ିଶା ରାଜ୍ୟ କମିଟି ଉପସଭାପତି ଭାଗ୍ୟରବି ଦାସ କହିଛନ୍ତି, ବ୍ରିଜଭୂଷଣଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପରିବର୍ତ୍ତେ ମହିଳା କୁସ୍ତିଯୋଦ୍ଧାମାନଙ୍କ ଉପରେ ପୋଲିସ ଦମନଲୀଳା ଚଳାଇଛି। ଏହାଦ୍ୱାରା ଦିବାଲୋକରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି ବୋଲି ସେ କହିଥିଲେ। ଏହି ବିକ୍ଷୋଭରେ ସଙ୍ଗଠନର କଟକ ଜିଲା କମିଟି ସଭାପତି ଇଶା ଧର, ସମ୍ପାଦକ ତରୁଣସେନ ନାୟକ, ଛାତ୍ରନେତା ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି, ଏଆଇଡିୱାଇଓ ସଙ୍ଗଠକ ପ୍ରତାପ ମିଶ୍ର, ଅଭିରାମ ବେହେରା, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ଝରଣା ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ନାଟକ 'ୱାକ୍-ଇନ୍ -ଇଣ୍ଟରଭ୍ୟୁ' ମଞ୍ଚସ୍ଥ

କଟକ ଅଫିସ,୨୯।୫

ଜଣେ ମନେଇ ଝିଅ ଯାହାକୁ ବିବାହ କରିବ ସେଇ ପୁଅ। ତାଙ୍କ ଘରେ ରହି ପରିବାର ଲୋକଙ୍କ ସେବା କରିବା ସହ ସ୍ତ୍ରୀ କଥାରେ ପରିଚାଳିତ ହେବ। ସେଥିପାଇଁ ପୁଅକୁ ଇଣ୍ଟରଭ୍ୟୁ କରି ଝିଅଟି ନିଜ ପାଇଁ ବର ଚୟନ କରିବାକୁ ଚାହିଁଛି। ଆଜିକାଲି ଝିଅମାନଙ୍କର କେଉଁ ମନୋଭାବ ରହିବା ଆବଶ୍ୟକ, ଉଗ୍ର ଆଧୁନିକତା ଦାମ୍ପତ୍ୟ ଜୀବନକୁ ନଷ୍ଟ କରି ଦେଉଥିବା ଭଳି ସଚେତନତାଧର୍ମୀ କଥାବସ୍ତୁକୁ ନେଇ କଟକ ଅନ୍ନପୂର୍ଣ୍ଣା ଥିଏଟର ମଞ୍ଚରେ ସୋମବାର ନାଟକ 'ୱାକ୍-ଇନ୍-ଇଣ୍ଟରଭ୍ୟୁ' ମଞ୍ଚସ୍ଥ ହୋଇଥିଲା। ଡ. ବୈଜୟନ୍ତୀ ମିଶ୍ରଙ୍କ ରଚିତ ଏହି ନାଟକରେ ସୁଜିତ୍ କୁମାର ଦାସକାନୁନ୍‌ଗୋ ଓ ଡୁଗୁଲି ରଣା ନିର୍ଦ୍ଦେଶନା ଦେଇଥିଲେ। ଏସ୍.କେ. ଭିଜନ ଦ୍ୱାରା ପରିବେଷିତ ଏହି ନାଟକରେ ଜୟଶ୍ରୀ ଶତପଥୀ, ସୁଜିତ ଦାସ, ସ୍ୱର୍ଣ୍ଣପ୍ରଭା ପାଢୀ, ସୌମ୍ୟାଶ୍ରୀ ଦାଶ, ସତ୍ୟଜିତ୍ ବଳ, ପାର୍ବତୀ ସିଂ, ସନ୍ତୋଷ କୁମାର ପାତ୍ର, ମୃତ୍ୟୁଞ୍ଜୟ ବରାଳ ଅଭିନୟ କରିଥିଲେ। ଦୀପକ ଦାସ ଓ ହେମନ୍ତ ଦାଶ ଶବ୍ଦ ଏବଂ ଆଲୋକ ପରିଚାଳନା କରିଥିଲେ। ଚିଣ୍ଟନ ଦାସ, ଅବିନାଶ ପ୍ରଧାନ ଓ ତାରାପ୍ରସାଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ପ୍ରଣବ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଶିଳ୍ପୋଦ୍ୟୋଗୀ ତାପସ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ସଂକ୍ରାନ୍ତି ସାଂସ୍କୃତିକ ପରିଷଦ ପକ୍ଷରୁ ନାଟକର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସୌମ୍ୟାଶ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅଶୋକ ଦଳାଇ, ଆଲୋକ ନାୟକ, ରଶ୍ମିତା ପରିଜା, ମହମ୍ମଦ ସଫିଉଲ ହକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦିକା ଆହ୍ଲାଦିନୀ କର ଧନ୍ୟବାଦ ଦେଇଥିଲେ।



କଟକ ଅନ୍ନପୂର୍ଣ୍ଣା ଥିଏଟର ମଞ୍ଚରେ ପରିବେଷିତ ନାଟକ 'ୱାକ୍-ଇନ୍-ଇଣ୍ଟରଭ୍ୟୁ'ର ଏକ ଦୃଶ୍ୟ।

# ଦାବି ପୂରଣ ପାଇଁ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା

**ଧାରଣାରେ ବସିଲେ ଶତାଧିକ ମହିଳାପୁରୁଷ**

ମଙ୍ଗୁଳି-ଜଗତପୁର,୨୯।୫(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଟିମୁଣ୍ଡା ପଞ୍ଚାୟତରେନୂତନଗ୍ରାମପଞ୍ଚାୟତଲେବେଲ ଫେଡେରେଶନର(ଜିପିଏଲଏଫ)କମିଟି ଗଠନ କରିବା ସହିତ ସିଆରପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ପଦବୀ ପୂରଣ ଦାବିରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳା ଏବଂ ଏକ୍ଜିକ୍ୟୁଟିଭି କମିଟି(ଇସି) ମେମ୍ବରମାନେ ସୋମବାର ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ରାଧାରମଣ ଏସ୍‌ଏଚ୍‌ଜି ସଭାପତି ମମତା ମହାରଣାଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓଙ୍କ ବିରୋଧରେ ନାରାବାଜି ଦେଇଥିଲେ। ପରେ ୧୦ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଆଶୁତୋଷ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ଭଟିମୁଣ୍ଡା ଜିପିଏଲ୍‌ଏଫ୍‌ର ସଭାପତି ନିବେଦିତା ସାହୁ ବେଆଇନ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନିଯୁକ୍ତି କାର୍ଯ୍ୟକାଳ ଦୁଇ ବର୍ଷ ହୋଇଥିବାବେଳେ ସେ ମିଟିଂ କରିବା ଆଳରେ ମହିଳାମାନଙ୍କ ସ୍ୱାକ୍ଷର ଏକ ସାଦାକାଗଜରେ ନେଇଥିଲେ। ପରେ ତାହାକୁ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରି ପୁନଶ୍ଚ ଉକ୍ତ ପଦବୀରେ ଜୋରଜବରଦସ୍ତ ଅଛନ୍ତି। ସରକାର ବିନା ସୁଧରେ ୫ଲକ୍ଷ ଟଙ୍କାର ଋଣ ଦେଉଥିବାବେଳେ ଋଣ କରାଇଦେବା କଥା କହି ପ୍ରତ୍ୟେକ ଗ୍ରୁପ୍‌ର ମହିଳାଙ୍କଠାରୁ ୨୦୦ ଟଙ୍କା ଲେଖାଏ ଆଦାୟ କରିଛନ୍ତି। ମହାସଂଘ ଖାତାରେ ଗ୍ରୁପ୍ ମହିଳାଙ୍କ ମାସିକ ପାଣ୍ଠି ଆଦାୟ କରି ଜମା କରିଥିବା ହିସାବ ମାଗିଲେ ସେ ଗାଳି ଦେଉଛନ୍ତି। ଏ ନେଇ ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ସୁଫଳ ମିଳୁନାହିଁ ବୋଲି ଧାରଣା ଦେଇଥିବା ମହିଳା ଅଭିଯୋଗ କରିଛନ୍ତି। ଖବରପାଇ ବିଡିଓ ଧାରଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଆସନ୍ତା ୧ ମାସ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ଗେଟ୍‌ରୁ ତାଲା ଖୋଲିବା ସହ ଧାରଣାରୁ ହଟିଥିଲେ। ଏହି ଗଣଧାରଣାରେ ଅନଙ୍ଗ ମଞ୍ଜରୀ ସାହୁ, ଜୟଶ୍ରୀ ପରିଡ଼ା, ଦମୟନ୍ତୀ ସାହୁ, ଦୀପାରାଣୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ରଶ୍ମିତା ସାହୁ, ଚଞ୍ଚଳା ସାହୁ, ସବିତା ସାହୁ, ଇତିଶ୍ରୀ ସାମଲ, ପ୍ରମିଳା ପରିଡ଼ା, ସୁନିତା ପ୍ରଧାନଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ। ଅପରପକ୍ଷରେ ନିବେଦିତା ସାହୁ କହିଛନ୍ତି, ମୋ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ମଙ୍ଗଳବାର ବିଡିଓ ମୋତେ ବ୍ଲକ କାର୍ଯ୍ୟାଳୟକୁ ଡାକିଛନ୍ତି। ମୁଁ ତାଙ୍କୁ ସମସ୍ତ ପ୍ରମାଣ ଦେବି ବୋଲି ସେ କହିଛନ୍ତି।




ଦାବି ପୂରଣ ପାଇଁ ମହିଳାପୁରୁଷ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ପୁରାତନ ମନ୍ଦିରର ପୁନରୁଦ୍ଧାର କରାଯାଉ



ଟାଙ୍ଗୀ(ଖୋର୍ଦ୍ଧା),୨୯।୫(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପାରୀ ଗ୍ରାମରେ ଥିବା ପୁରାତନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ସିଭିଲ ସୋସାଇଟି ଭୁବନେଶ୍ୱରସ୍ଥିତ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟଙ୍କୁ ଭେଟି ଆଲୋଚନା କରିଛନ୍ତି। ସିଭିଲ ସୋସାଇଟି ସଭାପତି ସଚିତ୍ର କୁମାର ସାମନ୍ତରାୟ, ଉପସଭାପତି ରମେଶ ପ୍ରସାଦ ଧଳ, ସମ୍ପାଦକ ପଠାଣି ସୁନ୍ଦରାୟ, ସଭ୍ୟ ପରିକ୍ଷିତ ମହାରଣା, ସଦାଶିବ ବେହେରା ପ୍ରମୁଖ ସଂସ୍କୃତି ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ଗ୍ରାମରେ ଥିବା ରାମଚଣ୍ଡୀ ମନ୍ଦିର, ଜଗନ୍ନାଥ ମନ୍ଦିର, ପୋଲକାଶୁଣୀ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଟାଙ୍ଗୀର ରତ୍ନମାଳି ମନ୍ଦିରର କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସଂସ୍କୃତି ବିଭାଗ ପକ୍ଷରୁ ନୀଳକଣ୍ଠେଶ୍ୱର ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ସୋସାଇଟି ସଭାପତି ସାମନ୍ତରାୟ ନିଜ ଗ୍ରାମକୁ ଗସ୍ତ କରିବା ପାଇଁ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିଲେ।

### ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୬ରେ

ଖୋର୍ଦ୍ଧା ଅଫିସ,୨୯।୫: ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଖୋର୍ଦ୍ଧା ଷ୍ଟାଡିୟମଠାରେ ଜୁନ୍ ୬ ଓ ୭ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ, ମହିଳା, ବାଳକ ଓ ବାଳିକା ବର୍ଗରେ ୨୩, ୨୦, ୧୮, ୧୬ ଓ ୧୪ ବର୍ଷରୁ କମ୍ ବର୍ଗରେ ଖେଳକୁଦ ଆୟୋଜିତ ହେବ। ଖେଳାଳିଙ୍କ ପ୍ରଦର୍ଶନକୁ ଆଧାର କରି ଜୁନ ୨୨ରୁ ୨୫ ପର୍ଯ୍ୟନ୍ତ କିଟରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଦୌଡକୁଦ ପ୍ରତିଯୋଗିତା ଲାଗି ଖୋର୍ଦ୍ଧା ଜିଲା ଖେଳାଳି ମନୋନୟନ କରାଯିବ। ବୟସ ପ୍ରମାଣପତ୍ର ଭାବେ ଆଧାରକାର୍ଡ, ସ୍କୁଲ ସାର୍ଟିଫିକେଟ ଓ ଜନ୍ମ ପ୍ରମାଣପତ୍ର ଗ୍ରହଣ କରାଯିବ। ଜିଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅସୋସିଏଶନ ସହ ଅନୁବନ୍ଧିତ ଅନୁଷ୍ଠାନ ଓ କ୍ଲବର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରିପାରିବେ ବୋଲି କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ଜଣାଇଛନ୍ତି।

### ବସୁନ୍ଧରାରୁ ଖସିଆସିଥିବା ନାବାଳକଙ୍କୁ ଧରିଲେ ଗ୍ରାମବାସୀ

ବାରଙ୍ଗ,୨୯।୫(ଡି.ଏନ୍.ଏ.)- କଣ୍ଟାପାଟଣା ଗାଁ ମୁଣ୍ଡରୁ ଜଣେ ନାବାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋମବାର ସନ୍ଧ୍ୟାରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ନାବାଳକ ଜଣକ ରେଳବ୍ରିଜରୁ ଓହ୍ଲାଇ ଅନ୍ଧାରରେ ପୁରୀ ମୁଖ୍ୟ କେନାଲ ଆଡେ ଆସୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ସନ୍ଦେହରେ ଅଟକାଇଥିଲେ। ବହୁ ପଚରାଉଚରା ପରେ ନାବାଳକ କଟକ ନୂଆ ବଜାରସ୍ଥିତ ବସୁନ୍ଧରାରେ ରହୁଥିବାବେଳେ ଲୁଚିକରି ପଳାଇ ଆସିଥିବା ପ୍ରକାଶ କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କଠୁ ଖବରପାଇ ପୋଲିସ ଉକ୍ତ ନାବାଳକଙ୍କୁ ନେଇ ବସୁନ୍ଧରା ସଂସ୍ଥାରେ ଛାଡିଥିବା ଜଣାପଡିଛି।

# ରାଜଧାନୀରେ ପଶିଲା ହାତୀ



## ମୈତ୍ରୀବିହାର ସାଲିଆ ସାହିରେ ଆତଙ୍କ ଖେଳାଇଲା

- କବାଟ ବାଡ଼େଇଲା, ଖାଦ୍ୟ ପାଇଁ ଝରକା ଭିତରେ ଶୁଣ୍ଢ ପୂରାଇଲା
- ଘଉଡ଼ାଇବା ପାଇଁ ବନବିଭାଗ-ପୋଲିସ କର୍ମଚାରୀ ନାକେଦମ

ଭୁବନେଶ୍ୱର,୨୯।୫ (ବ୍ୟୁରୋ)

ଚନ୍ଦକା ଜଙ୍ଗଲରୁ ହାତୀଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ରାଜଧାନୀ ଉପକଣ୍ଠ ଜନବସତି ଅଞ୍ଚଳକୁ ଚାଲି ଆସୁଛନ୍ତି। କିଛିଦିନ ତଳେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ପାହାଡ଼ ପାଖ ରାସ୍ତାରେ ୨-୩ଟି ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ରବିବାର ବିଳମ୍ବିତ ରାତିରେ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିରେ ଏକ ଦନ୍ତାହାତୀ ପଶି ଉତ୍ପାତ କରିଥିଲା। ହାତୀଟି ଘଣ୍ଟାଏରୁ ଅଧିକ ସମୟ ଧରି ବୁଲାବୁଲି କରି ଆତଙ୍କ ଖେଳାଇଥିଲା। ହାତୀଟି ଶୁଣ୍ଢରେ ଜଣେ ବ୍ୟକ୍ତିଙ୍କ ଘର କବାଟ ବାଡ଼େଇବା ସହ ଝରକା ଭିତରେ ପୂରାଇ ଖାଦ୍ୟ ନେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଲୋକେ ଦେଖି ହୋହଲ୍ଲା କରିଥିଲେ। ଫଳରେ ହାତୀ ସେମାନଙ୍କୁ ମାରିବାକୁ ଗୋଡ଼ାଇଥିଲା। ଲୋକେ ପ୍ରାଣବିକଳରେ ଦୌଡ଼ିଥିଲେ। ଖବର ପାଇ ପାଟ୍ରୋଲିଂ କରୁଥିବା ପିସିଆର୍ ଭ୍ୟାନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଆଉ ଗୋଟିଏ ପିସିଆର୍ ଭ୍ୟାନ ଓ ବନବିଭାଗର ଟିମ୍ ପହଞ୍ଚି ନାକେଦମ ହେବା ପରେ ହାତୀକୁ ଘଉଡ଼ାଇବା ପାଇଁ ବାଣ ଓ ସାଇରନ ବ୍ୟବହାର କରାଯାଇଥିଲା। ଏହାପରେ ହାତୀଟି ନିକଟସ୍ଥ ହାତିଆଣୁଣି ମନ୍ଦିର ପାଖରେ ଥିବା ପାଚେରି ଡେଇଁ ଭରତପୁର ଜଙ୍ଗଲ ମଧ୍ୟକୁ ପଳାଇଥିଲା। ଫଳରେ ସାହିବାସିନ୍ଦା ଆଶ୍ୱସ୍ତ ହୋଇଥିଲେ। ତେବେ ବାରମ୍ବାର ଏଭଳି ଘଟଣା ଯୋଗୁ ସେମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପାଚେରି ଭାଙ୍ଗିଯାଇଥିବାରୁ ହାତୀ ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ସହର ମଧ୍ୟକୁ ଚାଲିଆସୁଛି ବୋଲି ଅଞ୍ଚଳବାସୀ କହିଛନ୍ତି।

# ପ୍ରଥମ ଦିନରେ ୨ଶହ କୁଇଣ୍ଟାଲ ଧାନ ଉଠିଲା



ଧାନମଣ୍ଡିର ଶୁଭାରମ୍ଭ କରାଯାଉଛି।

## ଜିଲାର ପ୍ରଥମ ରବି ଧାନ ମଣ୍ଡି ଉଦ୍‌ଘାଟିତ

ନିରାକାରପୁର,୨୯।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଓରବରସିଂହ ପଞ୍ଚାୟତସ୍ଥିତ ଓରମୀ ସେବା ସମବାୟ ସମିତିରେ ସୋମବାର ଜିଲାର ପ୍ରଥମ ରବିଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ୧୦ ଜଣ ଚାଷୀଙ୍କଠାରୁ ମୋଟ ୨ଶହ କୁଇଣ୍ଟାଲ ଧାନ କିଣାଯାଇଛି। ଏହି ସମବାୟ ସେବା ସମିତିରେ ୧୯୨ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ନାମ ପଞ୍ଜୀକରଣ କରିଛନ୍ତି। ଏହି ଚାଷୀମାନଙ୍କଠାରୁ ଚଳିତ ରବିଋତୁରେ ପ୍ରାୟ ୧୦ହଜାର କୁଇଣ୍ଟାଲ ଧାନ କିଣାଯିବ ବୋଲି ଅନୁଷ୍ଠାନର ସଭାପତି ପ୍ରମୋଦ କୁମାର ବଳିୟାରସିଂହ କହିଛନ୍ତି। ଉକ୍ତ ଉଦ୍‌ଘାଟନ ଉତ୍ସବରେ ଅନୁଷ୍ଠାନର ପୂର୍ବତନ ସଭାପତି ନରେନ୍ଦ୍ର ମଙ୍ଗରାଜ ପୌରୋହିତ୍ୟ କରିଥିବା ବେଳେ ବାଲୁଗାଁ ଆରଏମ୍‌ସି ସୁପରଭାଇଜର ସୁବାସ ଚନ୍ଦ୍ର ପରିଡ଼ା, ମାର୍କେଟ ଗାର୍ଡ ବୁଧିବାମନ ବିଶ୍ୱାଳ, ଚାଷୀ ସହଦେବ ପ୍ରଧାନ, ପ୍ରଶାନ୍ତ ରାୟସାମନ୍ତ, ଦାମୋଦର ପ୍ରଧାନ ଓ ମହିଳା ଚାଷୀ ବସନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ବେଗୁନିଆ ଅଞ୍ଚଳର ମିଲର ଏସ୍‌ଏମ୍ ଆଗ୍ରୋଟେକ୍ ପ୍ରାଇଭେଟ ଲିମିଟେଡ୍ ଧାନ କ୍ରୟ କରିଥିଲା। ସ୍ଥାନୀୟ ଅଞ୍ଚଳର ସମସ୍ତ ଚାଷୀ ସହଯୋଗ କରିଥିଲେ। ଓରମୀ ସେବା ସମବାୟ ସମିତିର ସମ୍ପାଦିକା ମଧୁସ୍ମିତା ପାଇଶାଣୀ ଧନ୍ୟବାଦ ଦେଇଥିଲେ



କୃଷ୍ଣପ୍ରସାଦ : ବିଜ୍ଞାନ ଶୈକ୍ଷିକ ଗୃହ ଉଦ୍‌ଘାଟନ ଅବସରରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଅନ୍ୟମାନେ।

# ବିଧାୟକଙ୍କ ଦ୍ୱାରା ବିଜ୍ଞାନ ଶୈକ୍ଷିକ ଗୃହ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୯।୫(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ସାତପଡ଼ା ପରିସରରେ ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଭିତ୍ତିଭୂମି ଅନୁଦାନ ଓ ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ମହାବିଦ୍ୟାଳୟର ନବନିର୍ମିତ ବିଜ୍ଞାନ ଶୈକ୍ଷିକ ଗୃହ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭିକାରୀ ଚରଣ ଜେନାଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ମହାପାତ୍ର, ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ବରିଷ୍ଠ ଶିକ୍ଷାବିତ୍ କେଳୁଚରଣ ଜେନା, ସମାଜସେବୀ ଡ.ମନୋରଞ୍ଜନ ରାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଏଇ ମାଟିର କବି ଲକ୍ଷ୍ମୀଧର ଜେନା, କୋଅପରେଟିଭ ଡାଇରେକ୍ଟର ସୌମ୍ୟ ରଞ୍ଜନ ଲେଙ୍କା, ବିନୋଦ ପଲେଇ, ରବୀନ୍ଦ୍ର ନାରାୟଣ ମାଝୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ସମ୍ପାଦକ ଡ.ପ୍ରକାଶ କୁମାର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆନୁଷଙ୍ଗିକ ସମସ୍ତ ସମସ୍ୟା ଗୁଡ଼ିକର ଖୁବଶୀଘ୍ର ସମାଧାନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସଭାପତି ତତ୍ତ୍ୱକବି ବିଭୂଦାସ ଭିକାରୀ ଚରଣ ଜେନାଙ୍କ ଦ୍ୱାରା ରଚିତ ପୁସ୍ତକ 'ବରୁଣ ରାଜଜେମା ଚିଲିକା' ବିଧାୟକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଉତ୍ସବ ପରିଚାଳନାରେ ବରିଷ୍ଠ କିରାଣୀ ସମରେନ୍ଦ୍ର ନାୟକ, ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ପ୍ରତାପ ଚନ୍ଦ୍ର ଦଳାଇ, ପବିତ୍ର ମୋହନ ଦାସ, ଦେବଦତ୍ତ ମିଶ୍ର, ଦିଗମ୍ବର ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ୫-ଟି ସଚିବଙ୍କ ନିର୍ଦ୍ଦେଶ

ପୁରୀ ଅଫିସ,୨୯।୫

୫-ଟି ସଚିବ ଭି.କେ. ପାଣ୍ଡିଆନ ସୋମବାର ପୂର୍ବାହ୍ନରେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଭି.କେ.ପାଣ୍ଡିଆନ ତାଙ୍କ ଜନ୍ମଦିନ ଅବସରରେ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପାଇଁ ପୁରୀ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଯାଇ ଭିତରକାଠ ନିକଟରେ ରତ୍ନସିଂହାସନ ଚତୁର୍ଦ୍ଧା ବିଗ୍ରହମାନଙ୍କ ଦର୍ଶନ କରିଥିଲେ। ପରେ ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଜୁନ ୪ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଥିବାବେଳେ ୨୦ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଶାସନ ଆଉ ଶ୍ରୀମନ୍ଦିର ପ୍ରଶାସନ ବେଶ ତତ୍ପର ହୋଇଛନ୍ତି। ତେବେ ମେ ୩୦ ସୁଦ୍ଧା ଟାଟା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବାହାର ପରିକ୍ରମା କାର୍ଯ୍ୟ ସମ୍ପୂର୍ଣ୍ଣ କରି ହସ୍ତାନ୍ତର କରିବାକୁ ନିର୍ମାଣଧୀନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ୫-ଟି ସଚିବ ଏହି କାର୍ଯ୍ୟ ସମୀକ୍ଷା କରିବା ସହ ଶୀଘ୍ର ସାରିବାକୁ ପରାମର୍ଶ ଦେଇଛନ୍ତି।

# ନିଧି ଆପ୍‌କେ ନିକଟ-୨.୦ର ପଞ୍ଚମ ସଂସ୍କରଣ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୯।୫(ବ୍ୟୁରୋ)

ନିଧି ଆପ୍‌କେ ନିକଟ ୨.୦ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ଦେଶବ୍ୟାପୀ ଜନସଚେତନତା ତଥା ଅଭିଯୋଗ ସମାଧାନର ପଞ୍ଚମ ସଂସ୍କରଣ ଦେଶବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀରୁ ନୂଆ ରୂପରେ ଶୁଭାରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଦେଶର ସମସ୍ତ ଜିଲାରେ ଏକ ସଙ୍ଗରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ମୁଖ୍ୟାଳୟ ଭୁବନେଶ୍ୱରଠାରେ କାର୍ଯ୍ୟକ୍ରମର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଇଂ. ବିଭୂତି ଭୂଷଣ ଦାସ ଅଧ୍ୟକ୍ଷତା କରିଥିବାବେଳେ ୧୦୦ ହିତାଧିକାରୀଙ୍କ ନ୍ୟାଯ୍ୟ ପ୍ରାପ୍ୟ, ପେନ୍‌ସନ ତଥା ଅନ୍ତରୀଣ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ସମାଧାନ କରାଯାଇଥିଲା। ବିତ୍ତ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ଦାସ, ଉପନିର୍ଦ୍ଦେଶକ ଦେବାଶିଷ ସାହୁ ଏବଂ ସାଧାରଣ ପ୍ରଶାସନିକ ଅଫିସର ପ୍ରସନ୍ନ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭବିଷ୍ୟନିଧି ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଙ୍ଗଠନର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଡିଇଓ ଦେବେନ୍ଦ୍ର କୁମାର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିନୟ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ପକ୍ଷରୁ ଦେବାଶିଷ ଷଡ଼ଙ୍ଗୀ, ସ୍ନେହଲତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଛରେ ଚଢ଼ି ପୁଣି ଡ୍ରାଇଭରଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ବାଲେଶ୍ୱର ଜିଲା ସୋର ଅଞ୍ଚଳର ଟୁଲୁ ପାତ୍ର(୪୩) ନାମକ ଡ୍ରାଇଭର ମାର୍ଚ୍ଚ ୨୨ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୋମବାର ଅପରାହ୍ନରେ ପୁଣି ଟୁଲୁ ସେଭଳି ସମାନ ଘଟଣା ଘଟାଇଛନ୍ତି। ଅପରାହ୍ନ ପ୍ରାୟ ୩ଟା ବେଳେ ଭୁବନେଶ୍ୱର ଲୋୟର ପିଏମ୍‌ଜିସ୍ଥିତ ଏକ ଦେବଦାରୁ ଗଛରେ ଚଢ଼ି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। କ୍ୟାପିଟାଲ ହସ୍ପିଟାଲରେ ଟୁଲୁଙ୍କ ଅଧିକ ଚିକିତ୍ସା ଚାଲିଛି।

ଅନ୍ୟପକ୍ଷରେ ଉଦ୍ଧାର ସମୟରେ ଟୁଲୁ ଗଣମାଧ୍ୟମକୁ କହିଥିଲେ, ସେ ସୋର ଶାଖା ଡ୍ରାଇଭର ମହାସଂଘର ସମ୍ପାଦକ ଅଛନ୍ତି। ଗଣମାଧ୍ୟମଗୁଡ଼ିକ ତାଙ୍କୁ ବଦ୍‌ନାମ କରିଦେଇଛନ୍ତି। ଗାଁରେ କେହି ତାଙ୍କୁ ଭଲ ପାଉନାହାନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟୁଲୁଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ସୂଚନା ମିଳିଛି। କ୍ୟାପିଟାଲ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଟୁଲୁଙ୍କ ଚିକିତ୍ସା ପରେ ତାଙ୍କୁ ଅଧିକ ପଚରାଉଚରା କରାଯିବ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ଟୁଲୁ ହଠାତ୍ ଏକ ଗାମୁଛା ନେଇ ଗଛ ଉପରକୁ ଚଢ଼ିଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସେଠାରେ ରୁଣ୍ଡ ହୋଇଯାଇଥିଲେ। ଟୁଲୁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଦେଖି ସେମାନେ ବାରଣ କରିବା ସହ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୫ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା।

# ୨ ଚୋର ଗିରଫ, ୫ ବାଇକ ଜବତ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି ଫେରାର ହୋଇଯାଉଥିବା ୨ ଯୁବକଙ୍କୁ ସୋମବାର ତମାଣ୍ଡୋ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଞ୍ଚଳର ସନ୍ତୋଷ ଜଗଦେବ ଓ ଟୁଲୁ ବେହେରା। ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ୫ଟି ଚୋରା ବାଇକ ଜବତ ହୋଇଛି। ସୂଚନାନୁଯାୟୀ, ତମାଣ୍ଡୋ ଥାନା ଅଞ୍ଚଳରୁ ଲଗାତର ଭାବେ ମୋଟର ସାଇକେଲ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏପରିକି ଗତ ୨୬ ତାରିଖରେ ମଧ୍ୟ ଡି.ଏନ. ରେଗାଲିଆ ମଲ ନିକଟରୁ ରାକେଶ ସାମଲଙ୍କ ବାଇକ ଚୋରି ହୋଇଥିବା ନେଇ ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ।

# ଧନ୍ଦାମୂଳକ ତାଲିମ ପାଇଁ ପରାମର୍ଶ କାର୍ଯ୍ୟକ୍ରମ




ଖୋର୍ଦ୍ଧା ଅଫିସ,୨୯।୫

ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ୧୮ବର୍ଷରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ବାହାରେ ଥିବା ବାଳିକା ବାଳକଙ୍କୁ ଧନ୍ଦାମୂଳକ (କୌଶଳ) ତାଲିମରେ ସାମିଲ କରିବା ପାଇଁ ସୋମବାର ଜିଲାସ୍ତରୀୟ କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ଏବଂ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଓ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଧାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜଲା ଶିକ୍ଷା ଅଧିକାରୀ ମିଶ୍ର, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଟଣୀ ରଶ୍ମିବାଳା ପରିଡ଼ା, ଗୋଷ୍ଠୀ ଶିକ୍ଷା ଅଧିକାରୀଭୁବନେଶ୍ୱର ଡ. ପ୍ରଜ୍ଞାପରମିତା ଜେନା, ଡିଏସ୍‌ଡବ୍ଲ୍ୟୁଙ୍କ ପ୍ରତିନିଧି, ଡିସିପିଓଙ୍କ ପ୍ରତିନିଧି, ଓରମାସର ଜିଲା ସଂଯୋଜକ, ସମଗ୍ର ଶିକ୍ଷା ସମସ୍ତ ସଂଯୋଜକ ଓ ସଂଯୋଜିକା, ଲ୍ୟାଣ୍ଡ ଏ ହ୍ୟାଣ୍ଡର ଅଧିକାରୀ, କପିଳାସ ଅଦାବାର, ସହିତ ପିରାମଲ୍ ଫାଉଣ୍ଡେଶନର ଖୋର୍ଦ୍ଧା ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଜ୍ଞାନକୌଶଳର ଅଧିକାରୀ। ଯେଉଁ ବାଳିକାବାଳକ ଅଧାରୁ ପାଠ ଛାଡ଼ିଥିବେ ସେମାନଙ୍କୁ ଧନ୍ଦାମୂଳକ (କୌଶଳ) ତାଲିମ ପାଇଁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ। ଆଞ୍ଚଳିକ ସାଧନ ସଂଯୋଜକ ଓ ଅଙ୍ଗନୱାଡି କର୍ମୀ ଘର ବୁଲି ୧୮ବର୍ଷରୁ ଊର୍ଦ୍ଧ୍ୱ ବାଳକ ବାଳିକା ଓ ସେମାନଙ୍କ ଅଭିଭାବକଙ୍କୁ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ବୁଝାଇଥିଲେ। ବାଳିକାମାନେ ସେଞ୍ଚୁରିୟାନ୍ ୟୁନିଭରସିଟି, ଏବଂ ବାଳକମାନେ ଏଲ୍ ଆଣ୍ଡ ଟି ସ୍କିଲ୍ ଟ୍ରେନିଂ ବାଲିକୁଦା କଟକରେ ତାଲିମ ନେବେ। ସେଠାରେ ବିନା ମୂଲ୍ୟରେ ତାଲିମ ନେବେ। ଏହି କାର୍ଯ୍ୟକ୍ରମକୁ ଏସ୍‌ସି, ଏସ୍.ଟି କୋଅର୍ଡିନେଟର୍ ସୁନିତା ପଟ୍ଟନାୟକ ପରିଚାଳନା କରିଥିଲେ। ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକଙ୍କ ସହିତ ଖୋର୍ଦ୍ଧା ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ସହଯୋଗ କରିଥିଲେ।

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

# ୮ ଦିନରେ ଗଣ ସତ୍ୟାଗ୍ରହ

ବେଗୁନିଆ,୨୯।୫(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣସତ୍ୟାଗ୍ରହ ଆରମ୍ଭ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଗଣ ସତ୍ୟାଗ୍ରହ ସୋମବାର ଅଷ୍ଟମ ଦିବସରେ ପହଞ୍ଚିଛି। ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ କୁମାର ରାୟଙ୍କ ଅଧ୍ୟକ୍ଷତାରେ ବସିଥିବା ସତ୍ୟାଗ୍ରହରେ ଆୟୋଜକ କମିଟିର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ପ୍ରମୁଖ ସଙ୍ଗଠକମାନେ ଦୈନିକ ସାମିଲ ହୋଇଆସୁଛନ୍ତି। ଆନ୍ଦୋଳନକାରୀଙ୍କୁ ସ୍ୱାଗତ ଜଣାଇବା ସହ ପଡୋଶୀ ବୋଲଗଡ ବ୍ଲକର ୫ଟି ପଞ୍ଚାୟତର ନାଗରିକମାନେ ସହଯୋଗର ହାତ ବଢାଇଛନ୍ତି। ମାଣିବନ୍ଧ, ଗେଡିଆପଲ୍ଲୀ, ଗୋପାଳପୁର, ସାନପଦର, ପିଟୁକୁଳି ଆଦି ୫ଟି ପଞ୍ଚାୟତବାସୀ ସତ୍ୟାଗ୍ରହରେ ଯୋଗଦେଇ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସୂଚନାଥାଉ କି, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ, ଜନକଲ୍ୟାଣ ପ୍ରତିଷ୍ଠାନ ଓ ଜନସାଧାରଣ ପୃଥକ୍ ଭାବେ ସ୍ଥାନୀୟ ବିଧାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ୨୦୧୫ ମେ' ୧୦ରେ ବେଗୁନିଆ ଗସ୍ତରେ ଆସି ବିଧାନସଭା ନିବେଦନ ଗୃହ କମିଟି ବ୍ଲକର ସ୍ୱାସ୍ଥ୍ୟସେବା ସ୍ଥିତିକୁ ହୃଦୟଙ୍ଗମ କରିବା ପରେ ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଏହି ପ୍ରତିଶ୍ରୁତିକୁ ୮ ବର୍ଷ ପୂରିଛି। ଏହା ପୂରଣ ହେବା ପରିବର୍ତ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ତାଲିକାରୁ ବାଦ୍ ପଡ଼ିଛି। ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ହିତରେ ସୁଫଳ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ରାୟ କହିଛନ୍ତି।




ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଗଣସତ୍ୟାଗ୍ରହ।

# କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଏନ୍‌ସିଆଇଏସ୍‌ଏମ୍‌କୁ ନୋଟିସ

**ଖୋର୍ଦ୍ଧା ଅଫିସ,୨୯।୫**

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପଢୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ପର୍ଯ୍ୟାୟରେ ଆୟୁଷ ବିଭାଗ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଉପରେ ତଦନ୍ତ ଜାରି ରହିଛି। ଅନ୍ୟପଟେ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଗୁରୁତ୍ୱର ସହ ଗ୍ରହଣ କରିଛି। ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି।

ଉକ୍ତ କଲେଜରେ ବିନା ଯୋଗ୍ୟତାରେ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ରାଜ୍ୟ ଆୟୁଷ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେବା ସହିତ ସମ୍ପୃକ୍ତ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କଲେଜ କର୍ତ୍ତୃପକ୍ଷ କୌଣସି ଉତ୍ତର ରଖି ନ ଥିଲେ। ଗତ ୧୬ ତାରିଖରେ ବିଭାଗ ପକ୍ଷରୁ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର କଲେଜରେ ପହଞ୍ଚି ସପ୍ତାହ ବ୍ୟାପୀ ଯାଞ୍ଚ କରିଥିଲେ। ୨୦୧୬-୧୭/ ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ର ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ରେଜିଷ୍ଟର ଯାଞ୍ଚ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ନେଇଛନ୍ତି। ନାମଲେଖାରେ ବ୍ୟାପକ ଅନିୟମିତତା କରାଯାଇ ବାହାର କଲେଜ ଛାତ୍ରୀଛାତ୍ରଙ୍କୁ ବିନା ଯୋଗ୍ୟତାରେ ନାମଲେଖା ସୁଯୋଗ ଦିଆଯାଇଥିବା ଡକ୍ୟୁମେଣ୍ଟ ଆୟୁଷ ବିଭାଗ ହାତରେ ଲାଗିଛି। ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ କଲେଜକୁ ଉକ୍ତ ଘଟଣାରେ ସ୍ପଷ୍ଟୀକରଣ ସହ ପିଲାଙ୍କ ପରୀକ୍ଷାକୁ ସ୍ଥଗିତ ରଖିଥିବା ଜଣାପଡିଛି। ତେବେ ବିନା ଯୋଗ୍ୟତାରେ ପିଲାମାନେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ କିପରି ଡାକ୍ତରୀ ପାଠ ପଢୁଛନ୍ତି, ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଭଳି ଅନିୟମିତତା ପାଇଁ କଲେଜ ଅଧ୍ୟକ୍ଷ ଓ କର୍ମଚାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ପିଲାଙ୍କ ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି।

## ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ଘଟଣା

ଅନ୍ୟପକ୍ଷରେ ଉକ୍ତ କଲେଜରେ ବିନା ଏନ୍‌ଇଇଟିରେ ଛାତ୍ରୀଛାତ୍ର ପାଠ ପଢୁଥିବା ନେଇ ଏକ ଅଭିଯୋଗ ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କିତ ରିପୋର୍ଟ ମନ୍ତ୍ରଣାଳୟ ନିକଟରେ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ତେବେ ଏନ୍‌ସିଆଇଏସଏମ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ନୀରବ ବସିଯାଇଥିଲେ। ଏଭଳି ଏକ ସମ୍ବେଦନ ପ୍ରସଙ୍ଗ ଏନ୍‌ସିଆଇଏସ୍‌ଏମ୍‌ର ତଦନ୍ତରେ ମନ୍ଥରତା ଏବଂ ଦାୟିତ୍ୱହୀନତା ବିରୋଧରେ ଆୟୁଷ ମନ୍ତ୍ରଣାଳୟ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ୧୭ ତାରିଖରେ ଏହି ଅଭିଯୋଗ ପାଇବା ପରେ ମନ୍ତ୍ରଣାଳୟ ଚିଠି ନଂ.୬୩୯୮୬/୨୦୨୩/୨୪.୫.୨୩ ପ୍ରକାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଏ ସମ୍ପର୍କରେ ମନ୍ତ୍ରଣାଳୟକୁ ଅବଗତ କରାଇବା ପାଇଁ ନୋଟିସ ଜାରି କରିଛନ୍ତି।

# ୫ ଦୋକାନ ଗୃହ ସିଲ୍

**ଯାଁଳା,୨୯।୫(ଡି.ଏନ୍.ଏ.):** ସରକାର ପ୍ରତ୍ୟେକ ପଞ୍ଚାୟତରେ ବିଜୁ ଗ୍ରାମ୍ୟ ବଜାର ଖୋଲିଛନ୍ତି। ବ୍ୟବସାୟମାନେ ଏହି ଘର ଗୁଡିକରେ ବ୍ୟବସାୟ କରି ପରିବାର ଚଳାଇବା ସହ ସରକାରଙ୍କୁ ଉକ୍ତ ଘରର ଭଡାସୂତ୍ରରେ ଟିକସ ଦେଇଥାନ୍ତି। ଜଟଣୀ ବ୍ଲକ ଗଙ୍ଗପଡା ପଞ୍ଚାୟତରେ ତ୍ରୁଟି ଦେଖିବାକୁ ମିଳିଛି। ଗଙ୍ଗପଡ଼ା ବଜାରରେ ୧୬ଟି ଗୃହ ରହିଛି। ଏଠାରେ ବ୍ୟବସାୟ କରୁଥିବା ୫ ଜଣ ବ୍ୟବସାୟୀ ଦୀର୍ଘମାସ ହେବ ଟିକସ ଦେଉନାହାନ୍ତି। ଫଳରେ ଏମାନଙ୍କ ନିକଟକୁ ଗଙ୍ଗପଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା। ଏହାକୁ ଉକ୍ତ ବ୍ୟବସାୟୀମାନେ କର୍ଣ୍ଣପାତ ନ କରି ବ୍ୟବସାୟ ଚଲାଇ ଆସୁଥିଲେ। ସୋମବାର ଜଟଣୀ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ବିଡିଓ ସରୋଜ କୁମାର ରାଉତ, ସରପଞ୍ଚ ସୁଧାଂଶୁ ଶେଖର ମହାରଣା ଏବଂ ଇନଫୋଭ୍ୟାଲି ଥାନା ପୋଲିସ ଉପସ୍ଥିତିରେ ଟିକସ ଦେଉ ନ ଥିବା ୫ ବ୍ୟବସାୟୀଙ୍କ ଦୋକାନ ଗୃହ ସିଲ୍ କରାଯାଇଛି।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଜଟଣୀ,୨୯।୫(ଡି.ଏନ୍.ଏ.): ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଅରୁ ଭୋଇ(୨୭)। ସୂଚନା ମୁତାବକ, ଗତ ୨୬ତାରିଖ ମଧ୍ୟାହ୍ନରେ ଯୁବତୀ ଜଣଙ୍କ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଅରୁ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦୩/୨୩)ରୁଜୁକରି ତଦନ୍ତ ଚଳାଇଥିଲା।

### ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୨୯।୫(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀରେ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଯୋଗେଶ ବ୍ରହ୍ମା, ପୁରୋହିତ ପ୍ରଭାକର ତ୍ରିପାଠୀ, ରାମଚନ୍ଦ୍ର ରଥ, ରତ୍ନାକର ମହାପାତ୍ରଙ୍କ ସହଯୋଗରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳାମାନେ କଳସ ଯାତ୍ରାରେ ଯୋଗଦେଇଥିବା ବେଳେ ପିଲାମାନେ ବିଭିନ୍ନ ଦେବଦେବୀ ବେଶରେ ସଜ୍ଜିତ ହୋଇ ପରିକ୍ରମା କରିଥିଲେ। କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା, ମଙ୍ଗଳାର୍ପଣ କରାଯାଇ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। କର୍ତ୍ତାଭାବେ ନନ୍ଦକିଶୋର ବେହେରା ଓ ବିନୋଦିନୀ ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଆରାଧ୍ୟ ଠାକୁର ବାଲୁଙ୍କେଶ୍ୱର ମହାଦେବ, ରଘୁନାଥ ଠାକୁର, ମଦନମୋହନ ଏବଂ ରାଧାମାଧବ ଦେବ ବିମାନରେ ଆସି ପ୍ରତିଷ୍ଠା ସ୍ଥଳରେ ପହଞ୍ଚିଥିଲେ। ରାଜକିଶୋର ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, ଭାଗୀରଥି ଦାସ, ରାଜ ସାହୁ, ପୂର୍ଣ୍ଣ ମହାପାତ୍ର, ହାଡୁ ପ୍ରଧାନ, ହରିହର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କାର୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

**ନଡ଼ା ଗଦାରେ ଲାଗିଲା ନିଆଁ**



ବୋଲଗଡ଼,୨୯।୫(ଡି.ଏନ୍.ଏ.): ବୋଲଗଡ଼ ମାଣିକାଗୋଡ଼ା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରେ ଥିବା ଟାଟା ପାୱାର ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ ଇଲେକ୍ଟ୍ରିକାଲ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟକୁ କାର ଧକ୍କା ଦେଇଥିଲା। ଫଳରେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ସହ ତାର ଛିଡି ବିଦ୍ୟୁତ୍ ସର୍ଟସର୍କିଟ ହୋଇ ତଳେ ଥିବା ପେଜ ପାଳ ଓ ଅନ୍ୟଜଣଙ୍କ ନଡା ଗଦାରେ ନିଆଁ ଲାଗିଯାଇଥିଲା। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷରେ କାରଟି କଳାଙ୍ଗ ଅଞ୍ଚଳର ହୋଇଥିବା ବେଳେ ସେଥିରେ ଥିବା ଜଣେ ମହିଳା ଶିଶୁ ସହ ଚିକିତ୍ସିତ ହୋଇ ଘରକୁ ଫେରୁଥିବାରୁ ଦୁର୍ଘଟଣା ପରେ ସେମାନେ ପଳାଇଯାଇଥିଲେ।



ବୋଲଗଡ଼: ଠଣାପଲ୍ଲୀରେ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୪୧କେଜି ଗଞ୍ଜେଇ ଜବତ

**ବୋଲଗଡ଼,୨୯।୫(ଡି.ଏନ୍.ଏ.)**

ବୋଲଗଡ଼ ଥାନା ପୋଲିସ ଏକ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ସେଥିରୁ ୪୧କେଜି ଗଞ୍ଜେଇ ଜବତ କରିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବ୍ରହ୍ମପୁରା ଛକ ନିକଟରେ ଗତ ରବିବାର ଉକ୍ତ କାର ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଜାତୀୟ ରାଜପଥ ପାର୍ଶ୍ୱକୁ କାର ଖସିପଡ଼ିବା ପରେ ଏହାର ଚାଳକ ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ। ତେବେ ଦୁର୍ଘଟଣାଗ୍ରସ୍ତ କାରରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ତହସିଲଦାରଙ୍କ ଉପସ୍ଥିତିରେ ଉକ୍ତ କାରରୁ ୪୧କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଫେରାର ଥିବା ଚାଳକ ଓ ଅନ୍ୟମାନଙ୍କର ପରିଚୟ ପାଇବା ପାଇଁ ଆର୍‌ଟିଓଙ୍କ ସହାୟତା ନିଆଯାଇଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ଜନଶୁଣାଣି ଶିବିରରେ ୬୯ ଅଭିଯୋଗ




ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୨୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଚିଲିକା ବ୍ଲକ ବିଡିଓ ଡ.ଜଗଦୀଶ ଷଡ଼ଙ୍ଗୀ, ତହସିଲଦାର ଦିଲୀପ କୁମାର ଷଡଙ୍ଗୀ, ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୬୯ଟି ଅଭିଯୋଗ ହୋଇଥିଲା। ୫୯ଟି ବ୍ୟକ୍ତିଗତ ଓ ୫ଟି ସାମୁହିକ ରହିଥିଲା। ୪ଟି ଅଭିଯୋଗର ତତ୍କାଳ ଫଏସାଲା କରାଯାଇଥିଲା। ଜଣଙ୍କୁ ସ୍ୱାସ୍ଥ୍ୟ ସହାୟତା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି ଶିବିରରେ ଚିଲିକା ବ୍ଲକର ୧୭ଟି ପଞ୍ଚାୟତର ଜନ ପ୍ରତିନିଧିଙ୍କ ସହ ଓ ଜିଲାର ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୩୨ ଗୋରୁ ଉଦ୍ଧାର, ୩ ଗିରଫ

## ୨ ପିକ୍‌ଅପ୍ ଭ୍ୟାନ ଜବତ

**ବେଗୁନିଆ,୨୯।୫(ଡି.ଏନ୍.ଏ.)**

ଗତ କିଛିଦିନ ବ୍ୟବଧାନ ପରେ ପୁଣି ବେଗୁନିଆ ଥାନା ଅଞ୍ଚଳରେ ପୁଣି ଗୋଚାଲାଣକାରୀ ସକ୍ରିୟ ହୋଇଉଠିଛନ୍ତି। ସୋମବାର ପୋଲିସ ଦୁଇଟି ବେଆଇନ ଗୋରୁ ବୋଝେଇ ଗାଡିକୁ ଜବତ କରିଛି। ୩୨ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ବେଣାପଞ୍ଜରୀ ଗ୍ରାମର ବିଲାଉଦ୍ଦିନ୍ ଖାଁ, ଆଜାଦ ଖାଁ ଏବଂ ନବୀନ ଉଦ୍ଦିନ୍ ଖାଁ। ଏନେଇ ଥାନାରେ ଏକ ମାମଲା (ନଂ.୧୬୮/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ଭୋର ପ୍ରାୟ ୪ଟାରେ କଳାପଥର-ବାଘମାରୀ ରାସ୍ତାରେ ବେଗୁନିଆ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଦୁଇଟି ପିକ୍‌ଅପ୍ ଭ୍ୟାନ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଓଆର ୦୨ବିଡବ୍ଲୁ ୨୨୪୫ ନଂ. ବିଶିଷ୍ଟ ପିକଅପ ଭ୍ୟାନରେ ୧୫ଟିଗୋରୁ ଏବଂ ଓଡି୦୨ଡବ୍ଲୁ୯୪୯୭ ନଂ. ବିଶିଷ୍ଟ ପିକ୍‌ଅପ ଭ୍ୟାନରେ ୧୭ଟି ଗୋରୁ ବୋଝେଇ ହୋଇଥିଲେ। ପୋଲିସ ଗାଡ଼ିକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ତେବେ ବୋଝେଇ ଗୋରୁଗୁଡିକ ଜଟଣୀ ଥାନା ଅଞ୍ଚଳକୁ ଯାଉଥିଲେ ବୋଲି ପୋଲିସ କହିଛି। ଉଦ୍ଧାର ଗୋରୁଙ୍କୁ ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର ସିଜୁଆ ସ୍ଥିତ ଗୋଶାଳାରେ ଛାଡି ଦିଆଯାଇଛି। ସୂଚନାଥାଉ କି, ଗତ ୨୨ ତାରିଖରେ ଗୋଟିଏ ଗୋରୁ ବୋଝେଇ ଗାଡି ଜବତ ହୋଇଥିଲା। ସେଥିରୁ ୧୬ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ତେବେ ଗୋ ଚାଲାଣ ରୋକିବା ପାଇଁ ପୋଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ଜାରି ରହିଛି ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟ କହିଛନ୍ତି।







ଜବତ ହୋଇଥିବା ଗୋରୁ ବୋଝେଇ ଦୁଇ ଗାଡ଼ି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल सं.- 02 गढ़वा**

ई-निविदा सूचना सं0- RDD/SD/GARHWA/05/2023-24

**CANCELLED (रद्ध)**

एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई-निविदा आमंत्रण सूचना सं0- **RDD/SD/GARHWA/05/2023-24, PR 297915 Rural Development (23-24).D** द्वारा प्रकाशित निविदा को अपरिहार्य कारणवश रद्ध किया जाता है।

कार्यपालक अभियंता
ग्रामीण विकास विशेष
प्रमण्डल सं.-02, गढ़वा

PR 298534 Rural Development (23-24)_D

**OFFICE OF THE**
**DISTRICT LEGAL SERVICES AUTHORITY, KENDRAPARA**
**ADVERTISEMENT No. 05**
**Dated the 25th May, 2023**

No. W-7: Applications in the prescribed format are invited from the desirous candidates for selection of Para Legal Volunteers (Under the Para Legal Volunteer Scheme of NALSA) read with revised Scheme for the District DLSA, Kendrapara/TLSC, Pattamundai/TLSC, Aul.
**Last Date for Receipt of Applications: 07.06.2023 at 1 P.M.**
For details please visit District Court, Kendrapara website **https://districts.ecourts.gov.in/kendrapara.**

By Order
OIPR-18063/11/0001/2324 Sd./- Secretary, DLSA, Kendrapara

**ADVERTISEMENT FOR ENGAGEMENT IN DIFFERENT POSTS ON CONTRACTUAL BASIS IN THE OFFICE OF THE STATE LEVEL ADMINISTRATIVE UNIT (SLAU) FOR SPECIAL DEVELOPMENT COUNCIL UNDER ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT**

**ADVERTISEMENT**

**No. 310/E-34/2023** **Dated: 26.05.2023**

No. V-12: Applications are invited from interested candidates for engagement in the vacant post of 1) Senior Tribal Domain Experts, 2) Office Assistant and 3) Office Attendant on contractual basis in the Office of State Level Administrative Unit (SLAU) for Special Development Council (SDC) under ST & SC Development, Minorities & Backward Classes Welfare Department. The details of the application format, criteria, remuneration, number of posts, terms & conditions of the posts and period of contract are available in the official website of State Level Administrative Unit **www.sdcodisha.in** and ST&SC Development Department **www.stsc.odisha.gov.in**. The filled in application should be addressed to the "Secretary, State Level Administrative Unit (SLAU), SCSTRTI Campus, CRPF Square, Nayapalli, Bhubaneswar - 751003". The application in sealed envelope superscribed as "Application for the post of ............... (Name of the Post)" should reach the office of the SLAU on or before 5.00 P.M. of 17.06.2023 through Registered Post/Speed Post only. Application(s) received after the due date and time will not be entertained.

**Sd./- Secretary, SLAU for SDC**
OIPR-26070/11/0003/2324

**Government of Odisha**
**DEPARTMENT OF WOMEN & CHILD DEVELOPMENT**
**Lokseva Bhawan, Bhubaneswar, PIN - 751001**
**Contact No.: 0674-2392976, e-mail: wcdcwsec@gmail.com**

**NOTICE**

**No. PT1-WCD-CW-MISC-0174-2017-10607/WCD Date: 24.05.2023**
**Sub.: Application for Selection as Member of Juvenile Justice Board.**

No. g-36: In pursuance of the provisions contained under section 4 of the Juvenile Justice (Care and Protection of Children) Act, 2015 and its Amendment Act, 2021 read with rules 3 and 105 of Odisha Juvenile Justice (Care and Protection of Children) Rules, 2018, online applications in the prescribed format are hereby invited from eligible and interested applicants for the positions of Members of the additional Juvenile Justice Boards (in short "JJB") in respect of the districts of Ganjam, Khordha, Sambalpur and Sundargarh.
The details of eligibility criteria, other conditions and format for application are available in the website of this Department **(https://wcd.odisha.gov.in/)** which may be accessed/filled up Online.
Applicants must apply for the positions of Members of the additional Juvenile Justice Board in the online Application Form available in the link: **https://bit.ly/3pLSXAB**. All the details are required to be filled and the documents be uploaded as required therein and submitted. Applications received through any other mode would not be accepted and considered. Submission of the online registered applications can be done in the website from **01.06.2023 to 15.06.2023 (11.59 P.M.)**.

**Sd./- Director, ICDS & Social Welfare-cum-Member Secretary, State Level Selection Committee**
OIPR-33001/11/0003/2324

**BOARD OF REVENUE:ODISHA: CUTTACK**
**No.VII(A)-18/2023-1896/M.B. (Niz.)., Dated:22.05.2023**
**QUOTATION/ TENDER CALL NOTICE**

Quotations/Tenders are invited for supply of one Mahindra Bolero vehicle on hiring basis in Board of Revenue, Odisha at Cuttack & Bhubaneswar location.
2. The details of the tender may be downloaded from this office website http://www.boardodisha.nic.in
3. The last date of submission of Tender is 09.06.2023 by 12.00 P.M. The tender shall open on 09.06.2023 at 3.00 P.M.

**Sd./- Secretary**

**OFFICE OF THE PRINCIPAL**
**PANCHAYAT SAMITI COLLEGE,BELPARA**
**DIST: BALANGIR**
Phone:06658284448, E-mail:psc_belpara@yahoo.co.in
No.419 Date:29.06.2023

**TENDER CALL NOTICE**

Sealed quotation in duplicate are invited from the distributors/dealers/registered firm/ supplier to supply Science Lab Equipments, Electronics items and office items. The Sealed Tender documents are to be submitted on or before 16.06.2023 by Regd. Post or Speed Post only as per prescribed terms and conditions. For further details and list of items please contact: 9937731266.

**Sd./- Principal**
**P.S. College, Belpara**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

**ସୂଚନା**

No. ୨୯୦୮ Dated: ୨୪।୦୫।୨୩

**No. AA-08:-** ଏତଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା.୦୭.୦୫.୨୦୨୩ ର ତୃତୀୟ ପାଳି (shift-3) ର ପରୀକ୍ଷା ଯାହା ବୈଷୟିକ ତ୍ରୁଟି ଯୋଗୁଁ ସଞ୍ଚାଳିତ ହୋଇପାରି ନ ଥିଲା ତାହା ପୁନର୍ବାର ତା୦୪.୦୬.୨୦୨୩ (ରବିବାର) ଦିନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (SOA/ITER), Jagamaraଠାରେ ଅନୁଷ୍ଠିତ ହେବ । ପରୀକ୍ଷାରୁ ବଞ୍ଚିତ ହୋଇଥିବା କେବଳ ତୃତୀୟ ପାଳିର ୧୧୧୧ ଜଣ ଯୋଗ୍ୟ ପରୀକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସେମାନେ ୱେବ୍‌ସାଇଟ୍ https://elbo.okcl.co.in କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ । Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ ସହାୟତା ନମ୍ବର ୦୬୭୪-୩୫୨୦୦୨୧ (ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୬ଟା ମଧ୍ୟରେ)ରେ ଯୋଗାଯୋଗ କରନ୍ତୁ ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-
OIPR-04025/11/0001/2324 ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-752 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.2835/RE/OSIC** **Dt.26.05.2023**
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 6 nos. of works i.e. (i) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-1 (within Puri Sadar & Gop Block)** in the District of Puri (ii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-2 (within Bramhagiri, Krushnaprasad & Puri Sadar Block)** in the District of Puri (iii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-3 (within Satyabadi & Kanas Block)** in the District of Puri (iv) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-4 (within Nimapara & Gop Block)** in the District of Puri (v) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-5 (within Kakatapur & Astaranga Block)** in the District of Puri (vi) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-6 (within Pipili & Delang Block)** in the District of Puri. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0025/2324

## ୫ଟି ସଚିବଙ୍କ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ

ପିପିଲି,(ସ୍ୱ.ପ୍ର.)- ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କଲେ ସାମାଜିକ କର୍ମୀ ରାମଶଙ୍କର ନନ୍ଦ। ପିପିଲି ସାତଶଙ୍ଖ ନିକଟ ଉତ୍ତରାୟଣୀ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱରର ଜଣାଶୁଣା ସାମାଜିକ କର୍ମୀ ରାମଶଙ୍କର ସ୍ଥାନୀୟ ଛୋଟ ପିଲାମାନଙ୍କ ସହ ପାଣ୍ଡିଆନଙ୍କ ଜନ୍ମଦିବସ ପାଳନ କରିଛନ୍ତି। ପ୍ରଥମେ ରାମଶଙ୍କର ସ୍ଥାନୀୟ ପିଲାମାନଙ୍କ ସହ ଉତ୍ତରାୟଣୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା ସହ ଭି.କେ. ପାଣ୍ଡିଆନଙ୍କ ଦୀର୍ଘ ଜୀବନ କାମନା ପାଇଁ ୨୧ଟି ଦୀପ ଦାନ କରି ଶୁଭ ମନାସିଥିଲେ । ପରେ ଉକ୍ତ ମନ୍ଦିର ପରିସର ଏକ ଗଛ ମୂଳରେ ପାଣ୍ଡିଆନଙ୍କ ଫଟୋ ଚିତ୍ର ସହ ୪ବର୍ଷର ଜଣେ ପିଲା ଦ୍ୱାରା କେକ୍ କାଟି ଜନ୍ମଦିନ ପାଳନ କରିଥିଲେ । ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ଥିବା ୩୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ସିଲଟ, ବହି, ଖାତା, ବ୍ୟାଗ ଓ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ସାମାଜିକ କର୍ମୀ ଓ ଅଭିଭାବକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଅଫିସ,୨୯।୫- କେନ୍ଦ୍ରାପଡ଼ା ଜିଲାର ଅନୁଷ୍ଠାନ ସଙ୍ଗୀତ ମୂର୍ଚ୍ଛନା ଏବଂ ଓଡ଼ିଶା ସଂସ୍କୃତି କଳା ଏକାଡେମୀ ପକ୍ଷରୁ ସଂସ୍କୃତି ଭବନ ପରିସରରେ ସୋମବାର ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସ୍ୱାଗତ ଭାଷଣ କରିଥିଲେ। ଏହି ଅବସରରେ ପୀୟୁଷ ପଣ୍ଡା ବେଦଧ୍ୱନି ଉଚ୍ଚାରଣ କରିଥିଲେ। ପ୍ରାରମ୍ଭରେ ମୋନାଲିସା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଶଙ୍କର୍ଷଣ ପରିଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କବି ଓ ରାଜନେତା ପ୍ରସନ୍ନ ପାଟଶାଣି, ବିଡିଓ ପ୍ରଦୀପ କୁମାର ସେଠୀ, ଗୁରୁ ପ୍ରଦୀପ କୁମାର ଦାସ ଯୋଗଦାନ କରିଥିଲେ। ସେହିପରି ବିଶିଷ୍ଟ ଅତିଥିଭାବେ ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ୧୮ଟି ଜିଲାର ଲୁକ୍କାୟିତ ପ୍ରତିଭାମାନଙ୍କୁ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ, ଶଙ୍ଖକ୍ଷେତ୍ର ସମ୍ମାନ ଓ ଶରଧାବାଲି ଯୁଗଳ ବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସୁବାସ ପାତ୍ର ଧନ୍ୟବାଦ ଦେଇଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ପୁରୀ ଅଫିସ,୨୯।୫ - ବରିଷ୍ଠ ଦଇତାପତି କୃଷ୍ଣଚନ୍ଦ୍ର ଦାସ ମହାପାତ୍ରଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ଦାସ ମହାପାତ୍ରଙ୍କର ୭୮ ବର୍ଷରେ ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ସୋମବାର ଅପରାହ୍ଣ ୨ଟା ସମୟରେ ମାଟିମଣ୍ଡପସାହି ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ନିକଟରେ ଜ୍ୟେଷ୍ଠପୁତ୍ର ଦାମୋଦର ଦାସ ମହାପାତ୍ର, ମଧୁସୂଦନ ଦାସ ମହାପାତ୍ର, ନରସିଂହ ଦାସ ମହାପାତ୍ର ଏବଂ ଗୋପାଳ ଦାସ ମହାପାତ୍ରଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଦାମୋଦର ଦାସ ମହାପାତ୍ର ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଏନ୍‌ସିଆଇଏସ୍‌ଏମ୍‌କୁ ନୋଟିସ

## ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ଘଟଣା

ଖୋର୍ଦ୍ଧା ଅଫିସ,୨୯।୫:

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଡାକ୍ତରୀ ପାଠ ପଢୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ପର୍ଯ୍ୟାୟରେ ଆୟୁଷ ବିଭାଗ ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଉପରେ ତଦନ୍ତ ଜାରି ରହିଛି। ଅନ୍ୟପଟେ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଗୁରୁତ୍ୱର ସହ ଗ୍ରହଣ କରିଛି। ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି।

ଉକ୍ତ କଲେଜରେ ବିନା ଯୋଗ୍ୟତାରେ ଛାତ୍ରୀଛାତ୍ରଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ରାଜ୍ୟ ଆୟୁଷ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେବା ସହିତ ସମ୍ପୃକ୍ତ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କଲେଜ କର୍ତ୍ତୃପକ୍ଷ କୌଣସି ଉତ୍ତର ରଖି ନ ଥିଲେ। ଗତ ୧୬ ତାରିଖରେ ବିଭାଗ ପକ୍ଷରୁ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର କଲେଜରେ ପହଞ୍ଚି ସପ୍ତାହ ବ୍ୟାପୀ ଯାଞ୍ଚ କରିଥିଲେ। ୨୦୧୬-୧୭/ ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ର ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ରେଜିଷ୍ଟର ଯାଞ୍ଚ କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ନେଇଛନ୍ତି। ନାମଲେଖାରେ ବ୍ୟାପକ ଅନିୟମିତତା କରାଯାଇ ବାହାର କଲେଜ ଛାତ୍ରୀଛାତ୍ରଙ୍କୁ ବିନା ଯୋଗ୍ୟତାରେ ନାମଲେଖା ସୁଯୋଗ ଦିଆଯାଇଥିବା ଡକ୍ୟୁମେଣ୍ଟ ଆୟୁଷ ବିଭାଗ ହାତରେ ଲାଗିଛି। ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ କଲେଜକୁ ଉକ୍ତ ଘଟଣାରେ ସ୍ପଷ୍ଟୀକରଣ ସହ ପିଲାଙ୍କ ପରୀକ୍ଷାକୁ ସ୍ଥଗିତ ରଖିଥିବା ଜଣାପଡିଛି। ତେବେ ବିନା ଯୋଗ୍ୟତାରେ ପିଲାମାନେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ କିପରି ଡାକ୍ତରୀ ପାଠ ପଢୁଛନ୍ତି, ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଭଳି ଅନିୟମିତତା ପାଇଁ କଲେଜ ଅଧକ୍ଷ ଓ କର୍ମଚାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ପିଲାଙ୍କ ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଉକ୍ତ କଲେଜରେ ବିନା ଏନ୍‌ଇଇଟିରେ ଛାତ୍ରୀଛାତ୍ର ପାଠ ପଢୁଥିବା ନେଇ ଏକ ଅଭିଯୋଗ ଉପରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କିତ ରିପୋର୍ଟ ମନ୍ତ୍ରଣାଳୟ ନିକଟରେ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ତେବେ ଏନ୍‌ସିଆଇଏସଏମ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ନୀରବ ବସିଯାଇଥିଲେ। ଏଭଳି ଏକ ସମ୍ବେଦନ ପ୍ରସଙ୍ଗ ଏନ୍‌ସିଆଇଏସ୍‌ଏମ୍‌ର ତଦନ୍ତରେ ମନ୍ଥରତା ଏବଂ ଦାୟିତ୍ୱହୀନତା ବିରୋଧରେ ଆୟୁଷ ମନ୍ତ୍ରଣାଳୟ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ ୧୭ ତାରିଖରେ ଏହି ଅଭିଯୋଗ ପାଇବା ପରେ ମନ୍ତ୍ରଣାଳୟ ଚିଠି ନଂ.୬୩୯୮୬/୨୦୨୩/୨୪.୫.୨୩ ପ୍ରକାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଏ ସମ୍ପର୍କରେ ମନ୍ତ୍ରଣାଳୟକୁ ଅବଗତ କରାଇବା ପାଇଁ ନୋଟିସ ଜାରି କରିଛନ୍ତି।

## ସେବକ, ସେବିକା ଅଭ୍ୟାସ ବର୍ଗର ଉଦ୍‌ଘାଟନ ଉତ୍ସବ

ପୁରୀ ଅଫିସ,୨୯।୫

ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତିନିଦିନିଆ ଜିଲାସ୍ତରୀୟ ସେବକ ଓ ସେବିକା ଅଭ୍ୟାସ ବର୍ଗର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିକାଶ ସମିତି ଓଡ଼ିଶାର ସଂଗଠକ ସମ୍ପାଦକ ତାରକା ପ୍ରସାଦ ସରକାର ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ସୁଦର୍ଶନ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ପ୍ରମୁଖ ଅକ୍ଷୟ କୁମାର ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୁରୀ ବିଭାଗ ନିରୀକ୍ଷକ ପ୍ରସନ୍ନ ମହାନ୍ତି, ପୂର୍ବ ସଂଭାଗ ସଂଯୋଜକ ରୁଦ୍ରନାରାୟଣ ବେହେରା, ପୂର୍ବ ସଂଭାଗ ସଭାପତି କୁଳମଣି ମିଶ୍ର, ଶିରିଶ କୁମାର ହାତୀ, ଶଶୀଭୂଷଣ ପଲେଇ, ପୂର୍ବ ସଂଭାଗ ସମ୍ପାଦକ ପ୍ରଫୁଲ ଚନ୍ଦ୍ର ପଣ୍ଡା, ଜିଲା ସହ ପ୍ରମୁଖ ଦିନବନ୍ଧୁ ତ୍ରିପାଠୀଙ୍କୁ ବିଦ୍ୟାଳୟର ସଭାପତି ଅରୁଣ ମିଶ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୭ଟି ସଂକୁଳର ୫୩ଟି ବିଦ୍ୟାଳୟରୁ ପ୍ରାୟ ୧୫୦ଜଣ ସେବିକା ଯୋଗଦେଇ ବିଭିନ୍ନ କ୍ରିୟାକଳାପ ସମ୍ପନ୍ଧରେ କାର୍ଯ୍ୟକ କରିଥିଲେ।


**BOARD OF REVENUE:ODISHA: CUTTACK**

No.VII(A)-18/2023-1896/M.B. (Niz.)., Dated:22.05.2023

**QUOTATION/ TENDER CALL NOTICE**

Quotations/Tenders are invited for supply of one Mahindra Bolero vehicle on hiring basis in Board of Revenue, Odisha at Cuttack & Bhubaneswar location.
2. The details of the tender may be downloaded from this office website http://www.boardodisha.nic.in
3. The last date of submission of Tender is 09.06.2023 by 12.00 P.M. The tender shall open on 09.06.2023 at 3.00 P.M.

Sd./- Secretary


# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

ଗୋପ,୨୯।୫(ଡି.ଏନ୍.ଏ.)



ଗୋପ ବ୍ଲକ ଅନ୍ତର୍ଗତ ବନାଖଣ୍ଡି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟାପକ ଅନିୟମିତତା ହେବା ସହିତ ପଞ୍ଚାୟତରେ ଥିବା ଜବ କାର୍ଡ ହିତାଧିକାରୀଙ୍କୁ କାର୍ଯ୍ୟ ମିଳୁ ନାହିଁ। ଫଳରେ ଏହି ସବୁ କାମ ମେଶିନ ଦ୍ୱାରା କରାଯାଇଥିବା ବେଳେ ଠିକ୍ ଭାବରେ କାମ ହେଉ ନ ଥିବା ସୋମବାର ପଞ୍ଚାୟତର କେତେକ ବ୍ୟକ୍ତି ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କିଛି ଦିନ ଧରି ଏହି ପଞ୍ଚାୟତରେ କେତେକ ପୋଖରୀ, ରାସ୍ତା ସହିତ ଆଉ କେତେକ ଜନହିତକର କାର୍ଯ୍ୟକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟ ଚାଲିଛି। କିନ୍ତୁ ସରକାରୀ ନିୟମକୁ ଏହି ପଞ୍ଚାୟତରେ ଉଲ୍ଲଂଘନ କରାଯାଇ ଶ୍ରମିକଙ୍କ ବଦଳରେ ମେଶିନ କାର୍ଯ୍ୟ କରୁଛି। ବନାଖଣ୍ଡି ଗ୍ରାମ ରାସ୍ତାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରଖାଯାଇ ମେଶିନ ଦ୍ୱାରା କାର୍ଯ୍ୟ ଆରମ୍ଭ ହେଉଛି। ଫଳରେ ଜବକାର୍ଡ ହିତାଧିକାରୀମାନେ କାର୍ଯ୍ୟ ନ ପାଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସରକାରୀ ନିୟମ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ କାର୍ଡ ହିତାଧିକାରୀମାନଙ୍କୁ କାର୍ଯ୍ୟ ଦିଆଯିବାର ଥିବାବେଳେ ଏହି ପଞ୍ଚାୟତରେ ବ୍ୟତିକ୍ରମ ଦେଖା ଦେଇଛି। ଏପରି ଅଭିଯୋଗ ଆସିବା ପରେ ତୁରନ୍ତ ଜବ କାର୍ଡ ଧାରୀଙ୍କୁ କାମ ସାମିଲ କରିବା ସହିତ ଅନ୍ୟାନ୍ୟ କାମଗୁଡିକ ଉପରେ ତଦନ୍ତ କରାଯିବ ବୋଲି ବିଡିଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल सं.- 02 गढ़वा**

ई–निविदा सूचना सं0– RDD/SD/GARHWA/05/2023-24

CANCELLED (रद्ध)

एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई–निविदा आमंत्रण सूचना सं0– **RDD/SD/GARHWA/05/2023-24, PR 297915 Rural Development (23-24).D** द्वारा प्रकाशित निविदा को अपरिहार्य कारणवश रद्ध किया जाता है।

कार्यपालक अभियंता
ग्रामीण विकास विशेष
प्रमण्डल सं.–02, गढ़वा

PR 298534 Rural Development (23-24)_D



**OFFICE OF THE PRINCIPAL**
**PANCHAYAT SAMITI COLLEGE,BELPARA**
**DIST: BALANGIR**

Phone:06658284448, E-mail:psc_belpara@yahoo.co.in

No.419 Date:29.06.2023

**TENDER CALL NOTICE**

Sealed quotation in duplicate are invited from the distributors/dealers/registered firm/ supplier to supply Science Lab Equipments, Electronics items and office items. The Sealed Tender documents are to be submitted on or before 16.06.2023 by Regd. Post or Speed Post only as per prescribed terms and conditions. For further details and list of items please contact: 9937731266.

Sd./- Principal
P.S. College, Belpara


# ଅଭିଯୋଗ ଶୁଣାଣି ପ୍ରହସନ

ଅସ୍ତରଙ୍ଗ,୨୯।୫(ଡି.ଏନ୍.ଏ.)

ନୂଆ ପଞ୍ଚାୟତ ସମିତି ଗଠନକୁ ବର୍ଷେ ପୂରି ଥିବାବେଳେ ଏଠାରେ କେବଳ ୨ ଥର ଜନଶୁଣାଣି ଅନୁଷ୍ଠିତ ହୋଇଛି। ପୂର୍ବରୁ ଥରେ ଏହି ଶୁଣାଣି ହୋଇଥିବାବେଳେ ସୋମବାର ଅନ୍ୟ ଏକ ଶୁଣାଣି ଅନୁଷ୍ଠିତ ହୋଇଥିଲା। କିନ୍ତୁ ଶିବିରରେ ପୂର୍ବ ଥର ଭଳି ଜିଲାପାଳ ଅନୁପସ୍ଥିତ ଥିଲେ। ସେଥିପାଇଁ ଲୋକଙ୍କ ଆଶା ପୂରଣ ହୋଇପାରିନି। ଜିଲାପାଳଙ୍କ ତଳିଆ କର୍ମଚାରୀମାନେ ଆସି ଅଭିଯୋଗ ଶୁଣାଣି କରିଥିଲେ। ବ୍ଲକର ସମସ୍ତ ଲୋକ ପ୍ରତିନିଧିଙ୍କ ସମେତ ବହୁ ସାଧାରଣ ଲୋକ ଶୁଣାଣିରେ ସାମିଲ ହୋଇଥିଲେ। ଜିଲାପାଳଙ୍କ ପରିବର୍ତ୍ତେ ଏଡିଏମ୍, ରାଜସ୍ୱ ବିଭାଗର କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ପିଡି ରଶ୍ମିରେଖା ଦାସ, ଜିଲା ଅଭିଯୋଗ ଶୁଣାଣି ଅଧିକାରୀ ପ୍ରିୟଦର୍ଶନୀ ମଲ୍ଲିକ, ବ୍ଲକ ଅଧକ୍ଷା ଆରତୀ ନାଏକ, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର ମହାକୁଡ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶୁଣାଣିରେ ପ୍ରାୟ ୪୫ଟି ଦରଖାସ୍ତ ଶୁଣାଣି ପାଇଁ ଆସିଥିବାବେଳେ ପୂର୍ବ ଶୁଣାଣିରେ ଏହାଠୁ ଅଧିକ ଦରଖାସ୍ତ ଥିଲେ ମଧ୍ୟ ତା ଏପର୍ଯ୍ୟନ୍ତ ସମାଧାନ ହୋଇପାରିନି।


**OFFICE OF THE**
**DISTRICT LEGAL SERVICES AUTHORITY, KENDRAPARA**
**ADVERTISEMENT No. 05**
Dated the 25th May, 2023

No. W-7: Applications in the prescribed format are invited from the desirous candidates for selection of Para Legal Volunteers (Under the Para Legal Volunteer Scheme of NALSA) read with revised Scheme for the District DLSA, Kendrapara/TLSC, Pattamundai/ TLSC, Aul.
**Last Date for Receipt of Applications: 07.06.2023 at 1 P.M.**
For details please visit District Court, Kendrapara website **https://districts.ecourts.gov.in/kendrapara.**

By Order
OIPR-18063/11/0001/2324 Sd./- Secretary, DLSA, Kendrapara



**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

**ସୂଚନା**

No. ୨୯୦୮ Dated: ୨୪।୦୫।୨୩

**No. AA-08:-** ଏତଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା.୦୭.୦୫.୨୦୨୩ ର ତୃତୀୟ ପାଳି (shift-3) ର ପରୀକ୍ଷା ଯାହା ବୈଷୟିକ ତ୍ରୁଟି ଯୋଗୁଁ ସଞ୍ଚାଳିତ ହୋଇପାରି ନ ଥିଲା ତାହା ପୁନର୍ବାର ତା୦୪.୦୬.୨୦୨୩ (ରବିବାର) ଦିନ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (SOA/ITER), Jagamaraଠାରେ ଅନୁଷ୍ଠିତ ହେବ । ପରୀକ୍ଷାରୁ ବଞ୍ଚିତ ହୋଇଥିବା କେବଳ ତୃତୀୟ ପାଳିର ୧୧୧୧ ଜଣ ଯୋଗ୍ୟ ପରୀକ୍ଷାର୍ଥୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ସେମାନେ ୱେବ୍‌ସାଇଟ୍ **https://elbo.okcl.co.in** କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ । Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ ସହାୟତା ନମ୍ବର ୦୬୭୪-୩୫୨୦୦୨୧ (ସୋମବାରରୁ ଶୁକ୍ରବାର ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୬ଟା ମଧ୍ୟରେ)ରେ ଯୋଗାଯୋଗ କରନ୍ତୁ ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ)-ତଥା-
ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା
OIPR-04025/11/0001/2324


## ନୃତ୍ୟଶିଳ୍ପୀଙ୍କ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ପୁରୀ ଅଫିସ, ୨୯।୫ - ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏକ ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଛି। ପନ୍ଦର ଦିନ ଧରି ଚାଲିଥିବା ଏହି ଶିବିରରେ ରାଜ୍ୟର ୫୦ରୁ ଅଧିକ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଗୁରୁ ନାରାୟଣ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରରେ ଗୁରୁ ଓ ଗବେଷକମାନେ ନୃତ୍ୟ କଳାର ବିଭିନ୍ନ କୌଶଳ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଗୁରୁ ବାଳକୃଷ୍ଣ ବାରିକ, ଗୁରୁ ଅସ୍ମିତା ଦାସ ଏହି କର୍ମଶାଳାରେ ସହଯୋଗ କରିଥିଲେ।



ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପନ ଅବସରରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।


**ADVERTISEMENT FOR ENGAGEMENT IN DIFFERENT POSTS ON CONTRACTUAL BASIS IN THE OFFICE OF THE STATE LEVEL ADMINISTRATIVE UNIT (SLAU) FOR SPECIAL DEVELOPMENT COUNCIL UNDER ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT**

**ADVERTISEMENT**

**No. 310/E-34/2023 Dated: 26.05.2023**

No. V-12: Applications are invited from interested candidates for engagement in the vacant post of 1) Senior Tribal Domain Experts, 2) Office Assistant and 3) Office Attendant on contractual basis in the Office of State Level Administrative Unit (SLAU) for Special Development Council (SDC) under ST & SC Development, Minorities & Backward Classes Welfare Department. The details of the application format, criteria, remuneration, number of posts, terms & conditions of the posts and period of contract are available in the official website of State Level Administrative Unit **www.sdcodisha.in** and ST&SC Development Department **www.stsc.odisha.gov.in**. The filled in application should be addressed to the "Secretary, State Level Administrative Unit (SLAU), SCSTRTI Campus, CRPF Square, Nayapalli, Bhubaneswar - 751003". The application in sealed envelope superscribed as "Application for the post of ............... (Name of the Post)" should reach the office of the SLAU on or before 5.00 P.M. of 17.06.2023 through Registered Post/Speed Post only. Application(s) received after the due date and time will not be entertained.

**Sd./- Secretary, SLAU for SDC**
OIPR-26070/11/0003/2324



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-752 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.2835/RE/OSIC Dt.26.05.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 6 nos. of works i.e. (i) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-1 (within Puri Sadar & Gop Block)** in the District of Puri (ii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-2 (within Bramhagiri, Krushnaprasad & Puri Sadar Block)** in the District of Puri (iii) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-3 (within Satyabadi & Kanas Block)** in the District of Puri (iv) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-4 (within Nimapara & Gop Block)** in the District of Puri (v) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-5 (within Kakatapur & Astaranga Block)** in the District of Puri (vi) Execution of 11 K.V. Line, 11/0.4 KV Substations, L.T. Line & B.P.L. connection in turnkey basis for implementation of "**Biju Gramya Jyoti Scheme 2022-23**" for system augmentation and village electrification in **Package-6 (within Pipili & Delang Block)** in the District of Puri. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0025/2324


# ପୋଖରୀ ନିଲାମ ନେଇ ବୋତଲରେ ନିଲାମଧାରୀଙ୍କୁ ଆକ୍ରମଣ

ଗୋପ,୨୯।୫(ଡି.ଏନ୍.ଏ.)

ଗୋପ ବ୍ଲକ ବଉଲାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସୋମବାର ଏକ ପୋଖରୀ ନିଲାମକୁ ନେଇ ଜଣେ ନିଲାମଧାରୀ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏପରିକି ପ୍ରତିପକ୍ଷ ଗୋଷ୍ଠୀର ୮/୯ଜଣ ଯୁବକ ଭିଆଁପଡା ଗ୍ରାମର ପ୍ରତାପ ରାଉତ(୪୬)ଙ୍କୁ ମଦ ବୋତଲରେ ଆକ୍ରମଣ କରିଛନ୍ତି। ଅନ୍ୟପଟେ ଦୁଇ ପକ୍ଷରୁ ନୟାହାଟ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୋମବାର ପୂର୍ବାହ୍ଣରେ ଏହି ପଞ୍ଚାୟତର ୨ଟି ପୋଖରୀ ନିଲାମ ହେବାର ସମୟ ସ୍ଥିରୀକୃତ ହେଇଥିଲା। ସେହି ଅନୁସାରେ ଗୋପ ବ୍ଲକପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ରଙ୍କ ସହିତ ସରପଞ୍ଚ ଓ ଆଉ କେତେଜଣ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଭୀମାପଡା ଗ୍ରାମର ପ୍ରତାପ ତାଙ୍କ ବାଇକ୍ ଯୋଗେ ପଞ୍ଚାୟତ କାର୍ଯ୍ୟାଳୟକୁ ପୋଖରୀ ନିଲାମ ଡାକିବାକୁ ଯାଉଥିଲେ। ହେଲେ ଏକ ନିଛାଟିଆ ରାସ୍ତାରେ ପୂର୍ବରୁ ଛକି ରହିଥିବା ୮/୯ଜଣ ଯୁବକ ହଠାତ୍ ଆଗକୁ ଆସିଯାଇ ମଦ ବୋତଲ ସହିତ ଠେଙ୍ଗାରେ ପ୍ରତାପଙ୍କୁ ଆକ୍ରମଣ କରି ଚାଲିଯାଇଥିଲେ। ଏହି ଘଟଣାକୁ କେତେଜଣ ଯୁବକ ମୋବାଇଲରେ ରେକର୍ଡ କରୁଥିବା ବେଳେ ଏପରି ଘଟଣାକୁ ରୋକି ନ ଥିଲେ। ପରେ ପ୍ରତାପ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମାତ୍ର ବ୍ଲକ ପଞ୍ଚାୟତ ଅଧିକାରୀ ଏକ ପାଖିଆ ଭାବେ ନିଲାମ କରିଥିବା ଜଣାପଡିଛି। ପରେ ଆକ୍ରମଣର ଶିକାର ହେଉଥିବା ନିଲାମଧାରୀ ପ୍ରତାପ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ପ୍ରତିପକ୍ଷ ପକ୍ଷରୁ ମଧ୍ୟ ଏକ ପାଲଟା ଅଭିଯୋଗ ହୋଇଥିଲା। ଗୋପ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ର କିପରି ଏକ ପାଖିଆ ନିଲାମ କଲେ ତାହା ମଧ୍ୟ ପଞ୍ଚାୟତରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମ ପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ରଙ୍କୁ ମତାମତ ଲାଗି ଫୋନ ନମ୍ବର ୮୯୧୭୪୪୪୭୯୫କୁ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ଅଭିଯୋଗକୁ ନେଇ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ଅନୁସାରେ ଉଭୟ ପକ୍ଷରୁ ତଦନ୍ତ ପରେ ଯାହା କହିବି ବୋଲି କହିଛନ୍ତି।


**Government of Odisha**
**DEPARTMENT OF WOMEN & CHILD DEVELOPMENT**
Lokseva Bhawan, Bhubaneswar, PIN - 751001
Contact No.: 0674-2392976, e-mail: wcdcwsec@gmail.com

**NOTICE**

**No. PT1-WCD-CW-MISC-0174-2017-10607/WCD Date: 24.05.2023**
**Sub.: Application for Selection as Member of Juvenile Justice Board.**

No. g-36: In pursuance of the provisions contained under section 4 of the Juvenile Justice (Care and Protection of Children) Act, 2015 and its Amendment Act, 2021 read with rules 3 and 105 of Odisha Juvenile Justice (Care and Protection of Children) Rules, 2018, online applications in the prescribed format are hereby invited from eligible and interested applicants for the positions of Members of the additional Juvenile Justice Boards (in short "JJB") in respect of the districts of Ganjam, Khordha, Sambalpur and Sundargarh.
The details of eligibility criteria, other conditions and format for application are available in the website of this Department **(https://wcd.odisha.gov.in/)** which may be accessed/filled up Online.
Applicants must apply for the positions of Members of the additional Juvenile Justice Board in the online Application Form available in the link: **https://bit.ly/3pLSXAB**. All the details are required to be filled and the documents be uploaded as required therein and submitted. Applications received through any other mode would not be accepted and considered. Submission of the online registered applications can be done in the website from **01.06.2023 to 15.06.2023 (11.59 P.M.)**.

**Sd./- Director, ICDS & Social Welfare-cum-Member Secretary, State Level Selection Committee**
OIPR-33001/11/0003/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ରୋଷେୟା ସେବାୟତ ମହାସଂଘର ୫ମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଜୟ ଜଗନ୍ନାଥ ଆକ୍ସିଡେଣ୍ଟାଲ ହେଲ୍ପ ୟୁନିଟ୍‌ର ୧୦ମ ବାର୍ଷିକୋତ୍ସବ ସମ୍ମିଳନୀ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନା ଚକ୍ର, ଭାରତୀୟ ବିଦ୍ୟା ଭବନ, ସନ୍ଧ୍ୟା ୬ଟା।
- ତ୍ରିଧାରା ପକ୍ଷରୁ ଦେବସ୍ମୃତି ୨୦୨୩, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ବାଟ ମହାବୀରଙ୍କ ପ୍ରଥମ ବାର୍ଷିକୋତ୍ସବର ପୂର୍ଣ୍ଣାହୁତି, ବଇଁଚୁଆ ବିଲସାହି ମନ୍ଦିର ପରିସର, ଅପରାହ୍ନ ୫ଟା।

# ସ୍ନାନବେଦିରେ ଶ୍ରୀବିଗ୍ରହଙ୍କୁ ଛୁଇଁପାରିବେନି ଶ୍ରଦ୍ଧାଳୁ

ପୁରୀ ଅଫିସ,୨୯।୫

ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ସୋମବାର ନୀଳାଦ୍ରି ଭକ୍ତନିବାସରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦେଶ ବାହାରେ ଥିବାରୁ ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଦୀପ ଜେନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପରିଚାଳନା କମିଟିର ସଦସ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସବ୍‌କମିଟି ଓ ଛତିଶା ନିଯୋଗ ଦ୍ୱାରା ଅନୁମୋଦିତ ହୋଇଥିବା ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟକୁ ମୋହର ମାରିଛି ପରିଚାଳନା କମିଟି। ସେହିପରି ସ୍ନାନଯାତ୍ରା ଦିନ ପହଣ୍ଡିପରଠାରୁ ଭକ୍ତଙ୍କ ନିରବଚ୍ଛିନ୍ନ ଦର୍ଶନ ଚାଲୁ ରହିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସ୍ନାନବେଦିରେ ଅବରୋଧ ମୁକ୍ତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ସ୍ନାନବେଦିରେ ଶ୍ରଦ୍ଧାଳୁ ଶ୍ରୀବିଗ୍ରହଙ୍କୁ ସ୍ପର୍ଶ କରିପାରିବେ ନାହିଁ। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ଠିକ୍ ସମୟରେ ସରିବ ବୋଲି କାର୍ଯ୍ୟକାରୀ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ ନେଇ ପ୍ରସ୍ତୁତ ହୋଇଥିବା ଭିଡିଓକୁ ନେଇ ବାରମ୍ବାର ବୈଠକ ହୋଇ ସମୀକ୍ଷା କରାଯିବ। ସେହିପରି ୨୦୨୪-୨୫ ବର୍ଷ ସୁଦ୍ଧା ସେବାୟତ ପିଲାଙ୍କ ପାଇଁ ଆବଶ୍ୟକ ଗୁରୁକୁଳ ନିର୍ମାଣ କରାଯିବ।


ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ।

**ରଥଯାତ୍ରା ପାଇଁ ପରିଚାଳନା କମିଟି ବୈଠକ**
- ରେଶମ ପୋକ ନ ମାରି ନୂଆ ପଦ୍ଧତିରେ ବସ୍ତ୍ର ବ୍ୟବହାର ହେବ
- ଆସନ୍ତା ବର୍ଷ ସୁଦ୍ଧା ଗୁରୁକୁଳ ନିର୍ମାଣ ହେବ

ବୈଠକ ସମ୍ପର୍କରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଜେନା କହିଛନ୍ତି, ପୂର୍ବରୁ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଉପରେ ଆଲୋଚନା ହୋଇ ପରିଚାଳନା ବୈଠକରେ ତାହା ଅନୁମୋଦିତ ହୋଇଛି। ଗୁରୁକୁଳ ସମ୍ପର୍କରେ ଆଲୋଚନା ହୋଇ ୨୦୨୪ -୨୫ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ପରିକ୍ରମା ମାର୍ଗର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ଭକ୍ତଙ୍କ ଶୃଙ୍ଖଳିତ ଯିବାଆସିବା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ହସ୍ତତନ୍ତ ନିର୍ଦ୍ଦେଶାଳୟ ସହଯୋଗରେ ନୂତନ ଓ ବୈଜ୍ଞାନିକ ଶୈଳୀରେ ରେଶମ ବସ୍ତ୍ର ଏଣିକି ଶ୍ରୀମନ୍ଦିରରେ ବ୍ୟବହାର କରାଯିବ। ପରୀକ୍ଷାମୂଳକ ଭାବେ ପ୍ରଥମେ ରେଶମ ପୋକକୁ ନ ମାରି ୮୮ମିଟର ଲମ୍ବର ଗୀତ ଗୋବିନ୍ଦ ପାଟ ପ୍ରସ୍ତୁତ କରାଯାଇଛି । ଏହାକୁ ସାତ୍ତ୍ୱିକ ରେଶମ ବୋଲି ନାମ ଦିଆଯିବ। ପୂର୍ବରୁ ଏହି ଲମ୍ବର ଗୀତଗୋବିନ୍ଦ ପାଟ ପ୍ରସ୍ତୁତ ନେଇ ୪ରୁ ୭ଲକ୍ଷ ପୋକ ମାରି ରେଶମ ସୂତା ବାହାରୁଥିଲା। ଏବେ ରେଶମ ପୋକ ନ ମାରି ରେଶମ ବସ୍ତ୍ର ଶ୍ରୀମନ୍ଦିରରେ ବ୍ୟବହାର ହେବ। ଫଳରେ ବିନା ଜୀବ ହତ୍ୟାରେ ବସ୍ତ୍ର ପ୍ରସ୍ତୁତ ହୋଇପାରିବ। ଆଗମୀ ଦିନରେ କିପରି ଅଧିକ ବସ୍ତ୍ର ପ୍ରସ୍ତୁତ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଭିତର ବ୍ୟବସ୍ଥାକୁ ଯେପର ଅଧିକ ସୁଦୃଢ଼ କରାଯିବ ସେନେଇ ଆଲୋଚନା ହୋଇଛି। ସେହିଭଳି ନୀତି ବିଳମ୍ବକୁ ନେଇ ଜେନା କହିଛନ୍ତି, ବର୍ତ୍ତମାନ ଭିତର ଚନ୍ଦନ ଏବଂ ଅନ୍ୟାନ୍ୟ ବିଶେଷ ନୀତି ଚାଲିଥିବାରୁ ନୀତି ବିଳମ୍ବ ହେଉଛି। ଅପରପକ୍ଷେ ଭକ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ତାହା ବି କିଛିଟା କାରଣ ରହିଛି। ଭକ୍ତ ପାଇଁ ଚାରିଦ୍ୱାର ଖୋଲିବା ପ୍ରସ୍ତାବ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି। ମହାପ୍ରଭୁଙ୍କ ରତ୍ନପଲଙ୍କରେ ବ୍ୟବହାର ହେବାକୁ ଥିବା ହାତୀଦାନ୍ତ ନେଇ ସରକାର ଏବଂ ଜଙ୍ଗଲ ବିଭାଗ ସହ ଆଲୋଚନା କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟି ସସଦ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ରାଜେନ୍ଦ୍ର ଅଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ବୈଠକରେ ଅନୁମୋଦିତ ହେଲା। ସ୍ନାନବେଦିରେ ଶୃଙ୍ଖଳିତ ଦର୍ଶନ ସହ ଅବରୋଧ ମୁକ୍ତ ଦର୍ଶନ ନେଇ ଆଲୋଚନା କରାଯାଇଛି। ବୈଠକରେ ଶୃଙ୍ଖଳିତ ଦର୍ଶନ କିପରି ହୋଇପାରିବ ସେ ନେଇ ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ନାନବେଦି ତଳେ ଭକ୍ତମାନେ ଦର୍ଶନ କରିବେ। ତେବେ ସକାଳଧୂପ ସରିବା ପରେ ଭକ୍ତମାନେ ସ୍ନାନବେଦିକୁ ଯିବେ କିନ୍ତୁ ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ ବୋଲି ସେ କହିଛନ୍ତି।

## ସ୍ୱତନ୍ତ୍ର ଅଲିମ୍ପିକ୍ସ ପାଇଁ କଳ୍ପନା ମନୋନୀତ

**ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ**



ଆଠଗଡ଼,୨୯।୫(ସ୍ୱ.ପ୍ର.): କଟକ ଜିଲା ଆଠଗଡ଼ର ବ୍ଲକର ଝିଅ କଳ୍ପନା ଜେନା ଜୁନ୍‌ରେ ଜର୍ମାନୀର ବର୍ଲିନ ଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସର ସାଇକେଲ୍ ଚାଳନା ପ୍ରତିଯୋଗିତାରେ ଭାଗନେବ ପାଇଁ ମନୋନୀତ ହୋଇଛନ୍ତି । ସେ ହେଉଛନ୍ତି ଏହି ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ପଞ୍ଚାୟତ ଅଧୀନ ରେଗେଡ଼ାପଡ଼ା ଗ୍ରାମର ଗଦାଧର ଜେନା ଓ ଗୀତାଞ୍ଜଳି ଜେନାଙ୍କ କନିଷ୍ଠ କନ୍ୟା କଳ୍ପନା ଜେନା। ସେ ଜନ୍ମରୁ ମାନସିକ ଅନଗ୍ରସର ହୋଇଥିଲେ ମଧ ଗ୍ରାମରୁ ପ୍ରାଥମିକ ବିଦ୍ୟାଳୟ ଓ ଖୁଣ୍ଟକଟାସ୍ଥିତ ଗୋପବନ୍ଧୁ ବାଳିକା ହାଇସ୍କୁଲ ମାଧମିକ ଶିକ୍ଷାଲାଭ କରିଛନ୍ତି। ଖବରପାଇ ଆଠଗଡ଼ ବିଧାୟକ ତଥା ବରିଷ୍ଠ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଯୁବ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ କଳ୍ପନାଙ୍କୁ ତାଙ୍କ ବାସଭବନରେ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଅଭ୍ୟାସ କରିବା ପାଇଁ କଳ୍ପନାଙ୍କୁ ଏକ ସାଇକେଲ ପ୍ରଦାନ କରିଛନ୍ତି। ଆସନ୍ତା ଜୁନ ୧୭ରୁ ୨୫ତାରିଖ ପର୍ଯ୍ୟନ୍ତ ଜର୍ମାନୀର ବର୍ଲିନଠାରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହେବ।



୨୮୦୦ ଗ୍ରେଡ୍ ପେ ଏବଂ ୬ ବର୍ଷ ଠିକା ଅବଧି ଯୋଗ ସହିତ ଅନ୍ୟାନ୍ୟ ଦାବିରେ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## ଭଣଜା ପାଇଁ କୂଅରେ ମାମୁ ଫସିଲେ

**ଉଦ୍ଧାର କରିବାକୁ ଯାଇ ଆସିପାରିଲେନି**

ଟିଗିରିଆ,୨୯।୫(ଡି.ଏନ୍.ଏ.)

ମାମୁ ଘରକୁ ବୁଲି ଆସିଥିବା ୨ ବର୍ଷର ଭଣଜା ଅସାବଧାନତାବଶତଃ ବାଡ଼ି ପଟେ ଥିବା ୩୫ ଫୁଟ ଗଭୀର କୂଅରେ ପଡ଼ିଯାଇଥିଲା। ତାକୁ ଉଦ୍ଧାର କରିବାକୁ ଯାଇ କୂଅରେ ମାମୁ ଫସିଯାଇଥିଲେ। ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ସରୋଜ ପ୍ରଧାନଙ୍କ ବାଡ଼ିପଟେ ସୋମବାର ସକାଳେ ୨ ବର୍ଷର ଭଣଜା ଖେଳୁଥିବା ସମୟରେ ହଠାତ୍ କୂଅରେ ପଡିଯାଇଥିଲେ। ଏହା ଦେଖି ସରୋଜ କୂଅକୁ ଡେଇଁ ପଡ଼ିଥିଲେ ଓ ଶିଶୁଟିକୁ ପାଣିକୁ ଉଦ୍ଧାର କରିଥିଲେ। କିନ୍ତୁ ନିଜେ କୂଅ ଭିତରୁ ବାହାରି ପାରି ନ ଥିଲେ। ପରିବାର ଲୋକେ ତୁରନ୍ତ ଟିଗିରିଆ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୁଖ୍ୟ ଅଗ୍ନିକ ପ୍ରତାପ ବେହେରାଙ୍କ ତତ୍ତ୍ୱାବଧାନରେ ଅଗ୍ନିକ ମନ ମୋହନ ଦାସ କୂଅରେ ପଶି ସରୋଜଙ୍କୁ ଉଦ୍ଧାର କରିଛନ୍ତି। ଉଭୟ ମାମୁ ଓ ଭଣଜା ସୁସ୍ଥ ଥିବା ଜଣାପଡ଼ିଛି।


କୂଅରୁ ସରୋଜ ପ୍ରଧାନଙ୍କୁ ଉଦ୍ଧାର କରାଯାଇଛି।

## କାଠଯୋଡ଼ିରୁ କୁଟୁରା ଉଦ୍ଧାର

ବାରଙ୍ଗ,୨୯।୫(ଡି.ଏନ୍.ଏ.): ନରାଜ ବ୍ୟାରେଜ ଉପରୁ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିବା ଏକ ଆହତ କୁଟୁରାକୁ ସୋମବାର ବାରଙ୍ଗ ଅଗ୍ନିଶମ ବାହିନୀ ଉଦ୍ଧାର କରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଛି। ପୂର୍ବାହ୍ନ ୧୦ଟା ସମୟରେ କୁଟୁରା ନିକଟ ଜଙ୍ଗଲରୁ କୌଣସି ମତେ ପଳାଇଥିବାବେଳେ କେତେକ ବୁଲା କୁକୁର ତାକୁ ଗୋଡ଼ାଇଥିଲେ। ସେ ଜୀବନ ବଞ୍ଚାଇବାକୁ ଯାଇ ନରାଜ ବ୍ୟାରେଜ ଉପରୁ କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଆହତ ଅବସ୍ଥାରେ କୁଟୁରାକୁ ଉଦ୍ଧାର କରି ସିଟି ଫରେଷ୍ଟ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। କୁଟୁରାଟିକୁ ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ସିଟି ଫରେଷ୍ଟ ପକ୍ଷରୁ କୁହାଯାଇଛି।

## ବ୍ୟକ୍ତିତ୍ୱ ବିକାଶ ପାଇଁ ନୈତିକ, ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୫(ବ୍ୟୁରୋ)

**ନବନିଯୁକ୍ତ ପିଜିଟିଙ୍କ ତାଲିମ ଶିବିର**

ନବନିଯୁକ୍ତ ପିଜିଟିମାନଙ୍କର ପାଞ୍ଚଦିନିଆ ପ୍ରବେଶକାଳୀନ ତାଲିମ ଶିବିର ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍ ଏଜୁକେଶନ (ଆର୍‌ଆଇଇ) ପରିସରରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆର୍‌ଆଇଇ ଭୁବନେଶ୍ୱର ଏବଂ ଓସେପା ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଗୁଣାତ୍ମକ ଶିକ୍ଷା ଓ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଲିମ ସମୟରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମାଧ୍ୟମରେ ବିଭିନ୍ନ ଶିକ୍ଷଣ କୌଶଳ ଲାଭ ପାଇଁ ସେ ପରାମର୍ଶ ଦେଇଛନ୍ତି। ଆର୍‌ଆଇଇର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ, ଚରିତ୍ର ଗଠନ ଓ ଶିକ୍ଷକ ସେମାନଙ୍କ ପାଇଁ ଏକ ରୋଲ୍ ମଡେଲ ହେବାକୁ ପ୍ରେରଣା ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର ଶିକ୍ଷକମାନେ କିପରି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବେ ସେ ବିଷୟରେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସରକାରୀ ସେବା ଓ ଶୃଙ୍ଖଳା ନୀତି ନିୟମ, ଓଡିଶା କ୍ୟାରିୟର ପୋର୍ଟାଲ, ଜାତୀୟ ଶିକ୍ଷା ନୀତି, ଧନ୍ଦାମୂଳକ ଶିକ୍ଷା, ସାମ୍ସ ପୋର୍ଟାଲ, ଶ୍ରେଣୀଗୃହ ପରିଚାଳନା କୌଶଳ, ରାଗିଙ୍ଗମୁକ୍ତ କ୍ୟାମ୍ପସ, ସମଗ୍ର ଶିକ୍ଷା ଓ ଷ୍ଟାର୍ସ କାର୍ଯ୍ୟକ୍ରମ, ଆଇସିଟିଯୁକ୍ତ ଶିକ୍ଷା, ମୋ ସ୍କୁଲ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଜିଟି ପ୍ରତିଭା ପ୍ରଧାନ ପ୍ରଥମେ ଜଗନ୍ନାଥ ବନ୍ଦନା ଓ ରୋଜାଲିନ ମହାରଣା ସରସ୍ୱତୀ ବନ୍ଦନା ଗାନ କରିଥିଲେ। ଡ. ସନାତନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଏବଂ ପ୍ରଫେସର ତିଳୋତ୍ତମା ସେନାପତି ସଂଯୋଜନା କରିଥିଲେ। ମଧୁସୂଦନ ମଲିକ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ସ୍ମିତାଲି


@ ଧନଞ୍ଜୟ


@ ରାଜେନ୍ଦ୍ର


@ ଗୋବର୍ଦ୍ଧନ


@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶକ୍ତିମନ୍ତ୍ରୀଙ୍କ ଘରକୁ ବିଞ୍ଚଣାମାଡ଼

ଭୁବନେଶ୍ୱର,୨୯।୫(ବ୍ୟୁରୋ)

**ଫାଟକରେ ଲଣ୍ଠନ ଝୁଲାଇ ବିଦ୍ୟୁତ୍ କାଟକୁ ବିରୋଧ**

ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏହି କ୍ରମରେ ସୋମବାର ବାଙ୍କୀରୁ ଭୁବନେଶ୍ୱର ସାଇକେଲ ଚଳାଇ ଆସିଥିବା ଯୁବକମାନେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ବାସଭବନ ଆଗରେ ଧାରଣା ଦେଇଛନ୍ତି। ଆନ୍ଦୋଳନକାରୀମାନେ ମନ୍ତ୍ରୀଙ୍କ ଘର ଉପରକୁ ବିଞ୍ଚଣା ଫୋପାଡ଼ିବା ସହ ଘର ଫାଟକ ଆଗରେ ଲଣ୍ଠନ ଝୁଲାଇ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ସେହିପରି 'ଶକ୍ତିମନ୍ତ୍ରୀ ତୁମେ ଲଣ୍ଠନ ନିଅ, ଶକ୍ତି ମନ୍ତ୍ରୀ ତୁମେ ଇସ୍ତଫା ଦିଅ' ସ୍ଲୋଗାନ ଦେଇଥିଲେ। ରାଜ୍ୟରେ ଗତ କିଛିଦିନ ହେଲା ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ୍ ଫଳରେ ଦିନରେ ପଙ୍ଖା ଚଳାଇ ହେଉ ନ ଥିବାବେଳେ ରାତିର ଅନ୍ଧାର ସମସ୍ୟାକୁ ବଢ଼ାଉଛି। ବାଙ୍କୀ ଅଞ୍ଚଳର ଯୁବକ ଅଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି 'ଲଣ୍ଠନ ଯାତ୍ରା' ଆରମ୍ଭ ହୋଇଥିବାବେଳେ ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।



ଶକ୍ତିମନ୍ତ୍ରୀଙ୍କ ବାସଭବନ ଆଗରେ ବାଙ୍କୀ ଅଞ୍ଚଳର ଯୁବକମାନେ ଧାରଣା ଦେଉଛନ୍ତି।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ: ଡିଜିପି

କଟକ ଅଫିସ,୨୯।୫

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କଟକସ୍ଥିତ ପୋଲିସ ମୁଖ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁନ୍ ୨୦ ରଥଯାତ୍ରାଠାରୁ ଆରମ୍ଭ କରି ଜୁଲାଇ ୧ ତାରିଖ ସୁନାବେଶ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ହେବା ନିମନ୍ତେ ପୋଲିସ ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ତେଣୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ରଥଯାତ୍ରା ପରିଚାଳନା ପାଇଁ ସକ୍ରିୟ ଭାବେ ଅଧିକ ସଜାଗ ରହିବାକୁ ଡିଜିପି ସୁନୀଲ ବଂଶଲ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ନିର୍ଦ୍ଧାରିତ ତାରିଖରେ ପାଳନ କରାଯିବ। ଶ୍ରୀଜୀଉଙ୍କ ଗୁରୁତ୍ୱପୂର୍ଣ୍ଣ ରୀତିନୀତି ମଧ୍ୟରେ ଜୁନ୍ ୧୯ରେ ନବଯୌବନ ଦର୍ଶନ, ୨୦ରେ ରଥଯାତ୍ରା, ୨୮ରେ ବାହୁଡା ଯାତ୍ରା, ୨୯ରେ ସୁନାବେଶ ଓ ଜୁଲାଇ ୧ରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ। ଏଥିପାଇଁ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ପୁରୀରେ ହେବ। ଡିଜିପି ବଂଶଲ ବୈଠକରେ ଅଧ୍ୟକ୍ଷତା କରି ରଥଯାତ୍ରା ସମୟରେ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଶେଷକରି ରଥଯାତ୍ରାରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ଆବଶ୍ୟକତା ଅନୁଯାୟୀ ବୋମା ନିଷ୍କ୍ରିୟକାରୀ ଦଳ, ଏଚ୍‌ଏଚ୍‌ଏମ୍‌ଡି, ଡିଏମ୍‌ଏଫ୍‌ଡି, ମେଟାଲ ଡିଟେକ୍ଟର ଓ କାଉଣ୍ଟର ଗୋଇନ୍ଦା ସ୍କ୍ୱାଡକୁ ନିୟୋଜିତ କରାଯିବ। ଭିଭିଆଇପିଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ପୁରୀ ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବ। ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର ଓ ଟ୍ରାଫିକ ଜୋନ୍ସ ବ୍ୟବସ୍ଥା କରାଯିବ । ସେହିପରି ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦୃଷ୍ଟି ଦିଆଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଏଡିଜିପି (ଏସ୍‌ଏପି) ଆର୍.ପି. କୋଚେ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଏଡିଜିପି (ମୁଖ୍ୟାଳୟ) ଆର୍.କେ. ଶର୍ମା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି( କ୍ରାଇମବ୍ରାଞ୍ଚ) ଅରୁଣ ବୋଥ୍ରା, ଏଡିଜିପି (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର,ଏଡିଜିପି (ଅପରେଶନ) ଏସ୍. ଦେବଦତ୍ତ ସିଂ, ଏଡିଜିପି (ରେଳବାଇ ଓ ଉପକୂଳ ସୁରକ୍ଷା) ଦୟାଲ ଗଙ୍ଗୱାର, ଏଡିଜିପି (ଆଧୁନିକୀକରଣ) ରାଜେଶ କୁମାର, ଆଇଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଆଇଜି (କ୍ରାଇମବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା, ଆଇ.ଜି. (ଯୋଗାଯୋଗ) ଗଜଭିୟେ ସତିଶ କୁମାର ଈଶ୍ୱର ଦାସ, ଆଇଜି (କେନ୍ଦ୍ରାଞ୍ଚଳ) ଆଶିଷ କୁମାର ସିଂ, ଡିଆଇଜି (ଗୋଇନ୍ଦା) ଅନୁପ କୁମାର ସାହୁ, ଡିଆଇଜି (ଏସ୍.ଆଇ.ଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ଏସ୍‌ପି (ପୁରୀ) କନୱର ବିଶାଲ ସିଂ, ଏସ୍‌ପି (ମୁଖ୍ୟାଳୟ) ରାହୁଲ ଜୈନଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।


ରଥଯାତ୍ରା ପ୍ରସ୍ତୁତି ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ।

**ଓଡ଼ିଶା ପୋଲିସର ରଥଯାତ୍ରା ପ୍ରସ୍ତୁତି**
- ପୁରୀ ସହରର ବିଭିନ୍ନ ସ୍ଥାନରେ ଲାଗିବ ସିସିଟିଭି
- ସମୁଦ୍ର କୂଳରେ ପାଟ୍ରୋଲିଂ କଡ଼ାକଡ଼ି
- ଭିଭିଆଇପିଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୦ ମେ', ୨୦୨୩





ନୂଆଦିଲ୍ଲୀଠାରେ ମଧ୍ୟପ୍ରଦେଶ ନେତାଙ୍କ ସହ ବୈଠକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କମଳନାଥ ଓ ଜେ.ପି. ଅଗ୍ରୱାଲ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

# ପଶ୍ଚିମବଙ୍ଗରେ କଂଗ୍ରେସକୁ ଝଟକା, ହାତ ଛାଡ଼ିଲେ ଏକ ମାତ୍ର ବିଧାୟକ

**କୋଲକାତା,୨୯।୫**

କର୍ନାଟକ ବିଜୟକୁ ନେଇ ସାରା ଦେଶରେ କଂଗ୍ରେସ ଉତ୍ସବ ପାଳୁଥିବାବେଳେ ପଶ୍ଚିମବଙ୍ଗରେ ଦଳକୁ ଝଟକା ଲାଗିଛି। ରାଜ୍ୟର ଏକମାତ୍ର କଂଗ୍ରେସ ବିଧାୟକ ବାୟରନ ବିଶ୍ୱାସ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରେ ଯୋଗ ଦେଇଛନ୍ତି। ସେ ବିଜୟୀ ହେବାର ୩ ମାସ ପରେ ସର୍ବପୁରାତନ ଦଳର ହାତ ଛାଡ଼ିଛନ୍ତି। ସାଗରଦିଘିର ବିଧାୟକ ବାୟରନ ସୋମବାର ପଶ୍ଚିମ ମେଦିନିପୁରର ଘାଟାଲଠାରେ ଟିଏମ୍‌ସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ବାୟରନଙ୍କୁ ସହୃଦୟତାର ସହ ସ୍ୱାଗତ କରାଯାଉଥିବା ନେଇ ଟିଏମ୍‌ସି ପକ୍ଷରୁ କୁହାଯାଇଛି।

# ମଧ୍ୟପ୍ରଦେଶରେ କଂଗ୍ରେସ ୧୫୦ ଆସନ ଜିତିବ: ରାହୁଲ

**ନୂଆଦିଲ୍ଲୀ, ୨୯।୫(ପି.ଟି.)**

ଆଗାମୀ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ୧୫୦ ଆସନରେ ଜିତିବ ବୋଲି ଏହାର ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ଏଆଇସିସି ମୁଖ୍ୟାଳୟରେ ଦଳର ନିର୍ବାଚନ ପ୍ରସ୍ତୁତି ବୈଠକ ପରେ ରାହୁଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କର୍ନାଟକରେ ବଡ଼ ବିଜୟ ପରେ ମଧ୍ୟପ୍ରଦେଶରେ ମଧ୍ୟ ଦଳ ଏହି ଧାରା ବଜାୟ ରଖିବ ବୋଲି ସେ କହିଛନ୍ତି। ରାହୁଲଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟପ୍ରଦେଶରୁ ଆସିଥିବା ଦଳୀୟ ନେତାମାନଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ। ଦଳରେ ଏକତା ଉପରେ ସମସ୍ତ ରାଜ୍ୟ ନେତା ଜୋର୍ ଦେଇଥିଲେ। ବୈଠକରେ ଅସନ୍ତୁଷ୍ଟ ନେତାମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଳନାଥ ଏବଂ ଏଆଇସିସି ପ୍ରଭାରୀ ପି. ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତାମାନଙ୍କୁ ରାହୁଲ କହିଛନ୍ତି, କର୍ନାଟକରେ ୧୩୬ ଆସନ ଜିତିବା ନେଇ ଦଳ ପୂର୍ବାନୁମାନ କରିଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶରେ ଆମେ ୧୫୦ ଆସନ ଜିତିବୁ। କର୍ନାଟକରେ ଯାହା ହୋଇଛି, ମଧ୍ୟପ୍ରଦେଶରେ ତାହାର ପୁନରାବୃତ୍ତି ହେବ। ତେବେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କମଳନାଥ ହେବେ କି ପ୍ରଶ୍ନକୁ ରାହୁଲ ଏଡ଼ାଇ ଯାଇଥିଲେ। ସମସ୍ତେ ଏକ ହୋଇ ଲଢ଼ି ଦଳକୁ ଜିତାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ଅଗ୍ରୱାଲ କହିଥିଲେ। ଉକ୍ତ ବୈଠକରେ କେ.ସି. ବେଣୁଗୋପାଳ ଉପସ୍ଥିତ ଥିଲେ। ନିର୍ବାଚନୀ ରଣକୌଶଳ ଓ ଦଳ କେଉଁସବୁ ପ୍ରସଙ୍ଗ ନେଇ ଭୋଟ୍‌ର ସମ୍ମୁଖୀନ ହେବ, ସେନେଇ ଆଲୋଚନା ହୋଇଥିଲା। ସମସ୍ତେ ଏକ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି କମଳନାଥ କହିଛନ୍ତି।

# ମୋଦିଙ୍କ ଶାସନରେ ଗରିବଙ୍କ ଉନ୍ନତି ଘଟିନି

**ନୂଆଦିଲ୍ଲୀ, ୨୯।୫ (ପି.ଟି.)**

## କେନ୍ଦ୍ରକୁ ଟାର୍ଗେଟ କଲା କଂଗ୍ରେସ

ମୋଦି ସରକାର ଗତ ସପ୍ତାହରେ ୯ ବର୍ଷ ପୂରଣ କରିଛି। ଏହି ସମୟରେ ଦେଶରେ ମୁଦ୍ରାସ୍ଫୀତି ଜରିଆରେ ସରକାର ଲୋକଙ୍କ ଆୟକୁ ଲୁଟି ନେଇଛନ୍ତି। କିନ୍ତୁ ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ ମଧ୍ୟରେ ରଖାଯାଇଛି ବୋଲି ସରକାର ଗର୍ବର ସହ ଦାବି କରୁଛନ୍ତି। ବାସ୍ତବରେ ଦେଖିଲେ ମୋଦିଙ୍କ ଶାସନ କାଳରେ ଗରିବଙ୍କ ଆଦୌ ଉନ୍ନତି ଘଟି ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ହିନ୍ଦୀରେ ଟୁଇଟ୍ କରି ଅଭିଯୋଗ କରିଛନ୍ତି।

ଆସନ୍ତା କିଛି ଦିନ ପରେ ସରକାରରେ ଥିବା ମନ୍ତ୍ରୀ ଓ ପ୍ରଶଂସକମାନେ ମୋଦି ସରକାରଙ୍କ ତଥାକଥିତ ସଫଳତା ନେଇ ଉତ୍ସବ ପାଳନ କରିବେ ବୋଲି କଂଗ୍ରେସ ପକ୍ଷରୁ କଟାକ୍ଷ କରି କୁହାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ମୋଦି ସରକାରଙ୍କ ଅମଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବହୁଗୁଣ ବଢ଼ିଯାଇଛି। କେନ୍ଦ୍ର ସରକାରରେ ଥିବା ମନ୍ତ୍ରୀମାନେ ସରକାରଙ୍କ ସଫଳତାକୁ ବଡ଼ ଆକାରରେ ଦର୍ଶାଇବାର ସବୁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କିନ୍ତୁ ଗରିବମାନଙ୍କ ଅବସ୍ଥା ମୋଦିଙ୍କ ୯ ବର୍ଷ ଶାସନ ସମୟରେ ଦୟନୀୟ ହୋଇଛି ବୋଲି ରମେଶ କହିଛନ୍ତି। ୨୦୧୪ରୁ ମୋଦି କ୍ଷମତାକୁ ଆସିବା ପରେ କୃଷି ଶ୍ରମିକଙ୍କ ମଜୁରି ହାର ବୃଦ୍ଧି ୦.୮ ପ୍ରତିଶତ ରହିଥିବା ବେଳେ ଅଣ-କୃଷି ଶ୍ରମିକଙ୍କ ୦.୨ ପ୍ରତିଶତ ଏବଂ ନିର୍ମାଣ ଶ୍ରମିକଙ୍କ ମଜୁରି ବିଯୁକ୍ତ ୦.୦୨ ପ୍ରତିଶତ ହୋଇଛି। ଇତିମଧ୍ୟରେ ଏଲ୍‌ପିଜିରେ ୧୬୯%, ପେଟ୍ରୋଲ ୫୭%, ଡିଜେଲ ୭୮%, ସୋରିଷ ତେଲ ୫୮%, ଅଟା ୫୬% ଏବଂ କ୍ଷୀର ମୂଲ୍ୟ ୫୧% ବଢ଼ିଛି ବୋଲି ରମେଶ ଟୁଇଟ୍ କରି କହିଛନ୍ତି। ୨୦୧୪ ପରେ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି ୧,୨୨୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ ତଥ୍ୟ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ ୯ ବର୍ଷ ପୂରଣ କରିଥିବାରୁ କଂଗ୍ରେସ ଗତ ସପ୍ତାହରେ ମୂଲ୍ୟବୃଦ୍ଧି, ବେକାର ସଂଖ୍ୟା ବୃଦ୍ଧି, କୃଷକଙ୍କ ଆୟ ସଂକ୍ରାନ୍ତ ୯ଟି ପ୍ରଶ୍ନ ପଚାରିବା ସହିତ ଏହି ସମୟ ମଧ୍ୟରେ ଦିଆଯାଇଥିବା ଧୋକା ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଥିଲା।

ସୂଚନାଯୋଗ୍ୟ, ୨୬ ମେ'ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ୯ ବର୍ଷ ଶେଷ କରିଛି। ଏହି କାଳଖଣ୍ଡରେ ଏନ୍‌ଡିଏ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାମଗ୍ରିକ ବିକାଶ ସହିତ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ହାସଲ କରିଥିବା ବିଷୟକୁ ଦର୍ଶାଯାଉଛି।

# ବିଜେଡି ଉପକୃତ ହେଲେ ଓଡ଼ିଶା ଉପେକ୍ଷିତ: କଂଗ୍ରେସ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

## ବିଜେଡି ୫ମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତିକୁ ସମାଲୋଚନା



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଗଣେଶ୍ୱର ବେହେରା ଓ ଦଳୀୟ ନେତୃବୃନ୍ଦ।

ବିଜେଡି ୫ମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତିରେ ଶାସକ ଦଳ ଉପକୃତ ହୋଇଥିବା ବେଳେ ଓଡ଼ିଶା ଉପେକ୍ଷିତ ହୋଇଛି ବୋଲି କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର ଆହୁରି କହିଛନ୍ତି, ଏହା ମଧ୍ୟରେ ପଞ୍ଚାୟତ, ପୌର ତଥା ଉପନିର୍ବାଚନରେ ବିଜୟ ଲାଭ କରିଥିବାରୁ ବିଜେଡି ଉଲ୍ଲସିତ ହେବା ସ୍ୱାଭାବିକ। କିନ୍ତୁ ରାଜ୍ୟବାସୀ ଏବଂ ଓଡ଼ିଶାର ସ୍ଥିତି କ'ଣ ସେକଥା ସମସ୍ତେ ଦେଖୁଛନ୍ତି। ଇଣ୍ଡିଆ ଟୁଡ଼େ ଏବଂ ନିତି ଆୟୋଗର ସଦ୍ୟ ରିପୋର୍ଟ ଅନୁସାରେ ଓଡ଼ିଶା ଉଚ୍ଚ ପ୍ରଦର୍ଶନ କରିଥିବା ୧୭ ରାଜ୍ୟ ମଧ୍ୟରେ ୧୬ ନମ୍ବର ସ୍ଥାନରେ ରହିଛି। କୃଷି କ୍ଷେତ୍ରରେ ୨୦ ରାଜ୍ୟ ମଧ୍ୟରେ ୧୪, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୩, ଆଇନ ଶୃଙ୍ଖଳା କ୍ଷେତ୍ରରେ ୧୪, ଭିତ୍ତିଭୂମି ସରଞ୍ଜନା କ୍ଷେତ୍ରରେ ୧୦ ଏବଂ ସମଭିତ୍ତିକ ବିକାଶ କ୍ଷେତ୍ରରେ ୧୬ ନମ୍ବର ସ୍ଥାନରେ ରହିଥିବା ଦର୍ଶାଯାଇଛି। ଅନୁରୂପ ଭାବେ ନିତି ଆୟୋଗ ସଦ୍ୟତମ ପ୍ରକାଶିତ ରିପୋର୍ଟ ଅନୁସାରେ ଇନୋଭେଶନ ଇଣ୍ଡେକ୍ସରେ ଓଡ଼ିଶା ସ୍ଥାନ ୧୭ ରାଜ୍ୟ ମଧ୍ୟରୁ ୧୬ ଓ ସ୍ୱାସ୍ଥ୍ୟ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୧୪ ନମ୍ବର ସ୍ଥାନରେ ଅଛି। ରାଜ୍ୟ ସରକାର ସମସ୍ତ ନିଅଣ୍ଟିଆ ବ୍ଲକରେ ୩୫ ପ୍ରତିଶତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିବାର ପ୍ରତିଶ୍ରୁତି ୫ ବର୍ଷରେ ଦେଇଥିଲେ ମଧ୍ୟ ୧୮ ବର୍ଷ ବିତିଗଲା କିନ୍ତୁ ଆହୁରି ୩୨ ବ୍ଲକ ରହିଗଲା। ପ୍ରତିବର୍ଷ ୧ ଲକ୍ଷ ନିଯୁକ୍ତି ଦେବାକୁ କହି ୨୩ ବର୍ଷରେ ୨୩ ଲକ୍ଷ ନିଯୁକ୍ତି ପାଣିରେ ଗାର ହୋଇଛି। ଘରୋଇ ବିଭାଗର ଶ୍ୱେତପତ୍ର ଅନୁସାରେ ଓଡ଼ିଶାରେ ଦୈନିକ ୯ଟି ବଳାତ୍କାର ଓ ଗଣବଳାତ୍କାର ମାମଲା ରୁଜୁ ହୋଇଥିବା ସ୍ଥଳେ ବର୍ଷକୁ ୯ ଜଣଙ୍କୁ ମଧ୍ୟ ଦଣ୍ଡ ବିଧାନ କରାଯାଇନାହିଁ। ରାଜ୍ୟର କ୍ରାଇମବ୍ରାଞ୍ଚ କ୍ରାଇମ୍ ପ୍ରୋଟେକ୍ସନ ବ୍ରାଞ୍ଚରେ ପରିଣତ ହୋଇଛି। ଗୋବିନ୍ଦ ସାହୁ ମମିତା ମେହେର ମାମଲାରେ ଗିରଫ ହୋଇ ଜେଲ୍‌ରେ ମୃତ୍ୟୁବରଣ କଲେ। ତା' ହତ୍ୟା ନା ଆତ୍ମହତ୍ୟା କ୍ରାଇମବ୍ରାଞ୍ଚ ୫ ମାସ ମଧ୍ୟରେ ନିର୍ଣ୍ଣୟ କରିପାରିଲା ନାହିଁ। ନବ ଦାସ ହତ୍ୟାକାଣ୍ଡର ଚାର୍ଜସିଟ୍ ପଢ଼ିଲେ ସ୍ୱାଭାବିକ ଧାରଣା ହେବ ଯେ, ସରକାର ଅପରାଧୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେଉଛନ୍ତି। ତଥାପି ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ, କିନ୍ତୁ ସରକାର ଉଦାସୀନ ବୋଲି ଗଣେଶ୍ୱର କହିଛନ୍ତି।

# ୯ ବର୍ଷ ହେଲା ଦେଶରେ ଏକ ଭ୍ରଷ୍ଟାଚାରମୁକ୍ତ ସରକାର ଚାଲିଛି: ରେଡ୍ଡୀ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୯ ବର୍ଷ ଧରି ଦେଶରେ ଏକ ଭ୍ରଷ୍ଟାଚାର ମୁକ୍ତ ସରକାର ସ୍ଥାପନା କରିବା ସହ ବିକାଶର ଅନେକ ମାପଦଣ୍ଡରେ ଦେଶକୁ ଆଗେଇ ନେଉଛି। ସ୍ୱାଧୀନତାଠାରୁ ୨୦୧୪ ପର୍ଯ୍ୟନ୍ତ ଦେଶରେ ହୋଇଥିବା ବିକାଶମୂଳକ କାମଠାରୁ ଏହି ୯ ବର୍ଷରେ ହୋଇଥିବା ବିକାଶମୂଳକ କାମ ଟପିଯାଇଛି। ସାରା ବିଶ୍ୱରେ ଭାରତର ପରାକାଷ୍ଠା ବଢ଼ିଛି। ୨୦୧୪ରେ ସାଧାରଣ ଲୋକେ କଂଗ୍ରେସର ଭ୍ରଷ୍ଟାଚାର ଓ ଦୁର୍ବଳ ନେତୃତ୍ୱରୁ ମୁକ୍ତି ଚାହୁଁଥିଲେ। ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କୁ ବିପୁଳ ଜନସମର୍ଥନରେ ବିଜୟୀ କରାଇଥିଲେ। ଆଜି ଏହି ସମୟ ଭିତରେ ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଗୋଟିଏ ବି ଭ୍ରଷ୍ଟାଚାରର ଅଭିଯୋଗ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି।

ସ୍ଥାନୀୟ ଏକ ହୋଟେଲଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୋଦି ସରକାରର ୯ ବର୍ଷ ପୂର୍ତ୍ତିକୁ ନେଇ ରେଡ୍ଡି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ କେବଳ ଭାରତ ନୁହେଁ ବିଶ୍ୱରେ ସ୍ୱୀକୃତି ଲାଭ କରିଛି। ଜି-୨୦ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସଙ୍ଗଠନରେ ଭାରତ ଅଧ୍ୟକ୍ଷତା କରିପାରିଛି। ଯାହା ନରେନ୍ଦ୍ର ମୋଦିଙ୍କ ସରକାରର ନେତୃତ୍ୱର ପରାକାଷ୍ଠାର ପ୍ରମାଣ। ସେବା, ସୁଶାସନ, ଗରିବ କଲ୍ୟାଣ ହେଉଛି ଭାଜପା ସରକାରର ଭାବନା। କୋଭିଡ୍ ମହାମାରୀ ସମୟରେ ସାରା ବିଶ୍ୱର ଅନେକ ବିକଶିତ ଦେଶ ଏହି ମହାମାରୀକୁ ସାମ୍ନା କରିପାରି ନ ଥିବାବେଳେ ଭାରତ ପାରଦର୍ଶିତାର ସହିତ ମୁକାବିଲା କରିପାରିଛି। ପ୍ରଥମ ଥର ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ କୋଭିଡ୍ ଟିକା ପ୍ରସ୍ତୁତ କରିପାରିଥିଲା। ୧୪୦ କୋଟି ଜନସଂଖ୍ୟାର ଦେଶରେ ଟିକାକରଣ ଅଭିଯାନ ସଫଳତାର ସହ ହୋଇପାରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କ ପାଇଁ ୩ କୋଟି ୫୦ ଲକ୍ଷ ପକ୍କା ଘର ନିର୍ମାଣ ହୋଇଛି, ସେଥିରୁ ୬୫ ପ୍ରତିଶତ ମହିଳାଙ୍କୁ ମିଳିଛି। ଟ୍ୟାପ୍ ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ମୋଦି ସରକାର ଜଳଜୀବନ ମିଶନ ମାଧ୍ୟମରେ ୧୨ କୋଟିରୁ ଅଧିକ ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ସୁବିଧା କରାଇଛନ୍ତି। ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୯ କୋଟି ୬୦ ଲକ୍ଷରୁ ଅଧିକ ପରିବାରକୁ ମାଗଣା ଗ୍ୟାସ୍ ସଂଯୋଗ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୮୦ କୋଟି ପରିବାରଙ୍କୁ ମାସକୁ ମିଳୁଛି ମୁଣ୍ଡ ପିଛା ୫ କିଲୋ ଖାଦ୍ୟାନ୍ନ। ଆୟୁଷ୍ମାନ ଭାରତ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସହାୟତା ମିଳୁଛି। ଭାରତର କ୍ରୀଡ଼ା କ୍ଷେତ୍ରରେ ବିକାଶ ହୋଇଛି ଓ ବିଶ୍ୱସ୍ତରୀୟ ଖେଳ ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ବହୁତ ବଢ଼ିଛି ବୋଲି ରେଡ୍ଡୀ କହିଛନ୍ତି। ବିଶ୍ୱରେ ଯେଉଁଠି ଭାରତର ନାଗରିକମାନେ ଅସୁରକ୍ଷିତ ହୋଇଛନ୍ତି ସେଠାରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ସିରିଆ, ଅଫଗାନିସ୍ତାନ ଭଳି ଦେଶରୁ ବିପଦ ସମୟରେ ୨୦ ହଜାରରୁ ଅଧିକ ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଅଣାଯାଇଛି। କୋଭିଡ୍ ସମୟରେ ୨ କୋଟି ୯୭ ଲକ୍ଷ ଭାରତୀୟଙ୍କୁ ସ୍ୱଦେଶକୁ ଫେରାଇ ଅଣାଯାଇଛି ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ।

# ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀ, ଶିଳ୍ପ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ବୈଠକ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସିଙ୍ଗାପୁର ଉପ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗଙ୍କୁ ଭେଟି ବିଭିନ୍ନ କ୍ଷେତ୍ରରେ ୨ ଦେଶର ସମ୍ପର୍କକୁ ମଜଭୁତ କରିବା ଉପରେ ଆଲୋଚନା କରିଛନ୍ତି। ଏହି ଦୁଇ ପ୍ରମୁଖ ମନ୍ତ୍ରୀଙ୍କ ସହ ବୈଠକରେ ସେ ଭାରତ ଓ ସିଙ୍ଗାପୁର ମଧ୍ୟରେ ଦକ୍ଷତା ବିକାଶ, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା କରିବା ସହ ବୈଠକ ଫଳପ୍ରଦ ହୋଇଥିବା ଟୁଇଟ୍ କରି ଧର୍ମେନ୍ଦ୍ର କହିଛନ୍ତି।

ସେ ଆହୁରି କହିଛନ୍ତି, ବର୍ତ୍ତମାନ ଉଭା ହେଉଥିବା ଭବିଷ୍ୟତ ଅସୀମିତ ସୁଯୋଗର ଅବସର ଦେଉଛି। ଉଭୟ ଦେଶକୁ ମିଳୁଥିବା ଲାଭ ଉପରେ କାର୍ଯ୍ୟ କରିବା ପାଇଁ ୨ ମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି। ସେହିପରି ଜୀବନବ୍ୟାପୀ ଶିକ୍ଷା ଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା, ଭବିଷ୍ୟତ ପାଇଁ ମାନବ ସମ୍ବଳ ପ୍ରସ୍ତୁତ କରିବା ତଥା ଶିକ୍ଷା ଓ ଦକ୍ଷତା ବିକାଶ ମାଧ୍ୟମରେ ରଣନୈତିକ ଭାଗୀଦାରିକୁ ଅଧିକ ଦୃଢ଼ୀଭୂତ କରିବା ଦିଗରେ ଆଲୋଚନା ହୋଇଛି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ୱାର୍କଶପର ଫଳାଫଳକୁ ନେଇ ବିଚାରବିମର୍ଶ ହୋଇଥିଲା। ଭାରତର ଦକ୍ଷତା ପରିସଂସ୍ଥାନ ସାମ୍ନାରେ ଥିବା ଆହ୍ୱାନ ଏବଂ ପରିବର୍ତ୍ତନ ପାଇଁ ସିଙ୍ଗାପୁରର ଜ୍ଞାନ ଓ ଅଭିଜ୍ଞତାକୁ କିପରି ଭାରତ ବ୍ୟବହାର କରିପାରିବ ସେ ଦିଗରେ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି।

## ରାଜ୍ୟ ଖବର

# ୨୦୨୪ ମାର୍ଚ୍ଚ ସୁଦ୍ଧା ସରିବ ୯୦୦ ସେତୁର କାମ: ମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

## ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ




ଗ୍ରାମ୍ୟ ଉନ୍ନୟନ ବିଭାଗର ବଜେଟ ଆର୍ଥିକ ବର୍ଷ ୨୦୦୦-୨୦୦୧ ତୁଳନାରେ ଏଥର ୨୫ ଗୁଣା ବୃଦ୍ଧି ପାଇଛି। ୨୦୦୦-୦୧ରେ ବିଭାଗର ବଜେଟ ୩୦୫ କୋଟି ଥିବାବେଳେ ଏହା ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଭାଗ ବିଭିନ୍ନ ଯୋଜନା ଅଧୀନରେ ରାଜ୍ୟରେ ୨୨୪୧ ଗୋଟି ସେତୁ ନିର୍ମାଣ କରିଥିବା ବେଳେ ଅନ୍ୟ ୧୩୦୪ଟି ସେତୁର ନିର୍ମାଣ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେହିପରି ବିଜୁ ସେତୁ ଯୋଜନା ଅଧୀନରେ ୭୫୦ଟି ପ୍ରସ୍ତାବିତ ସେତୁର ଲକ୍ଷ୍ୟ ପୂରଣ ଦିଗରେ ବିଭାଗ ବର୍ତ୍ତମାନ ପର୍ଯ୍ୟନ୍ତ ୬୭୯ଟି ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ମୋଟ ୯୦୦ଟି ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଗତ ୪ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସଫଳତା ଓ ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଏବଂ ପଦକ୍ଷେପ ବିଷୟରେ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ପ୍ରୀତିରଞ୍ଜନ କହିଛନ୍ତି, ସଡ଼କ କ୍ଷେତ୍ରରେ ବିଭାଗ ଦ୍ୱାରା ୧,୦୩,୭୩୧ କିମି ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ କରାଯାଇ ୧୮,୧୬୧ଟି ଗ୍ରାମବସତିକୁ ସବୁଦିନିଆ ରାସ୍ତା ସଂଯୋଗ ପ୍ରଦାନ କରାଯାଇଛି। ଗ୍ରୀନ୍ ଟେକ୍ନୋଲୋଜି ବ୍ୟବହାର କରି ୧୦,୦୦୦ କିମିରୁ ଅଧିକ ରାସ୍ତା ନିର୍ମାଣ ସରିଛି। ଗ୍ରାମାଞ୍ଚଳରେ କୋଠାବାଡ଼ି ଭିତ୍ତିଭୂମିର ବିକାଶ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆଇଟିଆଇ କଲେଜ ଏବଂ ସ୍କୁଲ୍ କୋଠା, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ରାଜସ୍ୱ ବିଭାଗ ଆଦିରେ ୮୭୦୦ଟି କୋଠାବାଡ଼ି ନିର୍ମାଣ କରି ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିପାରିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ଅନ୍ୟାନ୍ୟ ରାଜ୍ୟ ଯୋଜନା ଅଧୀନରେ ୩୦୦୦ କିମିର ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା ବେଳେ ଅଦ୍ୟାବଧି ୬୨୪୭ କିମି ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯାଇଛି। ମାର୍ଚ୍ଚ ୨୦୨୪ ସୁଦ୍ଧା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆଉ ୬୦୦୦ କିମିର ରାସ୍ତା ନିର୍ମାଣ କରି ସମୁଦାୟ ୧୨,୨୪୭ କିମି ସମ୍ପୂର୍ଣ୍ଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

# ଉତ୍ତମ ପ୍ରଦର୍ଶନ ଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୫(ବ୍ୟୁରୋ)**

## ସୂଚନା ଓ ଲୋକସମ୍ପର୍କ ବିଭାଗର ସମୀକ୍ଷା

ପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନାର କେନ୍ଦ୍ରବିନ୍ଦୁ। ରଥଯାତ୍ରା ହେଉଛି ଓଡ଼ିଆ ଜାତିର ସବୁଠାରୁ ଶ୍ରେଷ୍ଠ ପର୍ବ। ଦେଶବିଦେଶରୁ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଏହି ଅବସରରେ ଆସିଥାଆନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ସମସ୍ତ କାର୍ଯ୍ୟକୁ ଅଧିକ ଆନ୍ତରିକତା ଓ ବ୍ୟବସ୍ଥିତ ଢଙ୍ଗରେ ନିର୍ବାହ କରି ରଥଯାତ୍ରାକୁ ଅଧିକ ସରସସୁନ୍ଦର କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି।

ଲୋକସମ୍ପର୍କ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୩ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଅମାତ ଗତ ବର୍ଷଗୁଡ଼ିକରେ ଦେଖାଯାଇଥିବା ଅସୁବିଧାଗୁଡ଼ିକର ସମାଧାନ ଉପରେ ବିଶେଷ ଦୃଷ୍ଟି ଦେଇ ଚଳିତ ବର୍ଷର ରଥଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଛନ୍ତି ଯେ, ରଥଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ। ରଥଯାତ୍ରାରେ ନିର୍ଦ୍ଦିଷ୍ଟ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ସୂଚନା ଓ ଲୋକସମ୍ପର୍କ ବିଭାଗକୁ ସୁଯୋଗ ଦେଇଛନ୍ତି। ଏହା ବିଭାଗ ପାଇଁ ଗର୍ବ ଓ ଗୌରବର ବିଷୟ। ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱଗୁଡ଼ିକୁ ଗତବର୍ଷ ତୁଳନାରେ ଅଧିକ ସୁଚାରୁରୂପେ ସମ୍ପାଦିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ରଥଯାତ୍ରା ବିଶେଷାଙ୍କ ତଥା ଜଗନ୍ନାଥ ଜଣାଣ ଆଦି ପୁସ୍ତିକାର ପ୍ରକାଶନ ଏବଂ ଭକ୍ତମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୁରୀଠାରେ ଏହାର ବିକ୍ରୟ ଉପରେ ମତ ରଖିଛନ୍ତି। ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେବା ସହ ଆଲୋଚନା ନିମନ୍ତେ ବିଭିନ୍ନ ବିଷୟ ଉପସ୍ଥାପନ କରିଛନ୍ତି। ଚଳିତ ବର୍ଷ ରଥଯାତ୍ରାର ସିଧା ପ୍ରସାରଣ କରାଯିବ ଓ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଇ ଦିଆଯିବ। ଭକ୍ତମାନଙ୍କ ସୁବିଧା ନିମନ୍ତେ ପୁରୀର ୧୧ଟି ପ୍ରମୁଖ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ କରାଯିବ। ବିଭାଗ ପକ୍ଷରୁ ସମସ୍ତ ସୂଚନା କେନ୍ଦ୍ରରେ ପାଲା, ଦାସକାଠିଆ, ଘୋଡ଼ାନାଚ ଇତ୍ୟାଦି ଲୋକକଳା ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ସମାରୋହ ଆୟୋଜିତ ହେବ। ମହାନ ଜଗନ୍ନାଥ ସଂସ୍କୃତି ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଧାରିତ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ରଥଯାତ୍ରା ସମ୍ପର୍କିତ ଖବର ସଂଗ୍ରହ ଲାଗି ରାଜ୍ୟସ୍ତରୀୟ ଖବରଦାତାଙ୍କ ପୁରୀ ଗସ୍ତ ଉପରେ ଆଲୋଚନା ହୋଇଛି। ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ନେଇ ସାମାଜିକ ଗଣମାଧ୍ୟମ, ଖବରକାଗଜ, ରେଡ଼ିଓ ଜିଙ୍ଗଲ୍ ଓ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ପ୍ରସାରଣ କରାଯିବ।

# ଆକୃଷ୍ଟ କରାଉଛି ଆକର୍ଷଣୀୟ ଅଫର

■ଜୁନ୍ ୪ ପର୍ଯ୍ୟନ୍ତ ଜାରି ରହିବ ମେଳା

■୧୧ ଦିନରେ ଗ୍ଲୋବାଲ ବିଜ୍‌ନେସ କାର୍ନିଭାଲ




ଭୁବନେଶ୍ୱର,୨୯।୫

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ଜନତା ମଇଦାନ ଠାରେ ୮ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସାଙ୍ଗକୁ ଗ୍ଲୋବାଲ ବିଜନେସ୍ କାର୍ନିଭାଲ ଆୟୋଜିତ ହେଉଛି। ଉଲ୍ଲେଖଯୋଗ୍ୟ ୨୦୨୩ ମେ ୧୯ରୁ ୨୯ ପର୍ଯ୍ୟନ୍ତ ଉକ୍ତ ମେଳାର ଆୟୋଜନ ହୋଇଥିବା ବେଳେ ବର୍ତ୍ତମାନ ସମୟର ପାଗ ଓ ଗ୍ରାହକଙ୍କ ଚାହିଦା ଏବଂ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ଉକ୍ତ ମେଳା ଆଉ ୬ ଦିନ ବଢାଇ ଦିଆଯାଇଛି। ଫଳରେ ଉକ୍ତ ମେଳା ମେ ୨୯ ପରିବର୍ତ୍ତେ ଜୁନ୍ ୪ ତାରିଖ ଦିନ ଶେଷ ହେବ ବୋଲି ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ସୁଜିତ ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ବିଶେଷ କରି ଗୋଟିଏ ସ୍ଥାନରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାମଗ୍ରୀ ସାଙ୍ଗକୁ ସ୍ୱଦେଶୀ ସାମଗ୍ରୀ ମଧ୍ୟ ଉପଲବ୍ଧ ହେଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ରହୁଛି। ଏପରିକି ସବୁ ବର୍ଗର ଗ୍ରାହକ ମେଳାରେ କିଣାକିଣି ଓ ମନୋରଞ୍ଜନ ସହିତ ଭଳିକି ଭଳି ଖାଦ୍ୟର ମଧ୍ୟ ମଜା ଉଠାଉଛନ୍ତି।

ଅପରପକ୍ଷରେ ମେଳା ପରିସରରେ ମୋଟ ୧୩ଟି ଏସି ହ୍ୟାଙ୍ଗର ଉପଲବ୍ଧ ରହିଛି। ପ୍ରତି ହ୍ୟାଙ୍ଗରରେ ଉଭୟ ଓ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବ୍ୟବସାୟୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ବାଂଲାଦେଶୀ ଶାଢ଼ି, ଦୁବାଇ ସୁଟ, ଥାଇଲାଣ୍ଡ କୁର୍ତ୍ତି ଓ ମହିଳା ଉପାଦାନ ସହ ଆଫଗାନିସ୍ତାନର ଶୁଦ୍ଧ ଓ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍‌ସ ଓ କେରଳର ବାନାନା ଚିପ୍ସ, ଇରାନି କାର୍ପେଟ ଏବଂ ଡିଜାଇନର ଲାଇଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ସେହିଭଳି ମାଲେସିଆର ଜଳ ଫୁଆରା ସମେତ ବିଭିନ୍ନ ପ୍ରକାରର ଘର ସାଜସଜ୍ଜା ଓ ଆସବା ପତ୍ରର ବିସ୍ତୃତ ଚାହିଦା ସାଙ୍ଗକୁ ହାଇଦ୍ରାବାଦର ଫ୍ୟାନ୍ସି ଫର୍ନିଚର ଓ କୋଲକାତାର ସୋଫା-ବେଡର ଆକର୍ଷଣୀୟ ଡିଜାଇନ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି। ଏପରିକି ଆସାମରୁ ଆସିଥିବା ଡିଜାଇନର ବାମ୍ବୁ କ୍ରକରୀ ଓଜନରେ ବିକ୍ରି ହେଉଥିବାରୁ ଗ୍ରାହକମାନେ କାମ ଦାମରେ ଅଧିକ ସାମଗ୍ରୀ ପାଇପାରୁଛନ୍ତି। ସେହିପରି ରାଜସ୍ଥାନରୁ ଆସିଥିବା ଡିଜାଇନର ଓ ଫ୍ୟାନ୍ସି ଗାର୍ମେଣ୍ଟ, ଦିଲ୍ଲୀ ଓ ପଞ୍ଜାବର ସର୍ବପୁରାତନ ସାମଗ୍ରୀର ସମ୍ଭାର ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଛି, ଭାଗଲପୁର୍, ହରିୟାଣା, କେରଳର ବିଭିନ୍ନ ଆସବାବପତ୍ରଗୁଡ଼ିକ ମେଳାର ଭିଡକୁ ଦ୍ୱିଗୁଣିତ କରାଉଛି।

ସୂଚନାଯୋଗ୍ୟ, ଉକ୍ତ ମେଳା ପରିସରରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଓଡ଼ିଆ ଚଳଚ୍ଚିତ୍ରର ପ୍ରୋମୋସନ କରାଯାଉଛି। ବିଶେଷ କରି ରିଲିଜ ହେବାକୁ ଥିବା ବା ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମାର କଳାକାରମାନଙ୍କୁ ନେଇ ଉକ୍ତ ମଞ୍ଚରେ ସମ୍ପୃକ୍ତ ସିନେମାର ପ୍ରଚାର ପ୍ରସାର କରାଯାଉଛି। ମେଳାର ୧୦ମ ସନ୍ଧ୍ୟାରେ ଜିତେଶ ପରିଡ଼ାଙ୍କ ନିର୍ଦ୍ଦେଶନାରେ ନିର୍ଦ୍ଦେଶିତ ଟି-ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ବହୁବିଧ ବିଶ୍ୱବିଦ୍ୟାଳୟ ଭାବେ ସୋଆ ସମ୍ମାନିତ



ଭୁବନେଶ୍ୱର,୨୯।୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଶନିବାର ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ସୋଆକୁ 'ବହୁବିଧ ବିଶ୍ୱବିଦ୍ୟାଳୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ବିଶେଷ କରି ଏଜୁକେଶନ୍ ୱାର୍ଲ୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଉକ୍ତ ସମ୍ମାନ ଏବଂ ତଥ୍ୟ ଅନୁଯାୟୀ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଏକ ନମ୍ବର ଏବଂ ଦେଶର ୧୪ ତମ ସ୍ଥାନରେ ସ୍ଥାନିତ ହୋଇଛି। ସେହିଭଳି ସୋଆକୁ 'ଏଗ୍‌ଜେମ୍‌ପ୍ଲାରୀ ରିସର୍ଚ୍ଚର ଅଫ୍ ଦ ଇୟର୍' (ଚଳିତ ବର୍ଷର ଉଦାହରଣାତ୍ମକ ଗବେଷକ) ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଏପରିକି ଗବେଷଣା କ୍ଷେତ୍ରରେ ସୋଆ ଓଡ଼ିଶାରେ ପ୍ରଥମ ଓ ଦେଶରେ ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଜୁକେଶନ୍ ୱାର୍ଲ୍ଡର ପ୍ରକାଶକ ଓ ସମ୍ପାଦକ ଦିଲ୍ଲୀପ ଠାକୋରଙ୍କଠାରୁ ଉକ୍ତ ସମ୍ମାନ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍‌ର ଡେପୁଟି ଡାଇରେକ୍ଟର (ଇଭାଲୁଏଶନ୍) କୁଲଦୀପ ଡଗର ଏବଂ ଆଫେୟାର୍ସ ଏଗ୍‌ଜିଭିଶନ୍ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ବୋଲିଆ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫୦ କୋଟିର ଟିପିଭି ପ୍ରକ୍ରିୟାକରଣ

ଭୁବନେଶ୍ୱର,୨୯।୫

ଦେଶର ପ୍ରମୁଖ ଆର୍ଥିକ ସେବା ପ୍ରକାନକାରୀ ଡିଜିଟାଲ ପ୍ଲାଟଫର୍ମ ଫୋନ୍‌ପେ ନିକଟରେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବା ଜଣାପଡିଛି। ବିଶେଷକରି ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ସହ ଦୁଇ ଲକ୍ଷ ରୁପେ କ୍ରେଡିଟ କାର୍ଡକୁ ସଫଳତାର ସହ ସଂଯୋଗ କରିବାରେ ଫୋନ୍‌ପେ ପ୍ରଥମ ଡିଜିଟାଲ ପେମେଣ୍ଟ ଆପ୍‌ରେ ପରିଣତ ହୋଇଛି। ସେହିଭଳି ଫୋନ୍‌ପେ ୟୁପିଆଇ ଜରିଆରେ ରୁପେ କ୍ରେଡିଟ ମାଧ୍ୟମରେ ୧୫୦ କୋଟି ଟଙ୍କାର ମୋଟ୍ ପେମେଣ୍ଟ ମୂଲ୍ୟ (ଟିପିଭି) ମଧ୍ୟ ପ୍ରକ୍ରିୟାକରଣ କରିଛି। ଏପରିକି ଏନପିସିଆଇ ସହଭାଗିତାରେ ଫୋନ୍‌ପେ ୟୁପିଆଇରେ ରୁପେ କ୍ରେଡିଟ ପାଇଁ ବ୍ୟାପକ ଶ୍ରେଣୀର ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଫୋନ୍‌ପେର ଉପାଧ୍ୟକ୍ଷ (ଉପଭୋକ୍ତା ପ୍ଲାଟଫର୍ମ ଏବଂ ପେମେଣ୍ଟସ) ସୋନିକା ଚନ୍ଦ୍ରା କହିଛନ୍ତି, ଆମେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସହିତ ସହଭାଗିତା କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇପାରିଛୁ। ଏପରିକି ୟୁପିଆଇ ଜରିଆରେ ୨ଲକ୍ଷ ରୁପେ କ୍ରେଡିଟ କାର୍ଡ ସଂଯୋଗ କରିବାରେ ପ୍ରଥମ ପେମେଣ୍ଟ ଆପ୍ ହୋଇଥିବାରୁ ବେଶ ଉତ୍ସାହୀ ମଧ୍ୟ ଅଛୁ। ସେହିଭଳି ଆମର ବିଶ୍ୱାସ ରହିଛି ଯେ ୟୁପିଆଇ ଜରିଆରେ ରୁପେ କାର୍ଡ ଏହି ଇକୋସିଷ୍ଟମରେ କ୍ରେଡିଟର ଉପଲବ୍ଧତା ଏବଂ ବ୍ୟବହାରରେ ପରିବର୍ତ୍ତନ ଆଣିବ। ଏପରିକି ଆମେ ବ୍ୟାପକ ସମାଧାନ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ମଧ୍ୟ ରହିଛୁ, ଯାହା ଆମର ଗ୍ରାହକ ଏବଂ ବ୍ୟବସାୟୀମାନଙ୍କର ପରିବର୍ତ୍ତିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବ।

## ଆଜିଓର 'ବିଗ୍ ବୋଲ୍ଡ ସେଲ୍'

ଭୁବନେଶ୍ୱର,୨୯।୫

ଦେଶର ପ୍ରମୁଖ ଇ-କମର୍ସ ତଥା ପ୍ରିମିୟର ଫେଶନ ଇ-ଟେଲର ଆଜିଓ ପକ୍ଷରୁ ବ୍ରାଣ୍ଡର ଫ୍ଲାଗଶିପ୍ ଇଭେଣ୍ଟ 'ବିଗ୍ ବୋଲ୍ଡ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେଲ ୨୦୨୩ ଜୁନ୍ ୧ରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ଆରମ୍ଭ ହେଉଛି। ବିଶେଷ କରି ଏହାର ଗ୍ରାହକମାନେ ପ୍ରତିଦିନ ୬ ଘଣ୍ଟା ପୂର୍ବରୁ ପ୍ରାରମ୍ଭିକ ଆକ୍ସେସର ସୁବିଧା ପାଇପାରିବେ, ଯାହାକି ୨୦୨୩ ମେ ୨୮ ଠାରୁ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ବିଗ୍ ବୋଲ୍ଡ ସେଲ୍ (ବିବିଏସ)ର ସର୍ବବୃହତ ସଂସ୍କରଣରେ ଗ୍ରାହକମାନେ ୫୦୦୦ରୁ ଅଧିକ ବ୍ରାଣ୍ଡର ସାମଗ୍ରୀ ସୁଲଭ ମୂଲ୍ୟରେ କିଣାକିଣି କରିପାରିବେ। ସେହିଭଳି ଉକ୍ତ ସେଲ ଜରିଆରେ ୧.୩ ମିଲିୟନ୍‌ର ଆକର୍ଷଣୀୟ ଫେଶନ ଷ୍ଟାଇଲ ଉପଲବ୍ଧ।




ଅପରପକ୍ଷରେ ସାରା ଭାରତରେ ଥିବା ବିବିଏସର ୧୯,୦୦୦+ ପିନ୍ କୋଡ୍‌ର ଗ୍ରାହକମାନଙ୍କୁ ଉକ୍ତ ସୁବିଧା ବ୍ରାଣ୍ଡ ଯୋଗାଇ ଦେବ। ଫଳରେ ଗ୍ରାହକମାନେ ମଧ୍ୟ ଏଥିରେ ଅଧିକ ସଞ୍ଚୟ କରିପାରିବେ ଓ ଟପ୍ ବ୍ରାଣ୍ଡ ଓ ବର୍ଗ ଉପରେ ୫୦ରୁ ୯୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଯେଉଁଥିରେ ମଧ୍ୟ ଏସବିଆଇ କ୍ରେଡିଟ୍ ଓ ଡେବିଟ୍‌କାର୍ଡ଼ରେ ୧୦%ର ଅତିରିକ୍ତ ଡିସ୍‌କାଉଣ୍ଟ ସୁବିଧା ରହିଛି।

ଏ ସମ୍ପର୍କରେ ଆଜିଓର ସିଇଓ ବିନୀତ ନାୟାର କହିଛନ୍ତି, ଗତ ସଂସ୍କରଣଗୁଡ଼ିକରେ ଆଜିଓ ବିଗ୍ ବୋଲ୍ଡ ସେଲ୍ ଭାରତର ପ୍ରିୟ ଫେଶନ କାର୍ଯ୍ୟକ୍ରମ ଓ ଆମର ଗ୍ରାହକମାନେ ଏହାକୁ ବହୁତ ପସନ୍ଦ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।

## ଅଣ କାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନାରେ ବିଓଏମ୍ ସର୍ବୋତ୍ତମ

ଭୁବନେଶ୍ୱର,୨୯।୫

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) କ୍ରମାଗତ ଭାବେ ଅଣକାର୍ଯ୍ୟକାରୀ ସମ୍ପତ୍ତି ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ସ୍ଥାନ ହାସଲ କରିଛି, ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ଏନ୍‌ପିଏ ୦.୨୫% ହ୍ରାସ ପାଇବା ସହ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ୍ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ସେହିଭଳି ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ସଂଖ୍ୟା ଅନୁଯାୟୀ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନୁହେଁ, ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିବା ସମସ୍ତ ବ୍ୟାଙ୍କ ମଧ୍ୟରେ ବିଓଏମ ସର୍ବନିମ୍ନ ଅନୁପାତ ଅଟେ। ବିଶେଷ କରି ବିଓଏମ୍‌ର ପ୍ରୋଭିଜନ କଭରେଜ ଅନୁପାତ ୯୮.୨୮% ରହିଛି। ଫଳରେ ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୮.୧୪% ରହିଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ସର୍ବାଧିକ ସ୍ତରରେ ରହିଛି। ଅପରପକ୍ଷରେ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଋଣ ଅଭିବୃଦ୍ଧି ଦୃଷ୍ଟିରୁ ବାର୍ଷିକ ୨୯.୪୯% ବୃଦ୍ଧି ରେକର୍ଡ କରି ବ୍ୟବସାୟିକ ବ୍ୟାଙ୍କଗୁଡିକ ମଧ୍ୟରେ ବିଓଏମ ଶୀର୍ଷ ସ୍ଥାନ ବଜାୟ ରଖିଛି। ଏପରିକି ସ୍ୱଳ୍ପ ମୂଲ୍ୟର ସଞ୍ଚୟ ଆକାଉଣ୍ଟ ଏବଂ ଚଳନ୍ତି ଆକାଉଣ୍ଟ (କାସା) କ୍ଷେତ୍ରରେ ମଧ୍ୟ ବିଓଏମ ୫୩.୩୮% ଅଭିବୃଦ୍ଧି ସହିତ ଶୀର୍ଷରେ ରହିଛି।

ଫୁରସତ୍

# ମାଉଣ୍ଟ ଏଭରେଷ୍ଟ ଏବେ ଅଳିଆରେ ଭର୍ତ୍ତି

ନୂଆଦିଲ୍ଲୀ



ବରଫ ଚଦରରେ ଆଚ୍ଛାଦିତ ବିଶ୍ୱର ସବୁଠୁ ଉଚ୍ଚ ପର୍ବତ, ତାହା ବର୍ତ୍ତମାନ ଅଳିଆରେ ଭର୍ତ୍ତି ହେଉଛି। ଯେଉଁଠାରେ ଦେଖିବ କେବଳ ଅଳିଆ ହିଁ ଅଳିଆ ଦେଖିବାକୁ ମିଳିବ। ନଷ୍ଟ କ୍ୟାମ୍ପ, ଖାଲି ଅମ୍ଳଜାନ ସିଲିଣ୍ଡର, ଫୁଡ଼ କଣ୍ଟେନର ଆଦି ପର୍ବତରେ ପଡ଼ିଥିବା ଦେଖିବାକୁ ମିଳୁଛି। ୭୦ ବର୍ଷ ପୂର୍ବରୁ ମେ ୨୯ରେ ତେନଜିଂ ନୋର୍ଗେ ଏବଂ ଏଡ୍‌ମଣ୍ଡ ହିଲାରି ପ୍ରଥମ ଭାବେ ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟ ଶିଖରରେ ପହଞ୍ଚି ଇତିହାସ ରଚିଥିଲେ। ଏହା ପରଠାରୁ ପ୍ରତିବର୍ଷ ଅନେକ ଲୋକ ଏଭରେଷ୍ଟ ଚଢୁଛନ୍ତି। ହେଲେ ସେମାନେ ପରିବେଶ ପ୍ରତି ବିଲ୍‌କୁଲ ସତର୍କ ନୁହନ୍ତି। ନ୍ୟାଶନାଲ ଜିଓଗ୍ରାଫିକ୍ ରିପୋର୍ଟ ଅନୁସାରେ, ସମୁଦ୍ର ପତ୍ତନଠାରୁ ୮୮୪୮.୮୬ ମିଟର ଉଚ୍ଚତାରେ ଥିବା ଏଭରେଷ୍ଟକୁ ଯାଉଥିବା ପ୍ରତ୍ୟେକ ପର୍ବତାରୋହୀ ସେଠାରେ ୮ କିଲୋ ଅଳିଆ ଉତ୍ପନ୍ନ କରୁଛନ୍ତି। ଅଳିଆକୁ ସେଠାରୁ ହଟାଇବା ମଧ୍ୟ କଷ୍ଟକର। ଏଭରେଷ୍ଟ ବାବଦରେ ବିଶ୍ୱକୁ ଖବର ଦେଉଥିବା ଟ୍ୱିଟର ଆକାଉଣ୍ଟ ରବିବାର ଏକ ଭିଡିଓ ପୋଷ୍ଟ କରିଛି; ଯାହାକି ବେଶ୍ ଭାଇରାଲ ହେଉଛି। ଯେଉଁଠାରେ ପର୍ବତାରୋହୀ ବ୍ୟବହୃତ କରିଥିବା ଜିନିଷ ଅଳିଆ ଭାବେ ପଡ଼ିଥିବା ଦେଖିବାକୁ ମିଳିଛି। କ୍ୟାପ୍ସନରେ ଲେଖାଯାଇଛି, ମଣିଷ ଯେତେ ଉଚ୍ଚକୁ ଅଧିକାର କରିଥିଲେ ମଧ୍ୟ ପ୍ରକୃତି ପ୍ରତି ନିଜ ଆଚରଣ ଓ କରୁଣା ଦୃଷ୍ଟିରୁ ବହୁତ ତଳେ ରହିଛି। ପାହାଡ଼ ହେଉ କି ଜଙ୍ଗଲ, ନଦୀ ଆମେ ପ୍ରକୃତିକୁ ନଷ୍ଟ କରିବାକୁ କିଛି ମୌକା ଛାଡୁନାହୁଁ। ଏହି ଭିଡିଓରେ ଲୋକେ ବିଭିନ୍ନ କମେଣ୍ଟ କରିଛନ୍ତି। ଜଣେ ଲେଖିଛନ୍ତି, ସ୍ୱଚ୍ଛତା ଅଭିଯାନକୁ ପର୍ବତାରୋହୀ ତାଙ୍କର ଏହି ଅଭିଯାନର ଅଂଶ ଭାବେ ଗ୍ରହଣ କରନ୍ତୁ, ନଚେତ୍ ସମସ୍ତଙ୍କୁ ଏହା ଉପରକୁ ଯିବାରୁ ବାରଣ କରାଯାଉ।

## ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ କରିବେ ଅନୁଷ୍କା



ମୁମ୍ବାଇ: ଦୀର୍ଘ ସମୟ ହେବ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ବଡ଼ ପରଦାରୁ ଦୂରେଇ ରହିଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'କଲା'ରେ ଦେଖିବାକୁ ମିଳିଥିଲା। ୪ ବର୍ଷ ପରେ ଏବେ ସେ ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ବାୟୋପିକ୍ ମୁଭି 'ଚକଦା ଏକ୍ସପ୍ରେସ୍' ଜରିଆରେ ପୁଣି ବଡ଼ ପରଦାକୁ ଫେରୁଛନ୍ତି। ଯାହା ଚଳିତବର୍ଷ ଡିସେମ୍ବର ୧୬ ତାରିଖରେ ରିଲିଜ୍ ହେବ। ଏହା ମଧ୍ୟରେ ଅଭିନେତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି; ଯେଉଁଥିପାଇଁ ତାଙ୍କ ପ୍ରଶଂସକ ନିରାଶ ହୋଇଛନ୍ତି। ସେ କହିଛନ୍ତି, ସେ ବର୍ତ୍ତମାନ ବର୍ଷକରେ ଗୋଟିଏ ଫିଲ୍ମ କରିବେ। କାରଣ ସେ ତାଙ୍କ ଅଭିନୟ କ୍ୟାରିୟର ସହ ଝିଅ ଭାମିକାର ଧ୍ୟାନ ରଖିବାକୁ ଚାହୁଁଛନ୍ତି। ସେ ଅଭିନୟକୁ ଉପଭୋଗ କରନ୍ତି କିନ୍ତୁ ଅଧିକ ଫିଲ୍ମ କରିବାକୁ ଚାହାନ୍ତିନି। ବର୍ଷକୁ ମାତ୍ର ଗୋଟିଏ ଫିଲ୍ମ ସହ ଜୀବନକୁ ବାଲାନ୍ସ କରି ପରିବାରକୁ ସମୟ ଦେବାକୁ ଚାହୁଁଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ସେ ଖୁସି ଥିବା କହିଛନ୍ତି। ସେ ଏପରି କି କାମ କରିବାକୁ ଚାହାନ୍ତି, ଯାହା ତାଙ୍କୁ ଖୁସି ଦେବ।

## ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା କବିତାଙ୍କ ଉପରେ ବାୟୋପିକ୍

ଚଣ୍ଡିଗଡ଼


କବିତା ଦେବୀ

ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା ଭାବେ କବିତା ଦେବୀ ନିଜ ରେସଲିଂ ବଳରେ ଦେଶ ପାଇଁ ଗୌରବ ଆଣିଛନ୍ତି। ହରିୟାଣାର ଜିନ୍ଦ ଜିଲାର ଛୋଟ ଗାଁ ମାଲଭିରେ ଜନ୍ମ ନେଇଥିବା କବିତା ଡବ୍ଲ୍ୟୁଡବ୍ଲ୍ୟୁଇରେ ପ୍ରଥମ ଭାରତୀୟ ମହିଳା କୁସ୍ତିଯୋଦ୍ଧା ଭାବେ ଅଂଶଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ତାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ପ୍ରଯୋଜକ ପ୍ରୀତି ଅଗ୍ରୱାଲ ଏହି ଚଳଚ୍ଚିତ୍ର ପାଇଁ କବିତାଙ୍କ ଜୀବନ ସହ ଜଡିତ ରାଇଟ୍‌ସକୁ ଆଣିଛନ୍ତି। କବିତାଙ୍କ ସଂଗ୍ରାମରୁ ସଫଳତାର ଯାତ୍ରାକୁ ପ୍ରୀତି ମୁଭିରେ ଦେଖାଇବାକୁ ଚେଷ୍ଟା କରିବେ। ଭାରତୀୟ କୁସ୍ତିଯୋଦ୍ଧା ଦି ଗ୍ରେଟ୍ ଖଲି ଓ ସହ କବିତାଙ୍କ ମଧ୍ୟରେ ଏକ ବିଶେଷ ସମ୍ପର୍କ ରହିଛି। ଖଲିଙ୍କଠାରୁ କବିତା ଏକ ସମୟରେ ତାଲିମ ନେଇଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳିବା ପୂର୍ବରୁ କବିତା ଏବଂ ହାର୍ଡ କେଡି ସ୍ୱାଧୀନ ଭାବେ କୁସ୍ତି ଲଢୁଥିଲେ। ଚଳଚ୍ଚିତ୍ରରେ ଜିଶାନ ଅହମ୍ମଦ ସହ ପ୍ରଯୋଜନା କରୁଛନ୍ତି। ଏହି ଫିଲ୍ମ ବାବଦରେ ପ୍ରୀତି କହିଛନ୍ତି, କବିତା ଦେବୀଙ୍କ ପୂରା ଜୀବନ ଅତ୍ୟନ୍ତ ପ୍ରେରଣାଦାୟୀ। ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଲଢିବା କ୍ଷମତା ରଖିଥିଲେ। ସେ କେବେ ହାର୍ ମାନି ନ ଥିଲେ। ଡବ୍ଲ୍ୟୁଡବ୍ଲ୍ୟୁଇ ପୂର୍ବରୁ କେବଳ ପୁରୁଷ ଖେଳୁଥିବାବେଳେ ପରେ ମହିଳାଙ୍କ ଯୋଗଦାନ ହୋଇଥିଲା। ହେଲେ ଭାରତରୁ କେହି କୁସ୍ତିଯୋଦ୍ଧା ଏଥିରେ ନ ଥିଲେ। ସେତେବେଳେ ପ୍ରଥମ ମହିଳା ଭାବେ କବିତା ଡବ୍ଲ୍ୟୁଡବ୍ଲ୍ୟୁଇକୁ ଭାରତ ପକ୍ଷରୁ ଯିବାକୁ ନିଷ୍ପତ୍ତି ନେଇଥିଲେ। ସେ ଡବ୍ଲ୍ୟୁଡବ୍ଲ୍ୟୁଇ ଖେଳି ଭାରତ ପାଇଁ ଅନେକ ସଫଳତା ଆଣିଛନ୍ତି। ବିବାହ ପରେ କବିତା ପରିବାର ପାଇଁ ଏହି ଖେଳଠାରୁ ଦୂରେଇ ରହିବାକୁ ସ୍ଥିର କରିଥିଲେ। ହେଲେ ଏଥିରେ ତାଙ୍କ ସ୍ୱାମୀଙ୍କ ସମର୍ଥନ ଯୋଗୁ ସେ ତାଙ୍କ ଖେଳ ଜାରି ରଖିଥିଲେ।

## ପକ୍ଷୀ ଉଡ଼ାଇପାରିଲେ ଦିନକୁ ୨୦ ହଜାର



ଲଣ୍ଡନ: କରୋନା ପରେ ପରେ ବହୁ ଲୋକ ତାଙ୍କ ଚାକିରି ହରାଇଥିଲେ। ସେ ସମୟରେ ଅନେକ କମ୍ପାନୀ ମଧ୍ୟ ବନ୍ଦ ହୋଇଯାଇଥିଲା। ଏଥିସହ ଅନେକ କମ୍ପାନୀ ଭିନ୍ନ ପ୍ରକାରର ସ୍କିମ ଆଣିଥିଲା। ନିକଟରେ ଏକ କମ୍ପାନୀ ଭିନ୍ନ ଏକ ଚାକିରିର ଅଫର ଦେଉଛି; ଯେଉଁଥିରେ ଲୋକେ ଦିନକରେ ପାଖାପାଖି ୨୦ ହଜାର ଟଙ୍କା ରୋଜଗାର କରିପାରିବେ। ହେଲେ କମ୍ପାନୀର ଚାକିରି ବାବଦରେ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ଲଣ୍ଡନର ୟର୍କସାଇନ୍‌ରେ ଅବସ୍ଥିତ ଚିପ୍ ସପ୍ କମ୍ପାନୀର ମାଲିକ ୩୧ ବର୍ଷୀୟ ଆଲେକ୍ସ ବେର୍ଡ ଏପରି ଏକ କର୍ମଚାରୀ ଖୋଜୁଛନ୍ତି, ଯିଏ ସେ ଅଞ୍ଚଳର ପକ୍ଷୀଙ୍କୁ ଉଡ଼ାଇପାରିବେ। ସେଥିରେ ସକ୍ଷମ ହେଲେ ରାତି ବେଳକୁ ୨୦ ହଜାର ଟଙ୍କା ନେଇ ଘରକୁ ଯାଇପାରିବେ। ପ୍ରକୃତରେ ଯେଉଁଠାରେ ଏହି କମ୍ପାନୀ ରହିଛି, ସେଠାରେ ବହୁତ ମାଛ ରଖାଯାଏ। ଏହି କମ୍ପାନୀ ଫିସ୍ ଚିପ୍ସ ତିଆରି କରେ। ଷ୍ଟୋରରେ ମାଛ ଭର୍ତ୍ତି ହେବା ପରେ ସେଠାରେ ସିଗୁଲ ପକ୍ଷୀ ଆସି ମାଛକୁ ଚୋରି କରି ନିଅନ୍ତି। ସେଥିପାଇଁ ଆଲେକ୍ସ ଏପରି ଏକ ଚାକିରି ବାବଦରେ ଚିନ୍ତା କଲେ। ଯିଏ ସିଗୁଲ ପକ୍ଷୀଙ୍କୁ ଉଡ଼ାଇବ, ତାଙ୍କୁ ଦିନକୁ ୨୦ ହଜାର ଟଙ୍କା ମିଳିବ ବୋଲି ଘୋଷଣା କଲେ। ଏହା ଶୁଣି ବହୁତ ଲୋକ ଚାକିରି ପାଇଁ ଆଗେଇ ଆସିଲେ। ହେଲେ କେହି ପକ୍ଷୀଙ୍କୁ ଉଡ଼ାଇପାରିଲେନି। ପରେ କୋରେ ନାମକ ଜଣେ ବ୍ୟକ୍ତି ଏକ ବଡ଼ ଶାଗୁଣା ବେଶରେ ଆସିବାରୁ ତାଙ୍କୁ ଦେଖି ପକ୍ଷୀ ସବୁ ସେଠାରୁ ଉଡ଼ି ପଳାଇଲେ। ଆଲେକ୍ସଙ୍କୁ କୋରେଙ୍କ ଏହି ଉପାୟ ପସନ୍ଦ ଆସିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଇପିଏଲ୍ ଫାଇନାଲ ଝଲକ


ଚେନ୍ନାଇ ସୁପର କିଙ୍ଗ୍ସର ଦୁଇ ମହିଳା ସମର୍ଥକ।



ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ମ୍ୟାଚ ଆରମ୍ଭ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅଫିସିଆଲ।




ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଡିଜେ ନ୍ୟୁକ୍ଲେୟା ଓ ରାପର କିଙ୍ଗ୍।

## କିଙ୍ଗ, ନ୍ୟୁକ୍ଲେୟା, ଜୋନିତା, ଡିଭାଇନଙ୍କ ସହ ଝୁମିଲେ ଦର୍ଶକ

**ଅହମଦାବାଦ,୨୯।୫:** ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୬ତମ ସଂସ୍କରଣର ଫାଇନାଲ ଇଭେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ଷା ପାଇଁ ରିଜର୍ଭ ଡେ'ରେ ଖେଳାଯାଇଥିବା ଫାଇନାଲ୍ ଲାଗି ଦୁଇଟି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିଥିଲା। ସନ୍ଧ୍ୟାରେ ଭାରତୀୟ ରାପର୍ କିଙ୍ଗ ଓ ଡିଜେ ନ୍ୟୁକ୍ଲେୟା ପ୍ରଦର୍ଶନ କରିଥିଲେ। ସେହିପରି ପ୍ରଥମ ଇନିଂସ ଶେଷ ହେବା ପରେ ଆଉ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲିଉଡ୍ ରାପର୍ ଡିଭାଇନ୍ ଓ ପ୍ଲେ ବ୍ୟାକ୍ ସିଙ୍ଗର ଜୋନିତା ଗାନ୍ଧୀ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ଆଇପିଏଲ୍ ସ୍କୋର ବୋର୍ଡ

**ଗୁଜରାଟ ଟାଇଟନ୍ସ ଇନିଂସ**
ରିଦ୍ଧିମାନ ଶାହା-କ-ଧୋନୀ-ବୋ-ଚହର-୫୪
ଶୁବମନ ଗିଲ୍-ଷ୍ଟମ୍ପ୍-ଧୋନୀ-ବୋ-ଜାଡେଜା-୩୯
ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ-ମାଥିଶା ପରିଥାନା-୯୬
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୨୧
ରସିଦ ଖାନ୍ -କ- ଋତୁରାଜ -ବୋ- ବୋ ମାଥିଶା ପରିଥାନା-୦
ଅତିରିକ୍ତ:୪, ମୋଟ: (୨୦ଓଭର, ୪ଉଇକେଟ)୨୧୪।
ଉଇକେଟ ପତନ:୧/ ୬୭, ୨/ ୧୩୧, ୩/ ୨୧୨, ୪/ ୨୧୪।
**ବୋଲିଂ (ଚେନ୍ନାଇ ସୁପର କିଙ୍ଗ୍ସ)**
ଦୀପକ ଚହର ୪-୦-୩୮-୧
ତୁଷାର ଦେଶପାଣ୍ଡେ ୪-୦-୫୬-୦
ମହେଶ ଥିକ୍‌ସାନା ୪-୦-୩୬-୦
ରବୀନ୍ଦ୍ର ଜାଡେଜା ୪-୦-୩୮-୧
ମାଥିଶା ପଥିରାନା ୪-୦-୪୪-୨
ଚେନ୍ନାଇ ସୁପର କିଙ୍ଗ୍ସ ଇନିଂସ
ଋତୁରାଜ ଗାଏକ୍ୱାଡ-କ-ରଶିଦ ଖାନ୍-ବୋ-ନୁର ଅହମଦ-୨୬
ଡେଭନ କନଓ୍ୱେ-କ-ମୋହିତ ଶର୍ମା-ବୋ-ନୁର ଅହମଦ-୪୭
ଶିବମ ଦୁବେ-ନଟଆଉଟ-୩୨
ଅଜିଙ୍କ୍ୟ ରାହାନେ-କ-ବିଜୟ ଶଙ୍କର-ବୋ-ମୋହିତ ଶର୍ମା-୨୭
ଅମ୍ବାତି ରାୟୁଡୁ-କ ଓ ବୋ-ମୋହିତ ଶର୍ମା-୧୯
ମହେନ୍ଦ୍ର ସିଂ ଧୋନୀ-କ-ମିଲର-ବୋ-ମୋହିତ ଶର୍ମା-୦
ରବୀନ୍ଦ୍ର ଜାଡେଜା-ନଟ ଆଉଟ-୧୫।
ଅତିରିକ୍ତ:-୫
ମୋର୍ଟ: (୧୫ ଓଭର ୫ଉଇକେଟ)୧୭୧।
ଉଇକେଟ ପତନ: ୧/୭୪, ୨/୭୮,୩/୧୧୭,୪/୧୪୯, ୫/୧୪୯।
**ବୋଲିଂ (ଗୁଜରାଟ ଟାଇଟନ୍ସ)**
ମହମ୍ମଦ ଶାମି ୩-୦-୨୯-୦
ହାର୍ଦ୍ଦିକ ପାଣ୍ଡ୍ୟା ୧-୦-୧୪-୦
ରଶିଦ ଖାନ୍ ୩-୦-୪୪-୦
ନୁର ଅହମଦ ୩-୦-୧୭-୨
ଜୋସୁଆ ଲିଟଲ ୨-୦-୩୦-୦
ମୋହିତ ଶର୍ମା ୩-୦-୩୬-୩।

## ଅଷ୍ଟ୍ରେଲିଆ ଦଳରେ ହାଜେଲଉଡ୍

**ଲଣ୍ଡନ, ୨୯।୫ (ପି.ଟି.):** ଜୁନ୍ ୭ରୁ ଦି ଓଭାଲଠାରେ ଖେଳାଯିବାକୁଥିବା ଭାରତ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ୧୫ ଜଣିଆ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ପେସ୍ ବୋଲର ଜୋସ୍ ହାଜେଲଉଡ୍‌ଙ୍କୁ ସାମିଲ କରାଯାଇଛି। **ଅଷ୍ଟ୍ରେଲିଆର ଡବ୍ଲ୍ୟୁଟିସି ଫାଇନାଲ ଦଳ:** ପ୍ୟାଟ୍ କୁମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କାରେ, କାମେରନ ଗ୍ରୀନ୍, ମାର୍କସ ହାରିସ, ଜୋସ୍ ହାଜ୍‌ଲେଉଡ୍, ଟ୍ରାଭିସ୍ ହେଡ୍, ଚୋସ୍ ଇଙ୍ଗ୍ଲିସ, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ନାଥାନ ଲିଅନ, ଟଡ୍ ମର୍ଫି, ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନର।

**Classified Everyday**
0674-2580101, 2549949


AUTOMOBILE
**SALE**

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869


REAL ESTATE
**SALE**

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

Land for sale at Sundarpada 12050sqft. private land. Contact: 9437075283. D-0463

**4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact- 9438362399.** D-0410

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର- 1200sqft. 3,00,000/-, ନଖରା-300/- 6371569855. D-74863

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: **9438620034.** D-0346

**PURCHASE**
ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752. D-74309




My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74690




Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Newly open SPA positively health benefits with expert therapist. 8114322659. D-75111

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Full body massage in homely atmosphere in all therapy. Mob: 8114881641. D-73433

**LOST**
By virtue of an affidavit before the Notary, Jharsuguda, I, Prashanta Kumar Patel, S/o- Late Pabitra Mohan Patel, R/o-Tangarpali, PO-Talpatia, PS/ Dist.- Jharsuguda, hereby affirm that the Sale Deed No. 11651300231 in respect of lands measuring Ac 0.25 Dec. purchased in favour of myself has been lost somewhere and not traceable. This affidavit is sworn to be submitted before the concerned authority. D-0460

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**
I, Aurobinda Parida, S/o- Madhusudan Parida, At- Friends Club Lane, P.O-Puri-2, P.S.- Kumbharapada, Dist.- Puri, Pin- 752002 declare by this affidavit No- 19, dated 29 May 2023 that I shall be known as Adidev Shashwat Parida for all further purposes. D-0464

Before the Executive Magistrate, Khordha Affidavit No.1784 dated on 29.05.23 I Pratyusha Kar, D/o Arun Kumar Rajguru, Plot No. 411/1447, PO Pallahat, P.S/ District: Khordha, Odisha-752056 Aadhaar No.XXXX XXXX 7187 do hereby declare that both names Pratyusha Rajguru and Pratyusha Kar is one and same person i.e. myself and now I am identified as Pratyusha Rajguru for all purposes. D-73543

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ଼ଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଦା ଚା' ପିଉଥିଲେ....



**ଅନେକଙ୍କର ଚା' ପିଇବା ଏକ ଅଭ୍ୟାସ। ବିଶେଷକରି ଥକ୍କା ଲାଗୁଥିଲେ, ମୁଣ୍ଡବିନ୍ଧା ହେଉଥିଲେ କିମ୍ବା ଥଣ୍ଡା ହୋଇଥିଲେ କେତେଜଣ ଅଦା ଚା ପିଇବାକୁ ବେଶି ଭଲ ପାଆନ୍ତି। ହେଲେ ବାରମ୍ବାର ଏହାକୁ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ...**

❖ଅଦା ଶରୀରରେ ଶର୍କରାର ମାତ୍ରାକୁ କମାଇ ଦେଇଥାଏ। ତେଣୁ ଏହାକୁ ଅନେକେ ପସନ୍ଦ କରନ୍ତି। ହେଲେ ଏହାକୁ ବାରମ୍ବାର ପିଇବା ଦ୍ୱାରା ଲୋ ସୁଗାରରେ ପୀଡ଼ିତ ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପାରନ୍ତି।

❖ଆବଶ୍ୟକରୁ ଅଧିକ ଅଦା ଚା ପିଇବା ଦ୍ୱାରା ବି ପେଟ ସମସ୍ୟା ଦେଖାଦେଇପାରେ। ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ। ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟିକରେ। ତେଣୁ ଅଧିକ ଅଦା ଚା ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।

❖ହାଇ ବ୍ଲଡ୍‌ପ୍ରେସର ରୋଗୀମାନଙ୍କ ପାଇଁ ଅଦା ଚା ପିଇବା ଭଲ। ଏହା ବ୍ଲଡ୍ ପ୍ରେସରକୁ କମ୍ କରିଥାଏ। ହେଲେ ଆବଶ୍ୟକରୁ ଅଧିକ କ୍ଷତିକାରକ ହୋଇପାରେ। କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ।



❖ଗର୍ଭବତୀ ମହିଳା ଅଧକପ୍‌ରୁ ଅଧିକ ଚା ପିଇବା ଅନୁଚିତ। ଏହାଯୋଗୁ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ।

❖ଅଧିକାଂଶ ମହିଳା କାମ ଯୋଗୁ ଅନିଦ୍ରା ରହିବା ପାଇଁ ଚା ପିଇଥାନ୍ତି। କିନ୍ତୁ ଅଧିକ ଚା, ତା' ପୁଣି ଅଦା ଚା ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇପାରନ୍ତି। ଏହାଛଡ଼ା ଶୋଇବାକୁ ଯିବା ସମୟରେ ମଧ୍ୟ ଏହାକୁ ପିଇବା ଠିକ୍ ନୁହେଁ।



# ମୋବାଇଲ ନିଶା







**ପିଲାଠୁ ବୁଢ଼ା ସଭିଙ୍କ ପାଇଁ ବର୍ତ୍ତମାନ ମୋବାଇଲ ଫୋନ୍ ଯେମିତି ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ସକାଳୁ ଉଠିବାଠାରୁ ଆରମ୍ଭକରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଏହା ରହୁଛି ପାଖରେ। ତେବେ ଏହାର ଅତ୍ୟଧିକ ବ୍ୟବହାର ସଭିଙ୍କଠାରେ ବିଶେଷକରି ପିଲାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସାଜୁଛି କାରଣ...**

ଦିନ ଥିଲା ଗାଈ, କୁକୁର, ଚଢ଼େଇ ଦେଖେଇ ଅବା ଗୀତ ଗାଇ ମା'ଟିଏ ନିଜ ପିଲାକୁ ଖୁଆଉଥିଲା। ବର୍ତ୍ତମାନ ଏହାର ସ୍ଥାନ ନେଇଛି ମୋବାଇଲ ଫୋନ୍। ଏମିତିକି ସ୍କୁଲ ଛୁଟି ପରେ ପାଖ ପଡ଼ିଆ କିମ୍ବା ପାର୍କରେ ଖେଳିବା ବଦଳରେ ପିଲାଏ ଏବେ ଅଧିକ ସମୟ ବିତାଉଛନ୍ତି ମୋବାଇଲ ଦେଖିବାରେ। ତେବେ ଏହି ମୋବାଇଲ ମାୟାଜାଲ ସେମାନଙ୍କୁ ଏମିତି ଛନ୍ଦି ରଖିଛି ଯେ, ଏହାଦ୍ୱାରା କେହି କେହି ବିପଥଗାମୀ ହେଉଥିବା ବେଳେ ଆଉ କେହି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଛନ୍ତି। ମହିଳାମାନେ କାମରୁ ସାମାନ୍ୟ ଫୁର୍‌ସତ ପାଇବା ମାତ୍ରେ ନିଜେ ମଧ୍ୟ ମୋବାଇଲ ଧରି ବସୁଥିବା ବେଳେ ପିଲା ଡିଷ୍ଟର୍ବ ନ କରିବା କିମ୍ବା ନିଜ କାମରେ ସୁବିଧା ହେବା ଲାଗି ସେମାନଙ୍କ ହାତରେ ମୋବାଇଲ ଦେଇଦେବାକୁ ସବୁଠୁ ସହଜ ଉପାୟ ବୋଲି ଭାବୁଛନ୍ତି। ହେଲେ ଏହାଦ୍ୱାରା ଯେ ପିଲାର ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନକାରତ୍ମକ ପ୍ରଭାବ ପଡୁଛି ସେ ଦିଗରେ ଅନେକେ ସଚେତନ ହେଉନାହାନ୍ତି।

ଏକ ଗବେଷଣା ରିପୋର୍ଟ ମୁତାବକ ବର୍ତ୍ତମାନ ପିତାମାତାଙ୍କର ବାରଣ ସତ୍ତ୍ୱେ ପିଲାମାନେ ଦିନରେ ୫-୬ ଘଣ୍ଟା ସମୟ ମୋବାଇଲ ଦେଖିବାରେ ବିତାଉଛନ୍ତି। ଏହାଦ୍ୱାରା ବିଭିନ୍ନ ଉପାୟରେ ଶରୀର ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଯଥା...

**କ୍ଷତିକାରକ ବିପଜ୍ଜନକ ରଶ୍ମି ବିକିରଣ:** ସାଧାରଣତଃ ବିକିରଣ ବା ରେଡିଏଶନ୍ ୨ ପ୍ରକାରର ଯଥା- ଆୟୋନାଇଜିଂ ଓ ନନ୍ ଆୟୋନାଇଜିଂ। ଶିଶୁଙ୍କ ମୁଣ୍ଡ ହାଡ଼ ଖୁବ୍ ପତଳା ଓ ନରମ ହୋଇଥିବାରୁ ବିକିରଣକୁ ସହଜରେ ଗ୍ରହଣକରି ନେଇଥାଏ। ଏମିତିକି ଏହା ଗର୍ଭସ୍ଥ ଶିଶୁ ପାଇଁ ମଧ୍ୟ ଅତ୍ୟନ୍ତ ବିପଜ୍ଜନକ। ଗର୍ଭସ୍ଥ ଶିଶୁମାନଙ୍କୁ ବିକଳାଙ୍ଗ ମଧ୍ୟ କରିପାରେ। ତେଣୁ ଗର୍ଭବତୀ ମହିଳା ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଉଚିତ ନୁହେଁ।

**ପ୍ରଭାବିତ ହୁଏ ମାନସିକ ବିକାଶ:** ୭ ବର୍ଷରୁ କମ୍ ଶିଶୁ ମୋବାଇଲ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଅଧିକ ସମୟ ବ୍ୟବହାରକଲେ ମେଧା ଶକ୍ତି ହ୍ରାସ ପାଇବା ସହ ମାନସିକ ରୋଗର ଶିକାର ହେବା ଆଶଙ୍କା ରହିଛି। ଏହା ବ୍ୟତୀତ ସେମାନଙ୍କଠାରେ ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ଆକ୍ୱୋଷ୍ଟିକ୍ ନ୍ୟୁରୋମା, ଗ୍ଲାଓମା ଭଳି ବ୍ରେନ୍ ଟ୍ୟୁମର ହେବା ଆଶଙ୍କା ରହିଛି।

**ବ୍ୟବହାରରେ ପରିବର୍ତ୍ତନ:** ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ମୋବାଇଲରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି । ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ଏମିତିକି କାହା କାହା ଠାରେ ଛାନିଆ ଲାଗିବା, ଭୟ, ଆତ୍ମହତ୍ୟା ପ୍ରବଣତା ପ୍ରଭୃତି ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି।

**ନିଦ୍ରାହୀନତା:** ପିଲାମାନେ ରାତିରେ ଦୀର୍ଘ ସମୟ ମୋବାଇଲ ଦେଖିବା ଦ୍ୱାରା ମେଲାଟୋନିନ୍ ହର୍‌ମୋନ କ୍ଷରଣ କମ୍ ହେଉଥିବାରୁ ନିଦ୍ରାହୀନତା ଦେଖାଦିଏ। ଫଳରେ ମସ୍ତିଷ୍କକୁ ଆରାମ ନ ମିଳିବା କାରଣରୁ ଚିଡ଼ିଚିଡ଼ା ଲାଗିବା ସହ କାର୍ଯ୍ୟଦକ୍ଷତା ଓ ସ୍ମରଣ ଶକ୍ତି ହ୍ରାସପାଏ।

**ପ୍ରଭାବିତ ହେଉଛି ପାଠପଢ଼ା:** ମୋବାଇଲରେ ଅଧିକ ସମୟ ବିତାଇବା ଦ୍ୱାରା ପିଲାଙ୍କର ପାଠପଢ଼ା ବ୍ୟାହତ ହୁଏ। ପଢା ସମୟରେ ବାରମ୍ବାର ମୋବାଇଲ୍ ଦେଖିବା ଦ୍ୱାରା ଧ୍ୟାନ ପଢାରୁ ହଟିଯାଏ, ଫଳରେ ପରୀକ୍ଷାରେ ନମ୍ବର ମଧ୍ୟ କମ୍ ଆସେ।

**ଚକ୍ଷୁ ଏବଂ କାନ ସମସ୍ୟାର ବଡ କାରଣ:** ବର୍ତ୍ତମାନ ଅଧିକାଂଶ ପିଲା ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏହାର ସବୁଠୁ ବଡ କାରଣ ହେଉଛି ଅଧିକ ସମୟ ମୋବାଇଲ ବ୍ୟବହାର କରିବା। ସେହିପରି କାନରେ ଇୟର ଫୋନ ଲାଗି ଅଧିକ ସମୟ ଶୁଣିବା ଦ୍ୱାରା ଶ୍ରବଣଶକ୍ତି ହ୍ରାସ ପାଉଛି। କାହା କାହା ଠାରେ ଶୁଣିବାରେ ସାହାଯ୍ୟ କରୁଥିବା ସ୍ନାୟୁତନ୍ତ୍ର ବା ଅଡିଓ ସେନ୍ସୋରୀ ନର୍ଭସ ସିଷ୍ଟମ ନଷ୍ଟ ହୋଇଯିବା କାରଣରୁ ସମ୍ପୂର୍ଣ୍ଣ ଶ୍ରବଣଶକ୍ତି ନଷ୍ଟ ହୋଇଯିବାର ବି ନଜିର ରହିଛି।

**ଉପୁଜୁଛି ସ୍ୱାସ୍ଥ୍ୟ ସମସ୍ୟା:** ଦୀର୍ଘ ସମୟ ମୋବାଇଲ ବ୍ୟବହାର ସମୟରେ କିଏ ଜାକି ହୋଇ ବସେ ତ କିଏ ଖଟରେ ଶୋଇ ଦେଖେ। ଫଳରେ ଶରୀରର ପୋଜିଶନ ବହୁ ସମୟ ପର୍ଯ୍ୟନ୍ତ ଠିକ୍ ନ ରହୁଥିବାରୁ ହାତ, ବେକ, ଅଣ୍ଟା ଆଦିରେ ଚାପ ପଡ଼ିବା ଦ୍ୱାରା ଅଳ୍ପ ବୟସରୁ ସ୍ପଣ୍ଡିଲାଇଟିସ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇ ଥାଏ। ତା'ଛଡା ମୋବାଇଲ୍‌ରେ ଖେଳିବା ନିଶାରେ ପିଲାମନେ ଆଉଟ୍‌ଡୋର୍ ଗେମ୍ ଠାରୁ ଦୂରେଇ ଯାଉଛନ୍ତି ଏମିତିକି ପାର୍କ ଗଲେ ବି ସେଠାରେ ଅନ୍ୟ ପିଲାଙ୍କ ସହ ନ ଖେଳି ସାଙ୍ଗରେ ନେଇ ଖେଳୁଛନ୍ତି। ଏହାଦ୍ୱାରା ଶାରୀରିକ ବ୍ୟାୟାମ ଆଦୌ ନ ହେବା ଦ୍ୱାରା ମେଦବହୁଳତା ସହ ଅଳ୍ପ ବୟସରୁ ଅନ୍ୟାନ୍ୟ ସମସ୍ୟା ଦେଖା ଦେଉଛି।

**- ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ,**
ଶିଶୁରୋଗ ବିଶେଷଜ୍ଞ,
ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର

## ଧ୍ୟାନ ଦିଅନ୍ତୁ

**ଫୋନ୍**‌ରେ ବିଭିନ୍ନ ଭିଡିଓ ଗେମ୍ ତଥା ଅନ୍‌ଲାଇନ ଗେମ୍ ଖେଳିବା, ବିଭିନ୍ନ ଆପତ୍ତିଜନକ ଫଟୋ, ଭିଡିଓ ଆଦି ଦେଖିବା ଦ୍ୱାରା କେତେଜଣ ପିଲା ବିପଥଗାମୀ ହୋଇଥାନ୍ତି। ଏମିତିକି କେବେ କେବେ ଅନ୍‌ଲାଇନ ଠକେଇ, ବ୍ଲାକ୍‌ମେଲିଂ ଆଦିର ଶିକାର ହୋଇ ଆତ୍ମହତ୍ୟା ଭଳି ଭୁଲ୍ ପଦକ୍ଷେପ ନେବାକୁ ବି ପଛାନ୍ତି ନାହିଁ। ଏହା ବ୍ୟତୀତ ବିପଜ୍ଜନକ ସ୍ଥାନରେ ସେଲ୍ଫି ନେବା, ଭିଡିଓ କରିବା ଯୋଗୁ ହେଉ କିମ୍ବା ବିଜୁଳି ଘଡ଼ଘଡ଼ି ସମୟରେ ମୋବାଇଲ ବ୍ୟବହାର ଯୋଗୁ ବିସ୍ଫୋରଣ ଘଟି ଜୀବନହାନି ହେବାର ବି ନଜିର ରହିଛି। ଏସବୁ ଦିଗ ପ୍ରତି ଅଭିଭାବକମାନେ ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ।

- ୨ ବର୍ଷରୁ କମ୍ ଶିଶୁଙ୍କୁ ଆଦୌ ମୋବାଇଲ ଫୋନ୍ ଦେବା ଉଚିତ ନୁହେଁ। ଏହାଠୁ ବଡ଼ ଶିଶୁଙ୍କୁ ଦିନ ଭିତରେ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ମୋବାଇଲ ଦେଇପାରିବେ। ସେହିପରି ୧୬ ବର୍ଷରୁ କମ୍ ପିଲାମାନଙ୍କୁ ମୋବାଇଲ ଦେଉଥିଲେ ସେମାନେ ଏହାକୁ କିପରି ବ୍ୟବହାର କରୁଛନ୍ତି ଦେଖନ୍ତୁ। ସେମାନଙ୍କୁ ମଧ୍ୟ ଆବଶ୍ୟକରୁ ଅଧିକ ସମୟ ବ୍ୟବହାର କରିବାକୁ ମନାକରନ୍ତୁ।

ପିଲାର ବ୍ୟବହାର କୌଣସି ପ୍ରକାର ସନ୍ଦେହଜନକ ମନେହେଲେ ପ୍ୟାରେଣ୍ଟାଲ୍ କଣ୍ଟ୍ରୋଲ ଆପ୍ ଜରିଆରେ ତଦାରଖ କରନ୍ତୁ। ଯଦି ପିଲା ସାଙ୍ଗସାଥୀଙ୍କ ମେଳରେ ମୋବାଇଲର ଅପବ୍ୟବହାର କରୁଥିବା ଜାଣିବାକୁ ପାଆନ୍ତି ତେବେ ଗାଳିମାଡ଼ ଦେବା ପରିବର୍ତ୍ତେ ଏହାର ନକାରାତ୍ମକ ଦିଗ ସମ୍ପର୍କରେ ବୁଝାନ୍ତୁ। ଶିଶୁଟି ପରିବାରର ସମସ୍ତଙ୍କୁ ଯଦି ମୋବାଇଲରେ ମସ୍‌ଗୁଲ୍ ରହିବାର ଦେଖେ ତେବେ ସେ ମଧ୍ୟ ଏହି ମାୟାଜାଲରେ ପ୍ରବେଶକରେ। ବିଜ୍ଞାନର ଦାନକୁ ଦାୟିତ୍ୱର ସହ ବ୍ୟବହାରକଲେ ତାହା ସଭିଙ୍କ ଉନ୍ନତିରେ ସହାୟକ ହେବ।





# ତ୍ୱଚା ପାଇଁ ଉପକାରୀ ପାନମଧୁରୀ





**ନିଜ ସୌନ୍ଦର୍ଯ୍ୟକୁ ନେଇ ମହିଳାମାନେ ବେଶ୍ ସଜାଗ। ସେଥିପାଇଁ ସେମାନେ ତ୍ୱଚାର ବିଭିନ୍ନ ଉପାୟରେ ଯତ୍ନ ନେଇଥାନ୍ତି । ହେଲେ ଆପଣ ଜାଣନ୍ତିକି ପାନମଧୁରୀରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ତତ୍ତ୍ୱ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ ...**

**ଟୋନର:** ଖରାଦିନେ ତ୍ୱଚାର ଗ୍ଲୋ କମିଯାଏ ଏବଂ ଟ୍ୟାନ୍ ସମସ୍ୟା ଦେଖାଦିଏ। ଏହାକୁ ଦୂରକରିବା ଲାଗି ପାନମଧୁରୀକୁ ଟୋନର ଭାବେ ବ୍ୟବହାର କରନ୍ତୁ। ୧ କପ୍ ପାଣିରେ ୨ ଚାମଚ ପାନମଧୁରୀ ପକାଇ ଭଲ ଭାବେ ଫୁଟେଇ ଦିଅନ୍ତୁ। ଭଲଭାବେ ଫୁଟିବା ପରେ ଏହାକୁ ଛାଣି ସେଥିରେ ପାନମଧୁରୀ ତେଲ ଅଧାଚାମଚ ମିଶାନ୍ତୁ। ଏହାକୁ ଥଣ୍ଡାକରି ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ, ଅଳ୍ପଦିନ ମଧ୍ୟରେ ଫରକ ଜାଣିପାରିବେ।

**ନେଇପାରିବେ ଷ୍ଟିମ୍:** ଏକ ବଡ଼ ପାତ୍ରରେ ପାନମଧୁରୀ ନେଇ ଭଲ ଭାବେ ଫୁଟାନ୍ତୁ। ଭଲ ଭାବେ ଗରମହୋଇ ବାମ୍ଫ ବାହାରବା ଆରମ୍ଭ ହେଲେ ମୁଣ୍ଡ ଉପରେ ଟାୱେଲ ରଖି ମୁହଁରେ ଏହାର ଷ୍ଟିମ୍ ନିଅନ୍ତୁ। ଏହା ପରେ ସଫା କପଡ଼ାରେ ମୁହଁ ପୋଛିଦିଅନ୍ତୁ। ଏହା ତ୍ୱଚାରେ ଥିବା ଧୂଳି ଏବଂ ଅପରିଷ୍କାର ପଦାର୍ଥ ବାହାରକରି ତ୍ୱଚାକୁ ସଫା ଏବଂ ଦାଗମୁକ୍ତ କରିବାରେ ସାହାଯ୍ୟକରେ। ସପ୍ତାହରେ ଥରେ କିମ୍ବା ୨ଥର ଏପରି କଲେ ଉପକୃତ ହେବେ।

**ଫେସ୍‌ପ୍ୟାକ୍:** ତ୍ୱଚାରେ ଫେସ୍‌ପ୍ୟାକ୍ ଭାବେ ବ୍ୟବହାରକଲେ ସ୍କିନ୍ ଟୋନ୍ ସହ ଗ୍ଲୋ ବଢ଼ିଥାଏ। ଏଥିପାଇଁ ୨ ଚାମଚ ଓଟ୍‌ମିଲ୍ ସହିତ ୧ ଚାମଚ ପାନମଧୁରୀ ପାଉଡର ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁନ୍ଦର କରିବ।



# କାକୁଡ଼ି ଆଚାର

**ଆବଶ୍ୟକ ସାମଗ୍ରୀ:** ୩ କପ୍ ଗୋଲ କଟା ହୋଇଥିବା କାକୁଡ଼ି, ୩/୪ କପ୍ ଭିନେଗାର, ୧/୨ କପ୍ ଚିନି, ୧/୨ କପ୍ ଲମ୍ବା ଲମ୍ବା କଟାହୋଇଥିବା ପିଆଜ, ଗୋଟିଏ ଲେଖାଏଁ ଗ୍ରୀନ୍ ଏବଂ ରେଡ୍ କ୍ୟାପ୍ସିକମ୍ ଲମ୍ବା ଲମ୍ବା କଟାହୋଇଥିବା, ୧ ଚା'ଚାମଚ ସୋରିଷ ଗୁଣ୍ଡ, ୧/୪ ଚା'ଚାମଚ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ସସ୍‌ପ୍ୟାନ୍‌ରେ ଭିନେଗାର, ଲୁଣ, ଚିନି ପକାଇ ଫୁଟାନ୍ତୁ। ଫୁଟିବା ପରେ ଚୁଲା ସିମ୍‌ରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ୧ କାଚପାତ୍ରରେ କଟା କାକୁଡ଼ି ଏବଂ ଅନ୍ୟ ସମସ୍ତ ସାମଗ୍ରୀ ଏକାଠି କରନ୍ତୁ । ସେଥିରେ ପୂର୍ବ ପ୍ରସ୍ତୁତ ଭିନେଗାର ମିଶ୍ରଣକୁ ପକାଇ ଚାମଚ ସାହାଯ୍ୟରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାକୁ କାଚ ଜାର୍‌ରେ ଭର୍ତ୍ତି କରି ଫ୍ରିଜ୍‌ରେ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କାକୁଡ଼ି ଆଚାର। ଏହାକୁ ଖାଇବାର ମଜା ନିଅନ୍ତୁ।



# ଚେନ୍ନାଇକୁ ପଞ୍ଚମ ଟାଇଟଲ



ଆଇପିଏଲ୍ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ।

**ଅହମଦାବାଦ, ୨୯।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ଶ ସଂସ୍କରଣରେ ବିଜୟ ମୁକୁଟ ପିନ୍ଧିଛି ଚେନ୍ନାଇ ସୁପର କିଙ୍ଗ୍ସ। ସୋମବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ମେଗା ଫାଇନାଲରେ ଏହି ଦଳ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସକୁ ୫ ଉଇକେଟରେ ପରାସ୍ତ କରିଛି। ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ଚେନ୍ନାଇ ସମ୍ମୁଖରେ ୧୫ ଓଭରରେ ୧୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ଏହି ଦଳ ୫ ଉଇକେଟ ହରାଇ ଶେଷ ବଲ୍‌ରେ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ୬ ବଲ୍‌ରୁ ୧୫ ରନର ଛୋଟ ଇନିଂସ ଖେଳିଥିଲେ ହେଁ ପ୍ରଶଂସାର ହକ୍‌ଦାର ହୋଇଥିଲେ ରବୀନ୍ଦ୍ର ଜାଡେଜା। ସେ କ୍ରମାଗତ ୨ଟି ବଲ୍‌ରେ ଛକା ଓ ଚୌକା ମାରି ଚେନ୍ନାଇକୁ ଚାମ୍ପିୟନ କରାଇଥିଲେ। ଶିବମ ଦୁବେ ୨୧ ବଲ୍‌ରୁ ୩୨ (୨ ଛକା) ରନକରି ଅପରାଜିତ ରହିଥିଲେ। ରବିବାର ବର୍ଷା 'ଯୋଗୁ ଖେଳ ସମ୍ଭବ ହୋଇ ନ ଥିବାରୁ ସୋମବାର ରିଜର୍ଭ ଦିବସରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏହାକୁ ମିଶାଇ ଚେନ୍ନାଇ ୫ ଥର ଟାଇଟଲ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସର ସମକକ୍ଷ ହୋଇଛି। ପୂର୍ବରୁ ଏହି ଦଳ ୨୦୧୦, ୨୦୧୧, ୨୦୧୮ ଓ ୨୦୨୧ରେ ଚାମ୍ପିୟନ ହୋଇଥିଲା। ଏଥର ତାହାର ପୁନରାବୃତ୍ତି କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ସୁପର କିଙ୍ଗ୍ସ।

ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଗୁଜରାଟ ଏଠାରେ ମଧ୍ୟ ଭଲ ଆରମ୍ଭ କରିଥିଲା। ଟପ୍ ଫର୍ମରେ ଥିବା ଶୁବମନ ଗିଲ୍ ଏବଂ ଋଦ୍ଧିମାନ ଶାହା ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଗୁଜରାଟର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୪୨ ବଲ୍‌ରୁ ୬୭ ରନ ସଂଗ୍ରହ କରିଥିଲେ। ୭ମ ଓଭରର ଶେଷ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଗିଲ୍‌ଙ୍କୁ ଧୋନୀ ଷ୍ଟମ୍ପିଂ କରି ଦେଇଥିଲେ। ଫଳରେ ଚେନ୍ନାଇକୁ ପ୍ରଥମ ବ୍ରେକ୍ ଥ୍ରୁ ମିଳିଥିଲା। ଗିଲ୍ ୨୦ ବଲ୍‌ରୁ ୩୯ (୭ ଚୌକା) ରନ କରିଥିଲେ। ତାଙ୍କ ସ୍ଥାନରେ ସାଇ ସୁଦର୍ଶନ କ୍ରିଜରେ ଯୋଗଦେଇ ଶାହାଙ୍କ ସହ ଇନିଂସ ଆଗେଇ ନେଇଥିଲେ। ଇତିମଧ୍ୟରେ ଶାହା ଉପଯୋଗୀ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୪୨ ବଲ୍‌ରୁ ୬୪ ରନର ଭାଗୀଦାରି ଗଢ଼ିବାପରେ ଶାହା ବ୍ୟକ୍ତିଗତ ୫୪ (୩୯ ବଲ୍, ୫ ଚୌକା, ୧ ଛକା) ରନକରି ପ୍ୟାଭିଲିୟନ ଫେରିଥିଲେ। ସୁଦର୍ଶନ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ସେ ଯଦିଓ ମାତ୍ର ୪ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ତୃତୀୟ ଉଇକେଟରେ ମାତ୍ର ୩୩ ବଲ୍‌ରୁ ୮୧ ରନ ଯୋଗକରି ଗୁଜରାଟ ଇନିଂସକୁ ୨୦୦ ଅତିକ୍ରମ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମଥିସା ପଥିରାନାଙ୍କ ଶେଷ ଓଭରର ପ୍ରଥମ ଦୁଇଟି ବଲ୍‌କୁ ଛକାରେ ପରିଣତ କରିବାପରେ ସେ ୟର୍କର ଲେନ୍ଥ ତୃତୀୟ ବଲ୍‌କୁ ଖେଳିବା ଅବସରରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ଡିଆରଏସ୍‌ର ସହାୟତା ନିଆ ଯାଇଥିଲେ ହେଁ ନିଷ୍ପତ୍ତି ବୋଲରଙ୍କ ସପକ୍ଷରେ ଯାଇଥିଲା। ୪୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୁଦର୍ଶନ ୮ ଚୌକା ଓ ୬ ଛକା ସହାୟତାରେ ୯୬ ରନ ସ୍କୋର କରିଥିଲେ। ହାର୍ଦ୍ଦିକ ୧୨ ବଲ୍‌ରୁ ୨ ଛକା ସହାୟତାରେ ୨୧ ରନକରି ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ମଥିସା ପଥିରାନା ୨ଟି ଏବଂ ଦୀପକ ଚହର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଇନିଂସ ଆରମ୍ଭରେ ମାତ୍ର ୩ଟି ବଲ୍ ପଡ଼ିଥିବାବେଳେ ବର୍ଷା ହୋଇଥିଲା। ସେତେବେଳକୁ ଚେନ୍ନାଇ ୪ ରନ କରିଥିଲା। ବର୍ଷା ଛାଡ଼ିବାପରେ ୧୨ଟା ୧୦ରେ ଖେଳ ଆରମ୍ଭ ହୋଇଥିଲା। ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ଚେନ୍ନାଇ ଆଗରେ ୧୫ ଓଭରରେ ୧୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଋତୁରାଜ ଗାଏକ୍ୱାଡ୍ ଓ ଡେଭନ କନୱେ ଚେନ୍ନାଇପାଇଁ ଭଲ ଆରମ୍ଭ କରିଥିଲେ। ୬ ଓଭରରେ ଦୁହେଁ ଦଳର ରନ୍‌କୁ ବିନା କ୍ଷତିରେ ୭୨ରେ ପହଞ୍ଚାଇ ଦେଇଥିଲେ। ୭ମ ଓଭରର ତୃତୀୟ ବଲ୍‌ରେ ଋତୁରାଜଙ୍କୁ ଆଉଟ କରି ଗୁଜରାଟକୁ ବ୍ରେକ୍ ଥ୍ରୁ ଦେଇଥିଲେ ନୁର ଅହମଦ। ଋତୁରାଜ ୧୬ ବଲ୍‌ରୁ ୨୬ (୩ ଚୌକା, ୧ ଛକା) ରନ କରିଥିଲେ। ସେହି ଓଭରର ୬ଷ୍ଠ ବଲ୍‌ରେ ସେଟ୍ ବ୍ୟାଟର କନ୍‌ୱେଙ୍କୁ ଆଉଟ କରି ନୁର୍ ଚେନ୍ନାଇକୁ ଡବଲ୍ ଝଟ୍‌କା ଦେଇଥିଲେ। କନୱେ ୨୫ ବଲ୍‌ରୁ ୪୭ (୪ ଚୌକା, ୨ ଛକା) ରନ କରିଥିଲେ। କ୍ୟାରିୟରର ଶେଷ ମ୍ୟାଚ ଖେଳିଥିବା ଅମ୍ବାତି ରାୟୁଡୁ ଛୋଟ ଇନିଂସ ଖେଳିଥିଲେ ହେଁ ଏହାକୁ ସ୍ମରଣୀୟ କରିଥିଲେ। ସେ ୮ ବଲ୍‌ରୁ ୧୯ ରନ ମଧ୍ୟରେ ଗୋଟିଏ ଚୌକା ଓ ୨ଟି ଛକା ମାରିଥିଲେ। ସେହିପରି ଅଜିଙ୍କ୍ୟ ରାହାନେ ୧୩ ବଲ୍‌ରୁ ୨୭ (୨ ଚୌକା, ୨ ଛକା) ରନର ଉପଯୋଗୀ ଇନିଂସ ଖେଳିଥିଲେ। ୧୪ ବଲରୁ ୨୨ ରନ ଆବଶ୍ୟକ ଥିବାବେଳେ କ୍ରିଜ୍‌କୁ ଆସିଥିଲେ ଧୋନୀ। ମାତ୍ର ସେ ଖାତା ଖୋଲିବା ପୂର୍ବରୁ ଗୋଲ୍ଡେନ୍ ଡକ୍(୦)ରେ ଆଉଟ ହୋଇଥିଲେ। ମୋହିତ କ୍ରମାଗତ ବଲ୍‌ରେ ଉଇକେଟ ନେଇ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ମୋହିତଙ୍କ ଶେଷ ଓଭରରୁ ଚେନ୍ନାଇକୁ ବିଜୟ ପାଇଁ ୧୩ ରନ ଆବଶ୍ୟକ ହେଉଥିଲା। ପ୍ରଥମ ୪ଟି ବଲ୍‌ରୁ ମାତ୍ର ୩ ରନ ଆସିଥିଲା। ମାତ୍ର ୫ମ ବଲ୍‌କୁ ଛକା ଏବଂ ୬ଷ୍ଠ ବଲ୍‌କୁ ଚୌକାରେ ପରିଣତ କରି ରବୀନ୍ଦ୍ର ଜାଡେଜା ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ଏହାପରେ ଚେନ୍ନାଇର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।



ଚେନ୍ନାଇକୁ ଜିତାଇବା ପରେ ଧୋନିଙ୍କ ଉପରକୁ ଡେଇଁ ପଡ଼ିଛନ୍ତି ଜାଡେଜା।

## ଅରେଞ୍ଜ କ୍ୟାପ୍

| କ୍ରମାଙ୍କ | ଖେଳାଳି | ମ୍ୟାଚ୍ | ରନ୍ | ଆଭରେଜ୍ |
|---|---|---|---|---|
| ୧ | ଶୁବମନ ଗିଲ୍ | ୧୭ | ୮୯୦ | ୫୯.୩୩ |
| ୨ | ଫାଫ୍ ଡୁ ପ୍ଲେସି | ୧୪ | ୭୩୦ | ୫୬.୧୫ |
| ୩ | ଡେଭନ୍ କନ୍‌ୱେ | ୧୬ | ୬୭୨ | ୫୧.୬୯ |
| ୪ | ବିରାଟ କୋହଲି | ୧୪ | ୬୩୯ | ୫୩.୨୫ |
| ୫ | ଯଶସ୍ୱୀ ଜୟସ୍ୱାଲ | ୧୪ | ୬୨୫ | ୪୮.୦୭ |

## ପର୍ପଲ କ୍ୟାପ୍

| କ୍ରମାଙ୍କ | ଖେଳାଳି | ମ୍ୟାଚ୍ | ଉଇକେଟ | ଆଭରେଜ୍ |
|---|---|---|---|---|
| ୧ | ମହମ୍ମଦ ଶାମି | ୧୭ | ୨୮ | ୧୮.୬୧ |
| ୨ | ମୋହିତ ଶର୍ମା | ୧୪ | ୨୭ | ୧୩.୩୭ |
| ୩ | ରଶିଦ୍ ଖାନ୍ | ୧୭ | ୨୭ | ୨୦.୪୪ |
| ୪ | ପୀୟୂଷ ଚାୱଲା | ୧୬ | ୨୨ | ୨୨.୫୦ |
| ୫ | ୟୁଜବେନ୍ଦ୍ର ଚହଲ | ୧୪ | ୨୧ | ୨୦.୫୭ |

## ସର୍ବାଧିକ ଚୌକା

| କ୍ରମାଙ୍କ | ଖେଳାଳି | ମ୍ୟାଚ୍ | ଚୌକା | ରନ୍ |
|---|---|---|---|---|
| ୧ | ଶୁବମନ ଗିଲ୍ | ୧୭ | ୮୫ | ୮୫୧ |
| ୨ | ଯଶସ୍ୱୀ ଜୟସ୍ୱାଲ | ୧୪ | ୮୨ | ୬୨୫ |
| ୩ | ଡେଭନ୍ କନ୍‌ୱେ | ୧୬ | ୭୭ | ୬୭୨ |
| ୪ | ଡେଭିଡ୍ ୱାର୍ନର | ୧୪ | ୬୯ | ୫୧୬ |
| ୫ | ବିରାଟ କୋହଲି | ୧୪ | ୬୫ | ୬୩୯ |

## ସର୍ବାଧିକ ଛକା

| କ୍ରମାଙ୍କ | ଖେଳାଳି | ମ୍ୟାଚ୍ | ଛକା | ରନ୍ |
|---|---|---|---|---|
| ୧ | ଫାଫ୍ ଡୁ ପ୍ଲେସି | ୧୪ | ୩୬ | ୭୩୦ |
| ୨ | ଶିବମ ଦୁବେ | ୧୬ | ୩୫ | ୪୧୬ |
| ୩ | ଶୁବମନ ଗିଲ୍ | ୧୭ | ୩୩ | ୮୯୦ |
| ୪ | ଗ୍ଲେନ୍ ମ୍ୟାକ୍ସୱେଲ | ୧୪ | ୩୧ | ୪୦୦ |
| ୫ | ଋତୁରାଜ ଗାଏକ୍ୱାଡ | ୧୬ | ୩୦ | ୫୯୦ |

## ସର୍ବାଧିକ ଶତକ

| କ୍ରମାଙ୍କ | ଖେଳାଳି | ମ୍ୟାଚ୍ | ଶତକ | ରନ୍ | ସର୍ବାଧିକ ସ୍କୋର |
|---|---|---|---|---|---|
| ୧ | ଶୁବମନ ଗିଲ୍ | ୧୭ | ୩ | ୮୫୧ | ୧୨୯ |
| ୨ | ବିରାଟ କୋହଲି | ୧୪ | ୨ | ୬୩୯ | ୧୦୧ |
| ୩ | ଯଶସ୍ୱୀ ଜୟସ୍ୱାଲ | ୧୪ | ୧ | ୬୨୫ | ୧୨୪ |
| ୪ | ସୂର୍ଯ୍ୟକୁମାର ଯାଦବ | ୧୬ | ୧ | ୬୦୫ | ୧୦୩ |
| ୫ | କାମେରନ୍ ଗ୍ରୀନ୍ | ୧୬ | ୧ | ୪୫୨ | ୧୦୦ |
| ୬ | ହେନରିଚ୍ କ୍ଲାସେନ୍ | ୧୨ | ୧ | ୪୪୮ | ୧୦୪ |
| ୭ | ଭେଙ୍କଟେଶ ଆୟାର | ୧୪ | ୧ | ୪୦୪ | ୧୦୪ |
| ୮ | ପ୍ରଭସିମରନ୍ ସିଂ | ୧୪ | ୧ | ୩୫୮ | ୧୦୩ |
| ୯ | ହ୍ୟାରୀ ବ୍ରୁକ୍ | ୧୧ | ୧ | ୧୯୦ | ୧୦୦ |

# କିଟ୍ ମହିଳା ରୋଇଂ ଦଳକୁ ରୌପ୍ୟ

## ଲାଲୁ ପ୍ରସାଦଙ୍କୁ ରୌପ୍ୟ, ଅଭିଷେକଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ର ମହିଳା ରୋଇଂ ଦଳ ରୌପ୍ୟ ପଦକ ହାସଲ କରିଛି। ମହିଳା ୨୦୦୦ ମିଟର (ଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ଅବିନାଶ କୌର ଓ ଅରୁନ୍‌ପ୍ରୀତ କୌର ଏହି ସଫଳତା ପାଇଛନ୍ତି। ଏହି ବିଶ୍ୱବିଦ୍ୟାଳୟର ଲାଲୁ ପ୍ରସାଦ ଭୋଇ ପୁରୁଷ ୧୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଅଭିଷେକ ଦଳବେହେରା ପୁରୁଷ ୧୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଲାଲୁ ପ୍ରସାଦ ୧୦.୬୦ ଓ ଅଭିଷେକ ୧୦.୭୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟେନିସ ସେମିଫାଇନାଲରେ କିଟ୍ ଦଳ ୧-୨ରେ ଆନ୍ନା ବିଶ୍ୱବିଦ୍ୟାଳୟଠାରୁ ହାରି ଯାଇଛି। ମଙ୍ଗଳବାର ବ୍ରୋଞ୍ଜ ପଦକ ମ୍ୟାଚରେ ଏହି ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଭେଟିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳ ୪-୩ ଗୋଲରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।



ପଦକ ପ୍ରଦର୍ଶନ କରୁଛନ୍ତି ଅବିନାଶ କୌର ଓ ଅରୁନ୍‌ପ୍ରୀତ୍ କୌର।

## ଆଇପିଏଲ ପୁରସ୍କାର ତାଲିକା

ସୁପର ଷ୍ଟ୍ରାଇକର ଅଫ୍ ଦ ମ୍ୟାଚ୍: ଅଜିଙ୍କ୍ୟ ରାହାନେ
ଗେମ୍ ଚେଞ୍ଜର ଅଫ୍ ଦ ମ୍ୟାଚ୍: ସାଇ ସୁଦର୍ଶନ
ଭ୍ୟାଲୁଏବଲ ଆସେଟ୍ ଅଫ୍ ଦ ମ୍ୟାଚ୍:ସାଇ ସୁଦର୍ଶନ
ମ୍ୟାଚର ସର୍ବାଧିକ ଚୌକା: ସାଇ ସୁଦର୍ଶନ
ମ୍ୟାଚର ଲମ୍ବା ଛକା: ସାଇ ସୁଦର୍ଶନ(୯୭ ମିଟର)
ଆକ୍ଟିଭ୍ କ୍ୟାଚ୍ ଅଫ୍ ଦ ମ୍ୟାଚ୍: ମହେନ୍ଦ୍ର ସିଂ ଧୋନୀ
ପ୍ଲେୟର୍ ଅଫ୍ ଦ ମ୍ୟାଚ୍: ଡେଭନ୍ କନୱେ
ଇମର୍ଜିଂ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ: ଯଶସ୍ୱୀ ଜୟସ୍ୱାଲ
ଷ୍ଟ୍ରାଇକର ଅଫ୍ ଦ ଟୁର୍ନାମେଣ୍ଟ: ଗ୍ଲେନ୍ ମ୍ୟାକ୍ସୱେଲ
ଗେମ୍ ଚେଞ୍ଜର ଅଫ୍ ଦ ଟୁର୍ନାମେଣ୍ଟ: ଶୁବମନ ଗିଲ୍
ଭ୍ୟାଲୁଏବଲ ଆସେଟ୍ ଅଫ୍ ଦ ଟୁର୍ନାମେଣ୍ଟ: ଶୁବମନ ଗିଲ
ଟୁର୍ନାମେଣ୍ଟର ସର୍ବାଧିକ ଚୌକା: ଶୁବମନ ଗିଲ
ଟୁର୍ନାମେଣ୍ଟର ଲମ୍ବା ଛକା: ଫାଫ୍ ଡୁ ପ୍ଲେସି(୧୧୫ ମିଟର)
ଆକ୍ଟିଭ୍ କ୍ୟାଚ୍ ଅଫ୍ ଦ ଟୁର୍ନାମେଣ୍ଟ:ରଶିଦ୍ ଖାନ୍
ଫେୟାର ପ୍ଲେ ଆୱାର୍ଡ: ଦିଲ୍ଲୀ କ୍ୟାପିଟାଲ୍ସ
ପର୍ପଲ କ୍ୟାପ୍: ମହମ୍ମଦ ଶାମି(୨୮ ଉଇକେଟ)
ଅରେଞ୍ଜ କ୍ୟାପ୍: ଶୁବମନ ଗିଲ(୮୯୦ ରନ୍)
ଗ୍ରାଉଣ୍ଡ ଆୱାର୍ଡ: ଇଡେନ୍ ଗାର୍ଡେନ୍ସ ଓ ୱାଙ୍ଖେଡେ ଷ୍ଟାଡିୟମ
ରନର ଅପ୍: ଗୁଜରାଟ ଟାଇଟନ୍ସ(୧୨.୫ କୋଟି ଓ ଟ୍ରଫି)।
ଚାମ୍ପିୟନ: ଚେନ୍ନାଇ ସୁପର କିଙ୍ଗ୍ସ(୨୦ କୋଟି ଓ ଟ୍ରଫି)।

## ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୯।୫ (କ୍ରୀଡ଼ା ପ୍ରତିନିଧି):** ଉତ୍ତର ପ୍ରଦେଶର ଗ୍ରେଟର୍ ନଏଡାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ସୁଇମିଂ ଇଭେଣ୍ଟରେ ଓଡ଼ିଶାର ପ୍ରତ୍ୟାଶା ରାୟ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ସୋମବାର ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୩୧.୯୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଏହାକୁ ମିଶାଇ ପ୍ରତ୍ୟାଶା ୨ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ସେ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟର ଫ୍ରିଷ୍ଟାଇଲ, ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଓ ୨୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିଲେ।

# ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨୯।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଦୁଇ ଦିନିଆ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନପ ଜିମ୍ ଓ କ୍ଲବରୁ ବିଭିନ୍ନ ବିଭାଗରେ ମୋଟ ୧୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଉତ୍କଳ କରାଟେ ଜିମ୍ ୩୪ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ସେଣ୍ଟର ସିଟି ଜିମ୍ ୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ୟୁନିକ୍ ଫିଟ୍‌ନେସ ଜିମ୍ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ରାଜ୍ୟ ସଂଘ ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲା ସଂଘର ସମ୍ପାଦକ ସମରେନ୍ଦ୍ର ରାଉତରାୟ, କୋଷାଧ୍ୟକ୍ଷ ପ୍ରଦୀପ ପାତ୍ର, କୃଷ୍ଣ ଚନ୍ଦ୍ର ସାହୁ, ରାକେଶ ଶତପଥୀ, ଶକ୍ତିରଞ୍ଜନ ବାରିକ, ଅନୁପମା ସ୍ୱାଇଁ, ଗୌରି ମହାନ୍ତି, ହିମାଂଶୁ ଶେଖର ଦାସ, ଜାଭେଦ ଅର୍ସଦ ଓ ଦେବାଶିଷ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାର ଉଦ୍‌ଯାପନୀ ପରେ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ